Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 257
Monday, 24 November 2025
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୨୪ ନଭେମ୍ବର, ୨୦୨୫
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଏମ୍‌ଏସ୍‌ପିରେ ମିଳିବ ବାଲି

ଭୁବନେଶ୍ୱର, ୨୩/୧୧ (ଆ.ପ୍ର) : ରାଜ୍ୟରେ ବନ୍ଦ ହେବ ବାଲି ମାଫିଆଙ୍କ ମନମାନି । ଆଉ ହେବନି ବାଲି କିମ୍ବା ମୋରମ ଭଳି ଲଘୁ ଖଣିଜଦ୍ରବ୍ୟ ଇ-ଅକ୍ସନ । ଏଣିକି ଇ-ଲଟେରି ମାଧ୍ୟମରେ ହେବ ଲଘୁ ଖଣି ଲିଜ୍ । ରାଜ୍ୟରେ ଲାଗୁ ହେବ ବାଲିର ଗଞ୍ଚେ । ସବୁଠି ସମାନ ଦରରେ ବିକ୍ରି ହେବ ବାଲି । ସାବାଡ଼ ହେବେ ବାଲିମାଫିଆ । ମନଇଚ୍ଛା ବାଲିର ରେଟ୍ ବଢ଼ାଇ ଗ୍ରାହକଙ୍କୁ ଲୁଟି ପାରିବେନି ଲିଜଧାରୀ । ଗତ ୨୧ ତାରିଖରେ ରାଜ୍ୟ କ୍ୟାବିନେଟରେ ହୋଇଥିବା ଏଭଳି ନିଷ୍ପତ୍ତି ପରେ ବାଲିମାଫିଆ ଓ ଲିଜଧାରୀଙ୍କ ହୃତସ୍ପନ୍ଦନ ବଢ଼ିଯାଇଛି । ଆଗରୁ ଲିଜଧାରୀମାନେ ବାଲି ସୈରାତ୍ ଇ-ଅକ୍ସନରେ ନେଇ ଗ୍ରାହକଙ୍କୁ ମନଇଚ୍ଛା ଦରରେ ବିକ୍ରୀ କରୁଥିଲେ ଲିଜଧାରୀ । ତେବେ ଏଥିରେ ଲଗାମ ଆଣିବା ଲାଗି ରାଜ୍ୟ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି । ଚୋରା ଖଣିଜ ପଦାର୍ଥର ବେଆଇନ୍ ଚାଲାଣ ଓ ଖନନକୁ ରୋକିବା ପାଇଁ ଓଡିଶା ଖଣିଜ ପଦାର୍ଥ ନିୟମାବଳୀ-୨୦୨୫ର ପ୍ରଣୟନ କରାଯାଇଛି । ସେପଟେ ପୁରୁଣା ନିୟମାବଳୀ ୨୦୦୭କୁ ଉଚ୍ଛେଦ କରାଯିବା ସହ ୨୦୧୬ ନିୟମକୁ ସଂଶୋଧନ କରିଛନ୍ତି ରାଜ୍ୟ ସରକାର । ଏହି ନିୟମ ଲାଗୁହେବା ପରେ ଏଣିକି ଇ-ଅକ୍ସନ ପରିବର୍ତ୍ତେ ଇ-ଲଟେରୀ ମାଧ୍ୟମରେ ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ଦିଆଯିବ । ଏଭଳି ନିୟମ କାର୍ଯ୍ୟକାରୀ ହେବା ଦ୍ୱାରା ସରକାର ବାଲିର ଗଞ୍ଚେ ଲାଗୁ କରିବେ ସରକାର । ଗଞ୍ଚେ ଦରରେ ଲିଜଧାରୀ ବିକ୍ରୀ କରିବେ ବାଲି । ଆଉ ଏଥିରୁ ଲାଭବାନ ହେବେ ଗ୍ରାହକ । ତେଣେ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସହଜରେ ଗ୍ରହଣ କରିପାରିନାହାଁନ୍ତି ବିରୋଧୀ । ଏହାକୁ ଖୋଲାଖୋଲି ବିରୋଧ କରିଛନ୍ତି କଂଗ୍ରେସ ଏବଂ ବିଜେଡି । ଦୁଇ ଦଳ ଅଭିଯୋଗ କରିଛନ୍ତି, ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି କେବଳ ନିଜ ଦଳର ଲୋକଙ୍କୁ ପୋଷିବା ପାଇଁ କରାଯାଇଛି । ପ୍ରକୃତରେ ଲୋକେ କେତେ ସୁଲଭ ମୂଲ୍ୟରେ ବାଲି କିଣିବେ ତାହା ଆଗାମୀ ଦିନରେ ଜଣାପଡିବ । ବାଲି ଭଳି ଲଘୁ ଖଣିଜ ଦ୍ରବ୍ୟର ଲିଜ ଏବଂ ଗଞ୍ଚେ ଧାର୍ଯ୍ୟ କରିବା ଘଟଣାକୁ ଲିଜଧାରୀ ସ୍ୱାଗତ କରିଛନ୍ତି । ହେଲେ ଇ-ଲଟେରୀ ସ୍ୱଚ୍ଛ ହେବା ଦରକାର ବୋଲି ଯୁକ୍ତି ବାଢ଼ିଛନ୍ତି ଲିଜଧାରୀ । ସେହିପରି ବେଆଇନ୍ ଘାଟ ବନ୍ଦ ଦିଗରେ ସରକାର ପଦକ୍ଷେପ ନେବା ଉଚିତ୍ ବୋଲି କିଛି ମତ ଦେଉଛନ୍ତି । ଏବେ ଦେଖିବା କଥା କ୍ୟାବିନେଟର ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବାଲି ଚୋରି ଓ ବେଆଇନ୍ ଚାଲାଣକୁ ରୋକିବାରେ କେତେ ସଫଳ ହେଉଛି ଏବଂ ଏହାଦ୍ୱାରା ସାଧାରଣ ଗ୍ରାହକ କେତେ ଉପକୃତ ହେଉଛନ୍ତି ।

ସୁଜାତା ଉତ୍ତରାଧିକାରୀ ହେବା ଚର୍ଚ୍ଚାକୁ ଦେବୀଙ୍କ ବଳ

ଭୁବନେଶ୍ୱର, ୨୩/୧୧ (ଆ.ପ୍ର) : ବିଜୁ ଜନତା ଦଳର ଉତ୍ତରାଧିକାରୀ ଘୋଷଣାକୁ ନେଇ ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ରଙ୍କ ବଡ଼ ବୟାନ । ଏ ନେଇ ଯଦି ସେଭଳି କିଛି ବିଧିବଦ୍ଧ ନିଷ୍ପତ୍ତି ହୁଏ ବା ଦଳର ସଭାପତି ନିର୍ଦ୍ଦେଶ ଦିଅନ୍ତି ତେବେ ସମସ୍ତେ ଜାଣି ପାରିବେ । ଦେବୀ ମିଶ୍ରଙ୍କ ଏଭଳି ମନ୍ତବ୍ୟ ପରେ ବିଜେଡିର ଉତ୍ତରାଧିକାରୀ ଘୋଷଣା ଚର୍ଚ୍ଚାକୁ ଆହୁରି ବଳ ମିଳିଛି । ଦଳର ପ୍ରତିଷ୍ଠା ଦିବସରେ ପ୍ରବେଶ କରିବେ କି ସୁଜାତା କାର୍ତ୍ତିକେୟନ ? ନେବେ କି ବିଜେଡିର ନେତୃତ୍ୱ ? ଡିସେମ୍ବର ୨୬ ବିଜେଡି ପ୍ରତିଷ୍ଠା ଦିବସରେ ସୁପ୍ରିମୋ ନବୀନ ପଟ୍ଟନାୟକ କରିପାରନ୍ତି ଉତ୍ତରାଧିକାରୀ ଘୋଷଣା । ସୁଜାତାଙ୍କୁ ଦେଇପାରନ୍ତି ଦଳର ଦାୟିତ୍ୱ । ନେତା ଓ କର୍ମୀଙ୍କ ଠାରୁ ଆରମ୍ଭ କରି ବରିଷ୍ଠଙ୍କ ଯାଏ ସମସ୍ତଙ୍କ ଭିତରେ ଉତ୍ତରାଧିକାରୀ ଚୟନକୁ ନେଇ ଅନେକ ପ୍ରଶ୍ନ । ଯେହେତୁ ପାଣ୍ଡିଆନ୍ ଦମ୍ପତି ଛାଇ ଭଳି ନବୀନଙ୍କ ପାଖରେ ଅଛନ୍ତି ସେଥିପାଇଁ ଚର୍ଚ୍ଚା ଅଧିକ ହେଉଛି । ୨୦୨୪ ନିର୍ବାଚନରେ ଦଳ ବିପର୍ଯ୍ୟୟର କାରଣ ପାଣ୍ଡିଆନ୍‌ଙ୍କୁ ଦର୍ଶାଇ ନେତା ବିଦ୍ରୋହ କରିଥିଲେ । ଯେଉଁଥିପାଇଁ ସୁଜାତାଙ୍କ ଏଣ୍ଟ୍ରି ନେଇ ଅନ୍ଧୁଆ ବଢିଥିଲା । ମାତ୍ର ଏବେ ନୂଆପଡା ଉପନିର୍ବାଚନରେ ପାଣ୍ଡିଆନ୍ ସାମ୍ନାକୁ ନଆସିବା ଓ ନବୀନ ବରିଷ୍ଠ ନେତାଙ୍କୁ ଦାୟିତ୍ୱ ଦେବା ପରେ ବି ଦଳ ୩ ନମ୍ବରରେ ରହିଲା । ଯେଉଁଥିପାଇଁ ଏବେ ବିଦ୍ରୋହୀ ନେତା ବି ମୁହଁ ଖୋଲି ପାରୁନାହାଁନ୍ତି । ଆଉ ଏହି ସନ୍ଧିକାଳରେ ସୁଜାତା ଦଳ ପ୍ରବେଶ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଦଳର କିଛି ବରିଷ୍ଠ ଗୋଷ୍ଠୀ ସୁଜାତାଙ୍କ ଗୃହ ପ୍ରବେଶକୁ ଭିତିରି ସମର୍ଥନ ଦେବା ବି ଆରମ୍ଭ କଲେଣି । ଆଉ କିଛି କହୁଛନ୍ତି ଉତ୍ତରାଧିକାରୀ କିଏ ହେବ ସେ ନିଷ୍ପତ୍ତି ନବୀନ ବାବୁ ଘୋଷଣା କରିବେ । ତେବେ ସୁଜାତା ବିଜେଡିର ଉତ୍ତରାଧିକାରୀ ହେବେ କି ବୋଲି ପ୍ରଶ୍ନର ଉତ୍ତରରେ ଦେବୀ ମିଶ୍ର ନା ହଁ କହିଥିଲେ ନା ନାହିଁ କହିଥିଲେ । ନବୀନ କିନ୍ତୁ ପୂର୍ବରୁ କହିସାରିଛନ୍ତି ମୋ ଉତ୍ତରାଧିକାରୀ ଓଡିଶାବାସୀ ବାଛିବେ । ମାତ୍ର ଏବେ ଦଳର ବିପର୍ଯ୍ୟୟ ଘଟିଥିବାରୁ ଆଉ ସେ ସ୍ଥିତି ନାହିଁ । ଦିନ ଥିଲା ତୁଣ୍ଡ ଖୋଲିଲେ ମୁଣ୍ଡ ଗଡିବା ଭୟରେ ନେତାଏ ଚୁପ୍ ରହି ନବୀନ ଓ ପାଣ୍ଡିଆନ୍‌ଙ୍କ ନିଷ୍ପତ୍ତିକୁ ମାନିନେଉଥିଲେ । ମାତ୍ର ଏବେ ପ୍ରତିଦିନ ବରିଷ୍ଠ ମୁହଁ ଖୋଲି ଦଳ ବିରୋଧରେ ଓ ନେତୃତ୍ୱକୁ ନେଇ ଚାଲେଞ୍ଜ ଦେଉଛନ୍ତି । ଏଭଳିସ୍ଥଳେ ନବୀନଙ୍କ ନିଷ୍ପତ୍ତି ଯଦି ପାଣ୍ଡିଆନ ଦମ୍ପତି ସପକ୍ଷରେ ଯାଏ ତେବେ ଦଳରେ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବିଦ୍ରୋହ ଡାକରା ଦେଇପାରନ୍ତି । ଯାହାକି ଦଳକୁ ଦୋହଲାଇଦେବା ସହ ବିଭାଜିତ କରିଦେଇପାରେ ବୋଲି ମତ ଦେଉଛନ୍ତି ରାଜନୈତିକ ସମୀକ୍ଷକ । ଏହାରି ଭିତରେ ସୁଜାତାଙ୍କ ରାଜ୍ୟସଭା ଯିବା ନେଇ ବି ଚର୍ଚ୍ଚା ଆରମ୍ଭ ହୋଇଛି । ଆସନ୍ତା ବର୍ଷ ଖାଲି ହେବାକୁ ଯାଉଛି ୩ ରାଜ୍ୟସଭା ଆସନ । ସଂଖ୍ୟା ଦୃଷ୍ଟିରୁ ଗୋଟିଏ ଆସନ ବିଜେଡି ଭାଗରେ ପଡିବା ସମ୍ଭାବନା ଥିବାରୁ ସୁଜାତା ଏଥିରେ ଯିବେ ବୋଲି କୁହାଯାଉଛି । ତେବେ ଏସବୁ ଚର୍ଚ୍ଚାର ଅବସାନ ସେତିକି ବେଳେ ଘଟିବ ଯେତିକି ବେଳେ ନବୀନ ମୁହଁ ଖୋଲି ସ୍ପଷ୍ଟୀକରଣ ରଖିବେ ।

ପାକିସ୍ତାନର ନୁହେଁ ପୁଣିଥରେ ଭାରତର ହୋଇପାରେ ସିନ୍ଧ୍ ପ୍ରଦେଶ, ବଦଳି ଯାଇପାରେ ସୀମା : ରାଜନାଥ

ନୂଆଦିଲ୍ଲୀ, ୨୩/୧୧(ନ୍ୟୁ.ଏ): ସିନ୍ଧ୍ ପ୍ରଦେଶ ଭାରତର ଅଂଶ ନୁହେଁ, କିନ୍ତୁ ହୁଏତ ଆଗକୁ ସୀମା ବଦଳିପାରେ । ଏହି ଅଂଚଳ ଭାରତର ଅଂଶ ପାଲଟିପାରେ । ଏଭଳି କିଛି କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ । ସିନ୍ଧୁ ନଦୀ ନିକଟରେ ଥିବା ସିନ୍ଧ୍ ପ୍ରଦେଶ ୧୯୪୭ ରେ ବିଭାଜନ ପରେ ପାକିସ୍ତାନକୁ ଚାଲିଯାଇଥିଲା । ଏହି ସମୟରେ ସେଠାରେ ରହୁଥିବା ସିନ୍ଧି ଲୋକ ଭାରତରେ ରହି ଯାଇଥିଲେ । ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି ସିନ୍ଧି ହିନ୍ଦୁ ଭାବରେ ଲାଲକୃଷ୍ଣ ଆଡଭାନୀଙ୍କ ପିଢ଼ିର ଲୋକ ଆଜି ପର୍ଯ୍ୟନ୍ତ ଭାରତଠାରୁ ସିନ୍ଧ୍ ପ୍ରଦେଶକୁ ଅଲଗା କରାଯିବାକୁ ସ୍ୱୀକାର କରିପାରୁ ନାହାଁନ୍ତି । ସେ କହିଛନ୍ତି, ଆଡଭାନୀ ଜୀ ଏହି କଥାକୁ ନେଇ ନିଜର ବହିରେ ମଧ୍ୟ ଉଲ୍ଲେଖ କରିଛନ୍ତି । କେବଳ ସିନ୍ଧ୍ ନୁହେଁ, ବଂର ପୁରା ଭାରତରେ ହିନ୍ଦୁ ସିନ୍ଧୁ ନଦୀକୁ ପବିତ୍ର ମାନନ୍ତି । ସିନ୍ଧ୍ ପ୍ରଦେଶର ବହୁ ପରିମାଣରେ ମୁସଲମାନ ଭାବନ୍ତି ଯେ, ସିନ୍ଧୁ ନଦୀର ପାଣି ମକ୍କାର ଆବ୍-ଏ-ଜମଜମର ପାଣି ଭଳି ପବିତ୍ର । ଏହି କଥା ଆଡଭାନୀ ଜୀ ତାଙ୍କ ବହିରେ ଲେଖିଛନ୍ତି । ଆଜି ଯଦିଓ ସିନ୍ଧ୍ ପ୍ରଦେଶ ଭାରତର ଅଂଶ ନୁହେଁ, କିନ୍ତୁ ସାଂସ୍କୃତିକ ଭାବରେ ସିନ୍ଧ୍ ସବୁବେଳେ ଭାରତର ଅଂଶ ରହିବ । ଯେଉଁ ପର୍ଯ୍ୟନ୍ତ ଭୂଖଣ୍ଡର କଥା ଆସେ ତେବେ କହିହେବ ଯେ ସୀମା ବଦଳାଇ ହେବ । ଏହା ପୂର୍ବରୁ ୨୨ ସେପ୍ଟେମ୍ବରରେ ମରକୋରେ ଭାରତୀୟ ସମୁଦାୟ ସହ କଥା ହୋଇ ସିଂହ କହିଥିଲେ ତାଙ୍କୁ ବିଶ୍ୱାସ ରହିଛି ଭାରତ ବିନା କୌଣସି ଆକ୍ରାମକ ପଦକ୍ଷେପ ନଉଠାଇ ପିଓକେ ଫେରିପାରେ । କାରଣ ପିଓକେର ଲୋକ ଦଖଲ କରିଥିବା ଲୋକଙ୍କଠାରୁ ସ୍ୱାଧିନତା ଦାବି କରୁଛନ୍ତି । ପିଓକେ ନିଜକୁ ନିଜେ ଆମର ହୋଇଯିବ । ପିଓକେରେ ଦାବି ଆରମ୍ଭ ହୋଇଯାଇଛି, ଆପଣ ନାରାବାଜି ତ ଶୁଣିଥିବେ ।

କର୍ଣ୍ଣାଟକ ନେତୃତ୍ୱ ପରିବର୍ତ୍ତନ ଚର୍ଚ୍ଚା ଉପରେ ବିରାମ

ନୂଆଦିଲ୍ଲୀ, ୨୩/୧୧(ନ୍ୟୁ.ଏ): କର୍ଣ୍ଣାଟକରେ କ୍ଷମତା କନ୍ଦଳ ମଧ୍ୟରେ ମୁଖ୍ୟମନ୍ତ୍ରୀ ସିଦ୍ଦରାମୈୟା ବେଙ୍ଗାଲୁରୁରେ ଅଖିଳ ଭାରତ କଂଗ୍ରେସ କମିଟି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ସାକ୍ଷାତ କରିଛନ୍ତି । କ୍ଷମତା ବଂଟନ ଓ ମନ୍ତ୍ରିମଣ୍ଡଳ ପୁନର୍ଗଠନ ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି । ପୂର୍ବ ନିର୍ଦ୍ଧାରିତ ଫର୍ମୁଲା ଅନୁଯାୟୀ, ଅଢ଼େଇ ବର୍ଷ ପରେ ସିଦ୍ଦରାମୈୟା ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା କଥା ଓ ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାର ନୂଆ ମୁଖ୍ୟମନ୍ତ୍ରୀ ହେବା କଥା । କିନ୍ତୁ ସିଦ୍ଦରାମୈୟା ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ରାଜି ନଥିବାରୁ ଡେ.କେ ଶିବକୁମାରଙ୍କ କିଛି ସମର୍ଥକ ଦିଲ୍ଲୀରେ ପହଂଚି ଲବି କରୁଛନ୍ତି । ସେପଟେ ଶିବକୁମାର କହିଛନ୍ତି, ସେ ଦଳରେ ବିଭାଜନ ଚାହାନ୍ତି ନାହିଁ । ଗୋଷ୍ଠୀ ଗଠନ ତାଙ୍କ ରକ୍ତରେ ନାହିଁ । ଦଳର ରାଜ୍ୟ ସଭାପତି ଭାବେ ସମସ୍ତ ୧୪୦ ଜଣ ବିଧାୟକ ତାଙ୍କର । କ୍ୟାବିନେଟ୍ ପୁନର୍ଗଠନ ନେଇ କସରତ ଚାଲିଛି । କିଛି ବିଧାୟକ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାକୁ ଦିଲ୍ଲୀରେ ଚେଷ୍ଟା କରୁଛନ୍ତି । ଏଥିରେ ତାଙ୍କର କିଛି କରିବାର ନାହିଁ ବୋଲି ଶିବକୁମାର କହିଛନ୍ତି । ସିଦ୍ଦରାମୈୟା ୫ ବର୍ଷ ମୁଖ୍ୟମନ୍ତ୍ରୀ ରହିବେ ବୋଲି କହିଥିବାରୁ ଡି.କେ ଶିବକୁମାର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କିନ୍ତୁ ଶିବ କୁମାର ଯାହା କହିଲେ ବି ସ୍ଥିତିରୁ ସ୍ପଷ୍ଟ ହେଉଛି ଯେ କର୍ଣ୍ଣାଟକରେ କ୍ଷମତା କନ୍ଦଳରେ ପୂରା ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ ।

ଜି-୨୦ ଶିଖର ସମ୍ମିଳନୀ ୨୦୨୫: ମୋଦୀଙ୍କ ବୈଶ୍ୱିକ ପ୍ରୟାସକୁ ସମର୍ଥନ

ଜୋହାନ୍ସବର୍ଗ, ୨୩/୧୧(ନ୍ୟୁ.ଏ): ପ୍ରଥମ ଥର ପାଇଁ ଆଫ୍ରିକା ମାଟିରେ ଆୟୋଜିତ ଜି-୨୦ ଶିଖର ସମ୍ମିଳନୀ ଅନେକ କାରଣରୁ ସମଗ୍ର ବିଶ୍ୱର ଫୋକସ୍‌ରେ ରହିଛି । ଆମେରିକାର ଅସହଯୋଗ ପଦକ୍ଷେପ ଏବଂ ମିଳିତ ଘୋଷଣାପତ୍ର ଜାରି ନକରିବା ପାଇଁ ଦିଆଯାଉଥିବା ସଙ୍କେତକୁ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା ପ୍ରତ୍ୟାଖ୍ୟାନ କରିଛନ୍ତି । ରାମାଫୋସାଙ୍କ ନେତୃତ୍ୱରେ ସମ୍ମିଳନୀ ସବୁଦିଗରୁ ସଫଳ ହୋଇଛି ଏବଂ ଏକ ବିସ୍ତୃତ ଘୋଷଣାପତ୍ର ଗୃହୀତ ହୋଇଛି । ଏହି ଘୋଷଣାପତ୍ରରେ ଋଣଗ୍ରସ୍ତ ଦେଶମାନଙ୍କ ପାଇଁ ତୁରନ୍ତ ଋଣ ମୁକ୍ତି, ନବୀକରଣଯୋଗ୍ୟ ଶକ୍ତିର ତିନିଗୁଣ ବୃଦ୍ଧି, ଖଣିଜ ସମ୍ପଦର ମୂଲ୍ୟ ନିର୍ଦ୍ଧାରଣ ଓ ଯୁଦ୍ଧଗ୍ରସ୍ତ ଅଂଚଳରେ ଶାନ୍ତି ଓ ଆଫ୍ରିକୀୟ ରାଷ୍ଟ୍ରମାନଙ୍କୁ ବିକାଶର ନୂଆ ପର୍ଯ୍ୟାୟରେ ପହଂଚାଇବା ନିଷ୍ପତ୍ତିକୁ ଆଗକୁ ବଢ଼ାଇବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ସ୍ଥାନ ପାଇଛି । ଏହା ସହିତ 'ଗ୍ଲୋବାଲ୍ ସାଉଥ୍'ର ଶକ୍ତି ବୃଦ୍ଧି ଓ ସହଯୋଗ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରସ୍ତାବକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ପ୍ରଧାନମନ୍ତ୍ରୀ ମୋଦୀ ସମ୍ମିଳନୀରେ 'ସମାନ ଓ ସ୍ଥାୟୀ ଅର୍ଥନୈତିକ ବିକାଶ' ବିଷୟରେ ଆଲୋଚନା କରି ତିନୋଟି ଯୁଗାନ୍ତକାରୀ ପ୍ରସ୍ତାବ ରଖିଛନ୍ତି, ଯାହା ଗ୍ଲୋବାଲ ସାଉଥ୍‌ର ସ୍ୱରକୁ ଆହୁରି ସଶକ୍ତ କରିଛି । ବୈଶ୍ୱିକ ପାରମ୍ପରିକ ଜ୍ଞାନ ଭଣ୍ଡାର: ଭାରତର ପ୍ରାଚୀନ ଆୟୁର୍ବେଦ, ଯୋଗ ଓ ପାରମ୍ପରିକ ଚିକିତ୍ସା ପଦ୍ଧତି ସହ ବିଶ୍ୱର ଅନ୍ୟ ଦେଶମାନଙ୍କ ପାରମ୍ପରିକ ଜ୍ଞାନକୁ ଏକ ଡିଜିଟାଲ ପ୍ଲାଟଫର୍ମରେ ସଂରକ୍ଷଣ କରାଯିବାକୁ ପ୍ରଧାନମନ୍ତ୍ରୀ ମୋଦୀ ପ୍ରସ୍ତାବ ଦେଇଛନ୍ତି । ଏହା ସ୍ୱାସ୍ଥ୍ୟ, ପରିବେଶ ଓ ସ୍ଥାୟୀ ଜୀବନଶୈଳୀ ପାଇଁ ନୂଆ ଦିଗନ୍ତ ଖୋଲିବ । 'ଆମର ସାମୂହିକ ଜ୍ଞାନକୁ ଆଗାମୀ ପିଢ଼ିକୁ ହସ୍ତାନ୍ତର କରିବା ଉଚିତ ବୋଲି ମୋଦି କହିଛନ୍ତି । ଜି୨୦-ଆଫ୍ରିକା କୌଶଳ ବିକାଶ ପ୍ରୟାସ: ଆଗାମୀ ଦଶ ବର୍ଷ ଭିତରେ ଆଫ୍ରିକାରେ ୧୦ ଲକ୍ଷ ପ୍ରମାଣିତ ପ୍ରଶିକ୍ଷକ ତିଆରି କରିବାର ଲକ୍ଷ୍ୟ ରଖାଯାଇଛି ଏବଂ ଏହା ଆଫ୍ରିକାର ଯୁବଶକ୍ତିକୁ ବୈଶ୍ୱିକ ବଜାର ପାଇଁ ଯୋଗ୍ୟ କରିବ ବୋଲି ମୋଦୀ କହିଛନ୍ତି । ୨୦୨୩ରେ ଭାରତ ଆଫ୍ରିକୀୟ ସଂଘକୁ ଜି-୨୦ରେ ସ୍ଥାୟୀ ସଦସ୍ୟତା ଦେବା ପରେ ଏହା ଦ୍ୱିତୀୟ ବଡ଼ ପଦକ୍ଷେପ । 'ଆଫ୍ରିକାର ଉନ୍ନତି ହିଁ ବିଶ୍ୱର ଉନ୍ନତି' ବୋଲି ମୋଦୀଙ୍କ ବାର୍ତ୍ତାକୁ ସମସ୍ତ ରାଷ୍ଟ୍ର ସମର୍ଥନ କରିଛନ୍ତି । ଡ୍ରଗ୍ସ-ଆତଙ୍କବାଦ ବିରୋଧରେ ଜି-୨୦ ଉଦ୍ୟୋଗ: ନିଶାଦ୍ରବ୍ୟ ବ୍ୟବସାୟ ଓ ଆତଙ୍କବାଦ ମଧ୍ୟରେ ଥିବା ଅର୍ଥନୈତିକ ସମ୍ପର୍କକୁ ଛିନ୍ନ କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ଫେଂଟାନିଲ୍ ଭଳି ଭୟଙ୍କର ସିନ୍ଥେଟିକ୍ ଡ୍ରଗ୍ସର ବ୍ୟବସାୟକୁ ରୋକିବା ଏହାର ମୁଖ୍ୟ ଲକ୍ଷ୍ୟ । 'ଏହି ଭୟଙ୍କର ଡ୍ରଗ୍ସ-ଆତଙ୍କ ଅର୍ଥନୀତିକୁ ଏବେ ଧ୍ୱସ୍ତ କରିବାର ସମୟ ବୋଲି ପ୍ରଧାନମନ୍ତ୍ରୀ ଜୋର୍ ଦେଇ କହିଛନ୍ତି । ଏହା ବ୍ୟତୀତ ମୋଦି ଆଉ ଏକ ପ୍ରସ୍ତାବ ରଖିଛନ୍ତି, ତାହା ହେଉଛି ବୈଶ୍ୱିକ ସ୍ୱାସ୍ଥ୍ୟ ଜରୁରୀକାଳୀନ ଟିମ୍ । ଏହା ବିଶ୍ୱର ଯେକୌଣସି ସ୍ଥାନରେ ମହାମାରୀ ବା ପ୍ରାକୃତିକ ବିପଦ ସମୟରେ ତୁରନ୍ତ ଚିକିତ୍ସା ସହାୟତା ପହଂଚାଇପାରିବ ।

ରାଜ୍ୟର ମା'ମାନେ ସବୁଠୁ ଅସୁରକ୍ଷିତ ହୋଇପଡ଼ିଛନ୍ତି: ନବୀନ

ଭୁବନେଶ୍ୱର, ୨୩/୧୧ (ଆ.ପ୍ର) : ରାଜ୍ୟରେ ଚାଲିଥିବା ବ୍ୟବସ୍ଥା ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପୁଣି ଥରେ ମୁହଁ ଖୋଲିଛନ୍ତି । ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ସେ କହିଛନ୍ତି, ଗୋଟିଏ ପରେ ଗୋଟିଏ ଘଟଣା ଘଟୁଛି । ରାଜ୍ୟର ମା'ମାନେ ସବୁଠୁ ଅସୁରକ୍ଷିତ ହୋଇପଡ଼ିଛନ୍ତି । କିନ୍ତୁ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ନବୀନ କହିଛନ୍ତି, ଖୋର୍ଦ୍ଧାଜିଲ୍ଲା ବାଘମାରୀରେ ନାବାଳିକାଙ୍କୁ ଅପହରଣ ଏବଂ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ସ୍ପର୍ଶକାତର ଏବଂ ହୃଦୟବିଦାରକ । ସେହିପରି ଭଦ୍ରକ ଅରାଣ୍ଡିରେ ମା'ର ମୃତ୍ୟୁ ପରେ କିସ୍ତି ଟଙ୍କା ପାଇଁ ଜଣେ ଯୁବତୀଙ୍କୁ ଗାଁ ବାଣ୍ଡରେ ଏସଏଚଜିର ମହିଳାମାନେ ନିସ୍ଠୁର ମାଡ଼ ମାରିବା ପରି ଘଟଣା ସଭ୍ୟ ସମାଜରେ କଦାପି ଗ୍ରହଣୀୟ ନୁହେଁ । ବିଜୁ ଜନତା ଦଳର ସରକାର ସମୟରେ ମିଶନ ଶକ୍ତି ଜରିଆରେ ମା'ମାନେ ସଫଳତାର ସିଡ଼ି ଚଢୁଥିଲେ, ନିଜର ପରିଚୟ ସୃଷ୍ଟି କରୁଥିଲେ । ବିଜେଡି ସଭାପତି ଆହୁରି କହିଛନ୍ତି, ବିଜେପି ସରକାରରେ ମା'ମାନେ ସବୁଠୁ ଅସୁରକ୍ଷିତ ହୋଇପଡିଛନ୍ତି, ବିକାଶ ଠପ୍ ହୋଇଛି । ଦିନକୁ ଦିନ ଓଡ଼ିଶାରେ ମହିଳାମାନଙ୍କ ଉପରେ ବଢୁଥିବା ଅତ୍ୟାଚାର ଏବଂ ଦୁଷ୍କର୍ମ ପରି ଘଟଣା ସମସ୍ତଙ୍କୁ ଚିନ୍ତିତ କରିଦେଉଛି । ସରକାର ନିଦରୁ ଉଠନ୍ତୁ, ଦୋଷୀଙ୍କ ବିରୋଧରେ ତୁରନ୍ତ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।

ବିହାରରେ ଏନଡ଼ିଏର ବିଜୟ ଜନତାଙ୍କ ଶକ୍ତିର ବିଜୟ : ଧର୍ମେନ୍ଦ୍ର ପ୍ରଧାନ

ଝାରସୁଗୁଡ଼ା/ସମ୍ବଲପୁର, ୨୩/୧୧ (ଆ.ପ୍ର) : ବିହାର ନିର୍ବାଚନରେ ଏନଡ଼ିଏର ବିଜୟ 'ଜନତାଙ୍କ ଶକ୍ତିର ବିଜୟ', ଜନଶକ୍ତି ବିଜେପିକୁ ବିକାଶର ନୂଆ ଆଶା ଓ ଭରସା ଦେଇଛି । ଅନେକ ବର୍ଷ ଧରି ବିହାରରେ ବିଜେପି ଓ ଏନ୍ଡିଏର ଶାସନ ଏକ ସେବା ଭାବରେ ଚାଲିଆସିଛି । ବିଗତ ସାଢ଼େ ଏଗାର ବର୍ଷ ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଦାୟିତ୍ୱରେ ଅଛନ୍ତି ଏବଂ ତାଙ୍କ ନେତୃତ୍ୱରେ ହିଁ ଏହି ବିକାଶର ଧାରା ସମ୍ଭବ ହୋଇଛି । ଝାରସୁଗୁଡ଼ା ଓ ସମ୍ବଲପୁରରେ ସମ୍ବର୍ଦ୍ଧନା ଦିଆଯିବା ଅବସରରେ ସେ ଏହା କହିଛନ୍ତି । ସେ କଂଗ୍ରେସ ପାର୍ଟିର ସମାଲୋଚନା କରି କହିଥିଲେ ଯେ କଂଗ୍ରେସ ବାରମ୍ବାର ପରାଜିତ ହେବା ପରେ 'ଭୋଟ ଚୋରୀ' ଭଳି ଅପପ୍ରଚାର କରୁଥିଲା । ମାତ୍ର ବିହାରର ଜନତା ଏଥର ଉଚିତ୍ ନିଷ୍ପତ୍ତି ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ସ୍ଥାପନ କଲେ । ଯେଉଁମାନେ ଦେଶକୁ ଦୁର୍ବଳ କରିବାକୁ ଚାହୁଁଛନ୍ତି ଏବଂ ବାଂଲାଦେଶୀଙ୍କୁ ଦେଶରେ ଅଗ୍ରାଧିକାର ଦେବା ଭଳି କଥା କହୁଥିଲେ, ଏଥର ନିର୍ବାଚନରେ ବିହାରର ଲୋକମାନେ ସେମାନଙ୍କୁ ଉପଯୁକ୍ତ ଉତ୍ତର ଦେଇଛନ୍ତି । ବିହାର ବିଧାନସଭା ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ଭୂମିକା ଗ୍ରହଣ କରି ଦଳ ପାଇଁ ବିଜୟର ପଥ ପରିଷ୍କାର କରିଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଝାରସୁଗୁଡ଼ା ଓ ସମ୍ବଲପୁରରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି । ଝାରସୁଗୁଡ଼ା ଏୟାରପୋର୍ଟରେ ପହଂଚିବା ପରେ ସେଠାରୁ ସମ୍ବଲପୁର ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ତାଙ୍କୁ ସ୍ୱାଗତ ଜଣାଇଥିଲେ । କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦେବା ଲାଗି ଉଭୟ ସହରରେ ଶତାଧିକ କାର୍ଯ୍ୟକର୍ତ୍ତା, ସମର୍ଥକ ଏବଂ ଶୁଭେଚ୍ଛୁମାନେ ଉପସ୍ଥିତ ରହି ଭିଡ଼ ଜମାଇଥିଲେ । ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ମଧ୍ୟ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଥିଲା । ବିଭିନ୍ନ ସ୍ଥାନରେ ପାରମ୍ପରିକ ସମ୍ବଲପୁରୀ ବାଦ୍ୟ 'ଡାଲଖାଇ' ଓ ସଙ୍ଗୀତର ତାଳେ ତାଳେ ସମଗ୍ର ଅଂଚଳ କମ୍ପି ଉଠିଥିଲା । ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ଖେଣ୍ଡା ଠାରେ ମାଟିର ବରପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏଥିସହ ସେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ଓ ଠେଲକୋଲୋଇ ସ୍ଥିତ ମା' ତାରିଣୀ ମନ୍ଦିରରେ ମଧ୍ୟ ଦର୍ଶନ କରି ମା'ଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ । ସେହିପରି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆୟୋଜିତ ଏକତା ପଦଯାତ୍ରା ଅବସରରେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ତୋବଲ କାଳୀପଡ଼ିଆଠାରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏମିତି ଆହ୍ୱାନ ଦେଇଛନ୍ତି । ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆୟୋଜିତ ଜନସଭାରେ ଉଦ୍‌ବୋଧନ ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଥିଲେ ରାଷ୍ଟ୍ର ନିର୍ମାତା । ସେହିପରି ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କୁ ସେ ମନେ ପକାଇଥିଲେ ।

୧ରୁ ସଂସଦର ଶୀତ ଅଧିବେଶନ

ନୂଆଦିଲ୍ଲୀ, ୨୩/୧୧(ନ୍ୟୁ.ଏ): ଡିସେମ୍ବର ୧ ତାରିଖରୁ ଆରମ୍ଭ ହେଉଥିବା ସଂସଦର ଶୀତକାଳୀନ ଅଧିବେଶନ ପାଇଁ ସରକାର ୧୨ଟି ବିଲ୍ ତାଲିକାଭୁକ୍ତ କରିଛନ୍ତି । ଏଥିରେ ୧୦ଟି ନୂଆ ବିଲ୍ ଅନ୍ତର୍ଭୁକ୍ତ ରହିଛି । ଏସବୁ ବିଲ ମଧ୍ୟରେ ରହିଛି ଘରୋଇ କ୍ଷେତ୍ର ପାଇଁ ପରମାଣୁ କ୍ଷେତ୍ରକୁ ଖୋଲିବା, ଉଚ୍ଚଶିକ୍ଷାରେ ସଂସ୍କାର ଆଣିବା ଏବଂ ବିଧାନସଭା ନଥିବା ଅନ୍ୟ କେନ୍ଦ୍ରଶାସିତ ଅଂଚଳଗୁଡ଼ିକ ସହିତ ଚଣ୍ଡିଗଡ଼ର ପ୍ରଶାସନକୁ ସମାନ ସ୍ତରକୁ ଆଣିବା ପାଇଁ ବିଲ୍ । ଆହୁରି ମଧ୍ୟ ବୀମା କ୍ଷେତ୍ର ସହିତ ଜଡିତ ବିଲ୍, ସିକ୍ୟୁରିଟିଜ୍ ବଜାରରେ ସଂସ୍କାର ଏବଂ ରାଜପଥ ପାଇଁ ଜମି ଅଧିଗ୍ରହଣକୁ ସରଳ କରିବା ସଂପର୍କିତ ଏକ ବିଲ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । ତଥାପି, ଗୋଟିଏ ବିଲ୍ ପୂର୍ବରୁ ବିବାଦ ସୃଷ୍ଟି କରିଛି । ସମ୍ବିଧାନର ୧୩୧ତମ ସଂଶୋଧନ ପାଇଁ ବିଲ୍ ମଧ୍ୟ ତାଲିକାଭୁକ୍ତ ହୋଇଛି । ଏହି ବିଲ୍ ଚଣ୍ଡିଗଡ଼କୁ ସମ୍ବିଧାନର ଧାରା ୨୪୦ ଅଧୀନରେ ଅନ୍ତର୍ଭୁକ୍ତ କରିବାର ପ୍ରସ୍ତାବ ରଖିଛି ଯାହା ଦ୍ୱାରା ଏହାର ପ୍ରଶାସନକୁ ଅନ୍ୟ କେନ୍ଦ୍ରଶାସିତ ଅଂଚଳଗୁଡ଼ିକ ସହିତ ସମାନ କରାଯାଇପାରିବ ଯେଉଁଠାରେ ବିଧାନସଭା ନାହିଁ, ଯେପରିକି ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଲକ୍ଷଦ୍ୱୀପ, ଦାଦ୍ରା ଏବଂ ନଗର ହାଭେଲି ଏବଂ ଦାମନ ଏବଂ ଦିଉ, ଏବଂ ପୁଡୁଚେରୀ (ଯେତେବେଳେ ଏହାର ବିଧାନସଭା ଭଙ୍ଗ କିମ୍ବା ସ୍ଥଗିତ କରାଯାଏ) । କିନ୍ତୁ କଂଗ୍ରେସ, ଅକାଳୀ ଦଳ ପରି ଦଳ ସରକାରଙ୍କ ଏହି ପ୍ରସ୍ତାବକୁ ବିରୋଧ କରୁଛନ୍ତି ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଥିପାଇଁ ଆରମ୍ଭ
SEITHO ARAMBHA

ଦେଶ ଓ ଜାତିର ପ୍ରଗତିରେ ଯୁବ ଶକ୍ତିର ଆବଶ୍ୟକତା ରହିଛି

ଖୋର୍ଦ୍ଧା, ୨୩/୧୧ (ଆ.ପ୍ର) : ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଏବଂ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟାପିକା ତଥା ସଂଯୋଜିକା ଅନୁସୂୟା ପୃଷ୍ଟି, ରୂପେଲି ସାହୁ ପ୍ରମୁଖଙ୍କ ଆବାହକତ୍ୱରେ ପରମାନନ୍ଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଦିନ ବ୍ଲକସ୍ତରୀୟ ଯୁବପ୍ରତିଭା ଉତ୍ସବ ମହାଆଡମ୍ବରର ସହକାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼.ପ୍ରଦୀପ କୁମାର ଦାଶ, ମୁଖ୍ୟବକ୍ତା ଭାବେ ପାଂଚଗଡ଼ ଅନଙ୍ଗ ନରେନ୍ଦ୍ର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମନ୍ତରାୟ ଓ ସଂମ୍ମାନିତ ଅତିଥିଭାବେ ଦେଉଳିସ୍ଥିତ ରାଧାମାଧବ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ବଟକୃଷ୍ଣ ସାହୁ, ଅତିରିକ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ନାଥ ସ୍ୱାଇଁ, ଦେଉଳିସ୍ଥିତ ରଘୁନାଥ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶେଖ ରହିମ ଖାଁ ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟାପିକା ରୂପେଲି ସାହୁ ସ୍ୱାଗତ ଭାଷଣ ଦେଇ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଯୁବ ପ୍ରତିଭା ଚୟନ ଉତ୍ସବରେ ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ୪ ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ୪ ଟି ଡିଗ୍ରୀ ମହାବିଦ୍ୟାଳୟ ଗୁଡ଼ିକରୁ ୧୦୦ ଜଣ ଛାତ୍ରଛାତ୍ରୀମାନେ ଲୋକ ନୃତ୍ୟ, ଗୀତ, ଚିତ୍ରାଙ୍କନ, ବିଜ୍ଞାନ ପ୍ରକଳ୍ପ, ଗଳ୍ପ ଲିଖନ, କବିତା ରଚନା, ବକ୍ତୃତା ପ୍ରତିଯୋଗିତା ଗୁଡିକରେ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ୨୫ ଜଣ କୃତୀ ପ୍ରତିଯୋଗୀମାନେ ଖୋର୍ଦ୍ଧା ଜିଲ୍ଲାସ୍ତରକୁ ମନୋନୀତ ହୋଇଅଛନ୍ତି । ଏହି ଯୁବ ପ୍ରତିଭା କାର୍ଯ୍ୟକ୍ରମ ଗୁଡିକୁ ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ, ସାଧନକେନ୍ଦ୍ର ସଂଯୋଜକ ଓ ପରମାନନ୍ଦ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା /ଅଧ୍ୟାପକ କର୍ମଚାରୀମାନେ ସହଯୋଗକରି ପରିଚାଳନା କରିଥିଲେ । ସମସ୍ତ ନିମନ୍ତ୍ରିତ ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଦେଶ ଓ ଜାତିର ପ୍ରଗତିରେ ଯୁବଶକ୍ତିର ଆବଶ୍ୟକତା ରହିଛି ବୋଲି ମୁଖ୍ୟଅତିଥି ଶ୍ରୀ ଦାଶ ପରାମର୍ଶ ଦେଇଥିଲେ । ଯୁବଶକ୍ତିର ବିକାଶ ଘଟିଲେ ଦେଶ ଓ ଗଣତନ୍ତ୍ରର ସୁରକ୍ଷା ହୋଇପାରିବ ବୋଲି ସଭାପତି ଶ୍ରୀ ପ୍ରମୋଦ କୁମାର ସ୍ୱାଇଁ ସୂଚନା ଦେଇଥିଲେ । ପରିଶେଷରେ ନୂଆସାହି ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରଶେଖର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲାସ୍ତରୀୟ ଅନ୍ତଃ ବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତା କାର୍ଯ୍ୟକ୍ରମ

ରାୟଗଡ଼ା, ୨୩/୧୧ (ଆ.ପ୍ର) : ରବିବାର ଦିନ ଜିଲ୍ଲା ଆଇନ ସେବା ପ୍ରାଧିକରଣ ରାୟଗଡା ଦ୍ୱାରା ସ୍ଥାନୀୟ ଜିଲ୍ଲା ଅଦାଲତ ପରିସରରେ ସକାଳ ପ୍ରାତଃ ୯.୦୦ ଘଟିକା ଠାରୁ ଜିଲ୍ଲା ସ୍ତରୀୟ ଅନ୍ତଃ ବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଚିତ୍ରାଙ୍କନ ପ୍ରତିଯୋଗିତା ରାୟଗଡା ଜିଲ୍ଲା ଅଦାଲତ ସମେତ ଗୁଣୁପୁର, ବିଷମକଟକ, କାଶିପୁର ଅଦାଲତ ପରିସରରେ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଶ୍ରୀ ସତ୍ୟନାରାୟଣ ଷଡଙ୍ଗୀଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଚିତ୍ରାଙ୍କନ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ପରିଚାଳନା କରିଥିଲେ । ଅନ୍ୟ ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ପୋକ୍ସ ଅଦାଲତର ବିଚାରପତି ଶ୍ରୀମତି ଶ୍ୱେତା ମିଶ୍ର, ମହିଳା କୋଟର ବିଚାରପତି ସସ୍ମିତା ମିଶ୍ର, ରେଜିଷ୍ଟ୍ରାର ଶ୍ରୀ ରାଣା ଘୋଷ, ସବ୍ ଜଜ୍ ଶ୍ରୀ ଆଶିଷ୍ ପଟ୍ଟନାଏକ, ଉପଖଣ୍ଡୀୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ଶ୍ରୀମତି ବର୍ଷା ଦାସ, ଗ୍ରାମ ନ୍ୟାୟାଧିକାରୀ ଏସ୍.ଆର ତୋସାଲି ଏବଂ ରାୟଗଡା ବାର ଆସୋସିଏସନର ଆଇନଜୀବି ଶ୍ରୀ ଦେବରାଜ ନାଏକ ଓ ଅନ୍ୟ ଆଇନ ଜୀବି ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲାର ସମସ୍ତ (ସରକାରୀ ଓ ବେସରକାରୀ) ସ୍କୁଲର ଛାତ୍ର ଛାତ୍ରୀ ଏହି ଚିତ୍ରାଙ୍କନ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ ।

ସୈଜାପଁର-ଫଳପୁର ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର

ଧାମନଗର, ୨୩/୧୧ (ଆ.ପ୍ର) : ଧାମନଗର ବ୍ଲକ୍ ବଡ଼ାଙ୍ଗଡିହ ପଂଚାୟତ ଅନ୍ତର୍ଗତ ସୈଜାପଁର-ଫଳପୁର ସଂଯୋଗୀକରଣ ରାସ୍ତା ନିର୍ମାଣ କାର୍ଯ୍ୟ ଅନିୟମିତତା ହୋଇଥିବା ବେଳେ ଏହା ନିମ୍ନମାନର ବୋଲି କୁହାଯାଉଛି । ଏହି ରାସ୍ତା ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପ୍ରାୟ ୭ କୋଟି ଟଙ୍କା ବ୍ୟୟବରାଦରେ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଝିମେଇ ଝିମେଇ ଚାଲିଛି । ନିୟମ ଅନୁଯାୟୀ, ରାସ୍ତାର ଓସାର ୫.୫ ମିଟର ଓ ୮ ଇଂଚ କଂକ୍ରିଟ ମୋଟେଇରେ ନିର୍ମାଣ ହେବା କଥା । କିନ୍ତୁ ବାସ୍ତବରେ କେଉଁଠି ୧୨ ଫୁଟ ତ କେଉଁଠି ୧୬ ଫୁଟ ଉଚ୍ଚେଇ ହେଉଛି । ସେପରି ନିମ୍ନମାନର ସିମେଂଟ, ବାଲି, ଚିପ୍ସ ବ୍ୟବହାର ଓ ୩-୪ ଇଂଚ ପର୍ଯ୍ୟନ୍ତ କମ ମୋଟେଇରେ କାମ କରାଯାଉଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି । ବନ୍ୟା ପ୍ରଭାବିତ ଅଂଚଳରେ ମଜବୁତ୍ ରାସ୍ତା ନିର୍ମାଣ ଅତ୍ୟାବଶ୍ୟକ ଥିଲା ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାର ଗୁରୁତ୍ୱର ଉପଲବ୍ଧି କରି ନିର୍ମାଣ ପାଇଁ ପ୍ରୟାସ କରିଥିଲେ । କିନ୍ତୁ ଠିକାଦାର ନିମ୍ନମାନର କାର୍ଯ୍ୟରେ କୋଟି କୋଟି ଟଙ୍କା ହରିଲୁଟ କରିବାକୁ ଉଦ୍ୟମ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି । ଖବର ଲେଖିବା ପର୍ଯ୍ୟନ୍ତ ଏଦିଗରେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିଲେ ମଧ୍ୟ ଯୋଗାଯୋଗ ହୋଇପାରିଲା ନାହିଁ । ତେଣୁ ଠିକାଦାର ମନମୁଖୀ କାର୍ଯ୍ୟ କରିଚାଲିଛି ।ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ୭୮ତମ ପ୍ରତିଷ୍ଠା ଦିବସ ପାଳିତ

ଖଲ୍ଲିକୋଟ, ୨୩/୧୧ (ଆ.ପ୍ର) : ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ୭୮ ତମ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ.ସି.ସି)ର ପ୍ରତିଷ୍ଠା ଦିବସ ମହା ଆଡମ୍ବରରେ କ୍ୟାପଟେନ ଡ. ଯତୀନ ବିଶୋୟୀଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି । ଏହି ଅବସରରେ କର୍ଣ୍ଣେଲ ସମୀର କୁମାର କର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନ.ସି.ସି)ର ପତାକା ଉତୋଳନ କରିବା ସହ ସମର ଶିକ୍ଷାର୍ଥୀ ବାହିନୀଙ୍କ ଅଭିବାଦନ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ସେ ସମର ଶିକ୍ଷାର୍ଥୀଙ୍କ ଭୂମିକା ସମ୍ପର୍କରେ ଉଲ୍ଲେଖ କରିବା ସହ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଏନ.ସି.ସି ୟୁନିଟ ଓଡ଼ିଶାର ସର୍ବପୁରାତନ ତଥା ପ୍ରଥମ ସ୍ଥାପିତ ୟୁନିଟ ବୋଲି ପ୍ରକାଶ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସ୍ନାତକୋତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ, କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାନ୍ତିକ ଯୋଗଦେଇ ଦେଶ ଗଠନ, ଶୃଙ୍ଖଳିତ ଆଚରଣ ଓ ଉଚ୍ଚାରଣରେ ସମର ଶିକ୍ଷାର୍ଥୀ ବାହିନୀଙ୍କ ଥିବା ଅଗ୍ରଗଣ୍ୟ ଭୂମିକା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଡ. ମନୋରଞ୍ଜନ ବିଶୋୟୀ, ସୁବେଦାର ବିସନ ସିଂ ଗୁରୁମ, ନାଏବ ସୁବେଦାର ହୀରା ବାହାଦୁର ଗୁରୁମ, ନାଏବ ସୁବେଦାର ସୁଖଜିନ୍ଦର ସିଂ, ହାବିଲଦାର ଜଗଦୀଶ ସିଂ ପ୍ରମୁଖ ସହଯୋଗ କରିଥିଲେ । ଏ ଅବସରରେ ଦିଲ୍ଲୀ ଠାରେ ଅନୁଷ୍ଠିତ ସର୍ବ ଭାରତୀୟ ସ୍ଥଳ ସୈନିକ କ୍ୟାମ୍ପରେ ଓଡ଼ିଶା ନିର୍ଦ୍ଦେଶାଳୟ ତରଫରୁ ଆମ ବିଶ୍ୱବିଦ୍ୟାଳୟର ସମର ଶିକ୍ଷାର୍ଥୀ ଆୟୁଷ୍ମାନ ସ୍ୱାଇଁ, ବିନାୟକ ସାବତ, ଦେବୀଶ୍ମିତା ପ୍ରିୟଦର୍ଶିନୀ, ରିତୁ କୁମାରୀ ଦଳାଇ, ମାମାଲି ସେଠୀ, ଶୁଭମ ଦାଶ, ଦେବକୀ ବେହେରା ପ୍ରମୁଖ ଅଂଶଗ୍ରହଣ କରି ବିଶ୍ୱବିଦ୍ୟାଳୟ ପାଇଁ ସୁନାମ ଆଣିଥିବାରୁ ପୁରସ୍କୃତ କରାଯାଇଥିଲା । ଏହା ସହ ଏନ.ସି.ସି ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଅବସରରେ ସମର ଶିକ୍ଷାର୍ଥୀ ବାହିନୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଯୁଦ୍ଧ କୌଶଳ ପ୍ରଦର୍ଶନ କରାଯାଇଥିଲା । ଶେଷରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶତାଧିକ ସମର ଶିକ୍ଷାର୍ଥୀ ଅଂଶଗ୍ରହଣ କରିବା ସହ ଦେଶ ମାତୃକାର ମହାନ ଗାଥା ପ୍ରକାଶ କରିଥିଲେ ।

ନବକୃଷ୍ଣ ଚୌଧୁରୀ ଓ ଜାତୀୟ କବି ବୀରକିଶୋରଙ୍କ ଜୟନ୍ତୀ

ଜଗତସିଂହପୁର, ୨୩/୧୧ (ଆ.ପ୍ର) : ମହାନ ଜନ ନାୟକ ନବକୃଷ୍ଣ ଚୌଧୁରୀଙ୍କ ୧୨୪ ଓ ଜାତୀୟ କବି ବୀରକିଶୋର ଦାସଙ୍କ ୧୨୯ତମ ଜୟନ୍ତୀ ସ୍ଥାନୀୟ ପୁରୁଣାଗଡ଼ସ୍ଥିତ ପ୍ରଫୁଲ୍ଲ ପାଠାଗାରଠାରେ ପାଳିତ ହୋଇ ଯାଇଛି ଓ ପାଠାଗାରର ସଭାପତି ଶିକ୍ଷାବିତ ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ତମ୍ଭକାର ଅକ୍ଷୟ କୁମାର ରାଉତ ଯୋଗ ଦେଇ ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସାମ୍ୟବାଦୀ ଦର୍ଶନର ପୂଜାରୀ,କୃଷକ ଓ ମେହନତି ମଣିଷର ସୁଖ ଦୁଃଖର ସାଥି ଓ ନୀତିନିଷ୍ଠ ଜନ ନାୟକ ଥିଲେ ବୋଲି କହିଥିଲେ ଓ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ କହିଥିଲେ ଯେ ଜାତୀୟ କବି ବୀର କିଶୋରଙ୍କ ସଂଗ୍ରାମୀ ସଂଗୀତ ଅରି ଫେରି ନାହିଁ ଯୁଦ୍ଧ ସରିନାହିଁ, ଆମ ହାତରେ ନଥିଲା ତରବାରି ଓ ଭାଇ ତମେ କେଇଜଣ ଜୀବନକୁ ଇତ୍ୟାଦି ଏବେବି ଦେଶପ୍ରେମ ଭାବ ଜାଗ୍ରତ କରେ ବୋଲି ମତବ୍ୟକ୍ତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ସ୍ତମ୍ଭକାର ତଥା ସାରସ୍ୱତ ପରିଷଦର ଅଧ୍ୟକ୍ଷ ହିମାଂଶୁ ଶେଖର ଆଚାର୍ଯ୍ୟ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ ବିଜୟ କୁମାର ପତି, ସତ୍ୟବାଦୀ ଦାସ, ବିଭୂତି ଭୂଷଣ ଲେଙ୍କା,ରାମ ଚନ୍ଦ୍ର ଆଚାର୍ଯ୍ୟ, ସତ୍ୟବତୀ ସାହୁ, ପ୍ରତାପ କୁମାର ରାଉତରାୟ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଓ ଜାତୀୟକବି ବୀର କିଶୋରଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିବା ସହିତ ଏହି ଦୁଇ ଯୋଗ ଜନ୍ମାଙ୍କୁ ଜନ୍ମ ଦେଇ ଜଗତସିଂହପୁର ମାଟି ଧନ୍ୟ ହୋଇଛି ବୋଲି କହିଥିଲେ ଓ ଏହି ଆଲୋଚନା ଚକ୍ରରେ ବିଜୁ ପଟ୍ଟନାୟକ କଲେଜର ଛାତ୍ର ଛାତ୍ରୀ ନିହାରିକା ମୁଦୁଲି, ପିଙ୍କିନା ପାତ୍ର, ଦେବସ୍ମିତା ନନ୍ଦ, ଅଙ୍କିତା ପ୍ରିୟ ଦର୍ଶିନୀ,ସସ୍ମିତା ବାରିକ, ବିଶ୍ୱଜିତ ନାଥ ଆଦି ଅଂଶ ଗ୍ରହଣ କରିଥିଲେ ଓ ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ସ୍ତରୀୟ ସର୍ଗିଫୁଲ୍ ସାନ୍ଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଘାଟିତ

ନବରଙ୍ଗପୁର, ୨୩/୧୧ (ଆ.ପ୍ର) : ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକାଙ୍କ ସଭାପତିତ୍ୱ ରେ ପାପଡାହାଣ୍ଡି ବାଳିକା ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମର ସାନ୍ଧ୍ୟ କାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇ ଥିଲା । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ଉଦବୋଧନ ଦେଇ ପାଠ ପଢ଼ା ପ୍ରତି ସମସ୍ତେ ସଜାଗ ହେଲେ ସମସ୍ତଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟ ଡକ୍ଟର ଲିପିକା ମାଝୀ, ପାପଡାହାଣ୍ଡି ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ନିବେଦିତା ବିଶ୍ୱାଳ, ସତ୍ୟବ୍ରତ ବେହେରା, ପାପଡ଼ାହାଣ୍ଡି ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ପ୍ରଭାତୀ ବେହେରା ମଂଚାସିନ ଥିଲେ । ସଭାପତିତ୍ୱ ଅଭିଭାଷଣରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ପଲକା କହିଥିଲେ ଯେ ଛାତ୍ର ଛାତ୍ରୀ ନିଜେ ଚେଷ୍ଟା କଲେ ନିଜ ପ୍ରତିଭାର ବିକାଶ ନିଶ୍ଚିତ ଭାବରେ ହେବ । ଶେଷରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ସେହିପରି ଦ୍ୱିତୀୟ ଦିବସ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ, ପ୍ରକଳ୍ପ ପ୍ରଶାସକ ରାଜୀବ ଲୋଚନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ, କୋରାପୁଟ ସୁନିଲ କୁମାର ତାଣ୍ଡି , ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ସାମାଜିକ କଲ୍ୟାଣ ଅଧିକାରୀ ଦ୍ରୌପଦି କହଁର ପ୍ରମୁଖ ମଂଚାସୀନ ରହି ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସୂଚନା ଯୋଗ୍ୟ ବିଭିନ୍ନ ବିଦ୍ୟାଳୟରୁ ଆଣିଥିବା ବିଜ୍ଞାନ ପ୍ରକଳ୍ପକୁ ନେଇ ବିଜ୍ଞାନ ମେଳା ଅନୁଷ୍ଠିତ ହେଉଛି । ସେହିପରି ନିକଟସ୍ଥ ପଡିଆରେ ବିଦ୍ୟାଳୟ ସ୍ତରୀୟ ଉଭୟ ବାଳକ ଓ ବାଳିକାଙ୍କୁ ନେଇ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ତିନି ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତା ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ତର୍କ, ସୃଜନଶୀଳ ଲିଖନ, କୁଇଜ୍, ଏକକ ଏବଂ ଦଳଗତ ନୃତ୍ୟ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ସୂଚନା ଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ତିନି ହଜାରରୁ ଅଧିକ ଛାତ୍ର ଛାତ୍ରୀଙ୍କ ସମାବେଶ ଦେଖିବାକୁ ମିଳିଛି । ଜିଲ୍ଲା ଇତିହାସରେ ପ୍ରଥମ ଥର ପାଇଁ ସର୍ଗିଫୁଲ ମଂଚରେ ୧୫୦ ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ମଂଚ ସଂଚାଳନ କରି ଏକ ରେକର୍ଡ ସୃଷ୍ଟି କରିଛନ୍ତି । ମଙ୍ଗଳ ଅଧିକାରୀ ଶ୍ରୀ ପାଲକାଙ୍କ ଏପରି ଅଭିନବ ପ୍ରୟାସ କୁ ସମସ୍ତେ ପ୍ରଶଂସା କରିଛନ୍ତି । ନୃତ୍ୟ ପ୍ରତିଯୋଗିତା ର ବିଚାରକ ଭାବରେ ବିଶିଷ୍ଟ କଳାକାର ଫଲଗୁନି ପାତ୍ର ଯୁଗଳ ତ୍ରିପାଠୀ ଏବଂ ପଙ୍କଜ ଚୌଧୁରୀ ଯୋଗ ଦେଇଥିଲେ । ସର୍ଗିଫୁଲ କାର୍ଯ୍ୟକ୍ରମ ପରିଚାଳନା କରିବାରେ ମଙ୍ଗଳ ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଜିଲ୍ଲା ମଙ୍ଗଳ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର କୁମାର ଚୌଧରୀ, କାର୍ଯ୍ୟାଳୟ ସହାୟକ ପ୍ରକାଶ ବାରିକ ସମେତ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଛନ୍ତି ।

ଆଇଚର ସହ ପିକ ଅପ ମୁହାଁମୁହିଁ ଧକ୍କା, ଜଣେ ମୃତ ତିନି ଗୁରୁତର



ଦଶପଲ୍ଲା, ୨୩/୧୧ (ଆ.ପ୍ର) :ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଓଡ଼ଗାଁର ଛକ ନିକଟରେ ରବିବାର ଦିନ ଅପରାହ୍ନରେ ଆଇଚର ଗାଡି ଓ ପିକ ଅପ ଗାଡି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ସୂଚନା ମୁତାବକ ବୌଦ୍ଧ ଜିଲ୍ଲାରୁ କେନ୍ଦୁପତ୍ର ବୋଝେଇ ଆଇଚର ଗାଡି ନଂ ଓଡି ୧୫ ୟୁ ୯୭୩୭ କଳିକତା ଯିବା ସମୟରେ ଦଶପଲ୍ଲା ପଟୁ ଏକ ପିକଅପ ଗାଡି ସୁବର୍ଣ୍ଣପୁର ଯାଉଥିଲା । ତେବେ ଦୁଇ ଗାଡି ମୁହାଁମୁହିଁ ଧକ୍କା ହେବା ଫଳରେ ପିକଅପ ଗାଡିଟି ଅନ୍ୟ ଏକ ବାଇକ ରେ ଯାଉଥିବା ଦୁଇଜଣଙ୍କ ଉପରେ ଛିଟିକି ପଡିଥିଲା । ଘଟଣା ସ୍ଥଳରେ ବାଇକ ଆରୋହୀ ବୌଦ୍ଧ ଜିଲ୍ଲା ପୁରୁଣାକଟକର ଅମିତ ବାଘ ବୟସ ୨୪ଙ୍କର ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ସୁଶାନ୍ତ ବେହିଆ ବୟସ ୨୧ ଗୁରୁତର ଭାବେ ଦଶପଲ୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ପିକଅପ ଚାଳକ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଅଂଚଳର ସଦାନନ୍ଦ ବାରିକ ବୟସ ୨୮ଙ୍କ ଗୁରୁତର ଥିବାରୁ ତାଙ୍କୁ ନୟାଗଡ ମୁଖ୍ୟ ଚିକିତ୍ସାଳୟକୁ ପଠାଇଦିଆଯାଇଛି । ତେବେ ଆଇଚର ଗାଡି ଚାଳକ ବୌଦ୍ଧ ସହର ମାଳିସାହିର ଜମରେନ୍ଦ୍ର ବଡ଼ମାଝି ବୟସ ୩୩ ଓ ହେଲପର ରବୀନ୍ଦ୍ର ବଡ଼ମାଝି ବୟସ ୨୫ଙ୍କୁ ମଧ୍ୟ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଛି । ଘଟଣା ସ୍ଥଳରେ ଦଶପଲ୍ଲା ଥାନା ଅଧିକାରୀ ବିଜୟ ରଞ୍ଜନ ପରିଡା ଓ ଟିମ ପହଂଚି ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଏବଂ ଏନ ଏଚ ଆମ୍ବୁଲାନ୍ସ ଯୋଗେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ଜଣାପଡିଛି ।

ଝରିଗାଁ ବିଧାନସଭା ସ୍ତରୀୟ ବନ୍ଦେ ମାତରମ ରାଷ୍ଟ୍ରଗୀତର ୧୫୦ ବର୍ଷ ପୂର୍ତି ପାଳିତ

ଝରିଗାଁ, ୨୩/୧୧ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ସଦର ମହକୁମା ସ୍ଥିତ କଲ୍ୟାଣୀ ମଣ୍ଡପ ପରିସର ମଧ୍ୟରେ ଝରିଗାଁ ବିଧାନସଭା ସ୍ତରୀୟ ବନ୍ଦେ ମାତରମ ରାଷ୍ଟ୍ରୀୟ ଗୀତର ୧୫୦ ବର୍ଷ ପାଳିତ ହୋଇଯାଇଛି । ବିଜେପି ଜିଲ୍ଲା ସଭାପତି କୁଞ୍ଜ ବିହାରୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଉପସ୍ଥିତ ରହିଥିବା ବେଳେ ସମ୍ମାନିତ ଅତିଥିଭାବେ ଝରିଗାଁ ବିଧାୟକ ନରସିଂହ ଭତରା, ବିଜେପି ପୂର୍ବତନ ଜିଲ୍ଲା ସଭାପତି ଗୋବିନ୍ଦ ଜୈନ, ଯୌତିଚନ୍ଦ୍ର ବିଶୋୟୀ ପ୍ରମୁଖ ମଂଚାସିନ ରହିଥିଲେ । ଜିଲ୍ଲା ସଭାପତି ଶ୍ରୀ ଦାଶ ବନ୍ଦେ ମାତରମ ରାଷ୍ଟ୍ରଗୀତର ରଚନା ସମୟରେ ଭାରତ ସ୍ଥିତି, ରଚୟିତା ବଙ୍କିମ ଚନ୍ଦ୍ର ଚାଟାର୍ଜିଙ୍କ ଜୀବନୀ ଓ ବନ୍ଦେ ମାତରମ ଗୀତ କିଭଳି ଭାରତୀୟ ମାନଙ୍କ ମଧ୍ୟରେ ଏକତା ଆଣିବା ସହ ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଦେଶଭକ୍ତି ନିଆଁ ପ୍ରଜ୍ୱଳନ କରିବାରେ କିଭଳି ମୁଖ୍ୟ ଭୂମିକା ନେଇଥିଲା ସେ ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝେଇଥିବା ବେଳେ ସାଂସଦ ଶ୍ରୀ ବଳଭଦ୍ର ମାଝୀ ଆତ୍ମ ନିର୍ଭର ଭାରତ ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝେଇଥିଲେ । ବିଧାୟକ ନରସିଂହ ଭତରା ମଧ୍ୟ ଆତ୍ମ ନିର୍ଭରଶୀଳ ଭାରତ କଣ କାହିଁକି ଏହାର ଆବଶ୍ୟକ ରହିଛି ସେ ଉପରେ ପ୍ରାଞ୍ଜଳ ଭାବେ ବୁଝେଇଥିଲେ । କାର୍ଯ୍ୟକ୍ରମରେ ବିଜେପିର ବ୍ଲକ ସଭାପତି, ପଂଚାୟତ ସଭାପତି, ମଣ୍ଡଳ ସଭାପତିଙ୍କ ସମେତ ସମସ୍ତ କର୍ମୀ ଓ ସମର୍ଥକମାନେ ବହୁସଂଖ୍ୟାରେ ଯୋଗ ଦେଇଥିଲେ ।

ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ତ୍ରୟୋଦଶ ସନ୍ଧ୍ୟା

ଭଦ୍ରକ, ୨୩/୧୧ (ଆ.ପ୍ର) : କନିକା ପ୍ରଜା ଆନ୍ଦୋଳନ ଓଡ଼ିଶା ଇତିହାସରେ ଏକ ଦୁଃଖଦ ଅଧ୍ୟାୟ । ବିପ୍ଳବୀ ଚକ୍ରଧର ବେହେରାଙ୍କ ନେତୃତ୍ୱରେ କନିକାରେ ଯେଉଁ ପ୍ରଜା ଆନ୍ଦୋଳନ ହୋଇଥିଲା ତାହା ସମଗ୍ର ଓଡ଼ିଶାକୁ ଆନ୍ଦୋଳିତ କରିବା ସହ ସ୍ୱାଧୀନତା ଆନ୍ଦୋଳନକୁ ଇନ୍ଧନ ଯୋଗାଇଥିଲା ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଗତକାଲି ଶନିବାର ତ୍ରୟୋଦଶ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମହୋତ୍ସବର ସଭାପତି ଇଂ. ଅକ୍ଷୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସନ୍ଧ୍ୟାକୁ ବିପ୍ଳବୀ ଚକ୍ରଧର ବେହେରାଙ୍କ ସ୍ମୃତିରେ ଉତ୍ସର୍ଗୀତ ହୋଇଥିଲା ଏବଂ ଉକ୍ତ ସମାରୋହରେ ଭଦ୍ରକର ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେବା ନିବୃତ ଅଧ୍ୟକ୍ଷ ମାଧବ ଚନ୍ଦ୍ର ଜେନା ବିଶିଷ୍ଟ ଅତିଥି, ରୟାଲ ଗ୍ରୁପର ଅଧ୍ୟକ୍ଷ ପ୍ରଦୀପ କୁମାର ପଣ୍ଡା ମୁଖ୍ୟ ବକ୍ତା, ଚକ୍ରଧର ବେହେରା ସ୍ମୃତି କମିଟି ସହସମ୍ପାଦକ ପ୍ରଭାକର ପରିଡ଼ା, ସମାଜସେବୀ ଅମରେନ୍ଦ୍ର ଦାସ, ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ସହ ସମ୍ପାଦକ ନାରାୟଣ ପାଢ଼ୀ, ସଂଗଠକ ଓ କବି ବାବୁଲାଲ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶକ୍ତିଲତା ବାରିକ, ଭୂମିକନ୍ୟା ମହିଳା ସଂଗଠନ ସଭାନେତ୍ରୀ ସଂଯୁକ୍ତା ବନ ନାୟକ,ବ୍ରାଇଟ୍ ଇନଷ୍ଟିଚ୍ୟୁସନର ଉପନିର୍ଦ୍ଦେଶିକା ସୁଶ୍ରୀ ସଂଗୀତା ସାହୁ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଟ୍ରଷ୍ଟର ଉପସଭାପତି ଡ଼ା.ଅନିଲ୍ ଦାଶ ଅତିଥି ପରିଚୟ ଦେଇଥିବାବେଳେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସଂଯୁକ୍ତା ଯାଦବ ମଂଚ ନିମନ୍ତ୍ରଣ କରିଥିଲେ । ବରିଷ୍ଠ ନାଗରିକ ନୃସିଂହ ଚରଣ ଖିଲାର, କଣ୍ଠଶିଳ୍ପୀ ଶଶିକଳା ମିଶ୍ର ଓ ନୃତ୍ୟ ଶିଳ୍ପୀ ମହାବୀର ବେହେରା ଙ୍କୁ ସାଂସଦ ଅଭିମନ୍ୟୁ ସେଠି ବିପ୍ଳବୀ ଚକ୍ରଧର ବେହେରା ସ୍ମୃତି ସମ୍ମାନ ରେ ସମ୍ମାନୀତ କରିଛନ୍ତି ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଟ୍ରଷ୍ଟର ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ମଂଚ ପରିଚାଳନା କରିଥିଲା ବେଳେ କଣ୍ଠଶିଳ୍ପୀ ଶଶିକଳା ମିଶ୍ର ସ୍ୱାଗତ ସଂଗୀତ ଏବଂ ମହିରା ଓଡିଶୀ ଡ୍ୟାନ୍ସ ସ୍କୁଲର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅଧିବେଶନ ପୂର୍ବରୁ ନନ୍ଦିନୀ ମହିଳା ସଂଗଠନ ତରଫରୁ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ସଭାନେତ୍ରୀ ସରୋଜିନୀ ନାୟକ ଓ ସମ୍ପାଦିକା ସଂଯୁକ୍ତା ଯାଦବ ପରିଚାଳନା କରିଥିଲେ ।

ଚିଲିକା ମଣ୍ଡଳ ଯୁବ ମହୋତ୍ସବ ଅନୁଷ୍ଠିତ

ଚିଲିକା/ବାଣପୁର, ୨୩/୧୧ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ମହାବିଦ୍ୟାଳୟରେ ଚିଲିକା ବ୍ଲକ ସ୍ତରୀୟ ଯୁବ ମହୋତ୍ସବରେ ଯୋଗଦେଇ ଅତିଥିମାନେ ଛାତ୍ରଛାତ୍ରୀମାନେ ବଡ଼ ବଡ଼ ସ୍ୱପ୍ନ ଦେଖନ୍ତୁ ଓ ବିଫଳତାରେ ଭାଙ୍ଗି ପଡନ୍ତୁ ନାହିଁ ବୋଲି ବକ୍ତବ୍ୟ ପ୍ରଦାନ କରିଛନ୍ତି ଓ ଚଳିତ ବର୍ଷ କେନ୍ଦ୍ରସରକାର ବ୍ଲକ ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ଯୁବ ପ୍ରତିଭା ଚୟନ ପାଇଁ ନିର୍ଦ୍ଦେଶ ଦେବା ପରେ ବ୍ଲକ ସ୍ତରୀୟ ଯୁବ ଉତ୍ସବ ପାଇଁ ଖୁବ ଉତ୍ସାହ ପ୍ରକାଶ ପାଇଛି । ଜିଲ୍ଲା ପ୍ରଶାସନ ଓ ଚିଲିକା ବ୍ଲକ ପ୍ରଶାସନ ପକ୍ଷରୁ ବାଲୁଗାଁ ମହାବିଦ୍ୟାଳୟରେ ଆୟୋଜିତ ବ୍ଲକ ସ୍ତରୀୟ ଯୁବ ଉତ୍ସବରେ ଚିଲିକା ବ୍ଲକ ଅନ୍ତର୍ଗତ ବିଭିନ୍ନ ,ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫ରୁ ୧୯ ବର୍ଷ ବୟସସୀମା ମଧ୍ୟରେ ଥିବା ୧୭୦ରୁ ଉର୍ଦ୍ଧ୍ୱ ପ୍ରତିଭାବାନ ଛାତ୍ରଛାତ୍ରୀ ଯୋଗ ଦେଇ ବାଗ୍ମିତା, କବିତା ରଚନା, ଗଳ୍ପ ରଚନା, ଚିତ୍ରାଙ୍କନ, ବିଜ୍ଞାନ ପ୍ରକଳ୍ପ, ସମବେତ ସଂଗୀତ ଓ ଦଳଗତ ନୃତ୍ୟ ଭଳି ସାତଟି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସେମାନଙ୍କ ଲୁକ୍କାୟିତ ପ୍ରତିଭାର ଉତ୍କର୍ଷତା ପ୍ରଦର୍ଶନ କରିଥିଲେ । ବିଚାରକ ଭାବରେ ବାଲୁଗାଁ ବାଣପୁର ଅଂଚଳର ବିଶିଷ୍ଟ ଚିତ୍ରଶିଳ୍ପୀ, ସଂଗୀତ ଶିକ୍ଷକ, ନୃତ୍ୟ ଶିକ୍ଷକ, କବି, ଗାଳ୍ପିକ, ଅଧ୍ୟାପକ ମାନେ ଯୋଗଦେଇଥିଲେ । ବ୍ଲକ ସ୍ତରୀୟ ଯୁବ ଉତ୍ସବର ଉଦଘାଟନ କାର୍ଯ୍ୟକ୍ରମରେ ଅତିଥି ଭାବେ ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ଲକ୍ଷ୍ମୀଧର ସୁବୁଦ୍ଧି,ସହ ଶିକ୍ଷାଧିକାରୀ ତଥା ମଣ୍ଡଳ ସାଧନ ସଂଯୋଜକ ନୀଳାଦ୍ରି ଭୂଷଣ ଦାଶ, ଅଧ୍ୟାପକ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଯୋଗଦେଇଥିବା ବେଳେ ଅଧ୍ୟାପକ ଡ଼କ୍ଟର କୈଳାଶ ଚନ୍ଦ୍ର ମହାରଣା ମଂଚ ସଂଯୋଜନା କରିଥିଲେ । ସମସ୍ତ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଅଧ୍ୟାପିକା ରୀନା ରାଉତ ପରିଚାଳନା କରିଥିଲେ । ଚିଲିକା ବ୍ଲକ ଶିକ୍ଷାଧିକାରୀ ଦ୍ୱାରିକାନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା ଛାତ୍ରଛାତ୍ରୀ ମାନଙ୍କୁ ବିକଶିତ ଭାରତର ସ୍ୱପ୍ନ ଦେଖିବା ସହ ବିଫଳତାରେ ଭାଙ୍ଗି ନ ପଡିବାକୁ ପରାମର୍ଶ ଦେଇଥିଲେ । ବାଲୁଗାଁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ଲକ୍ଷ୍ମୀଧର ସୁବୁଦ୍ଧି ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପ୍ରତିଯୋଗିମାନଙ୍କୁ ସେମାନଙ୍କର ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ । ସମ୍ମାନିତ ଅତିଥିଭାବେ ନୀଳାଦ୍ରି ଭୂଷଣ ଦାଶ ନିଜ ପ୍ରତିଭାର ଯତ୍ନ ନେବା ସହ ବିକଶିତ ଭାରତର କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବାକୁ ଛାତ୍ର ଛାତ୍ରୀମାନଙ୍କୁ ଅନୁପ୍ରେରିତ କରିଥିଲେ । ଧନ୍ୟବାଦ ଦେଇଥିଲେ ସହ ଶିକ୍ଷାଧିକାରୀ ଗଗନ ବିହାରୀ ବେହେରା । ବିଭିନ୍ନ ବିଭାଗର ଶ୍ରେଷ୍ଠ ପ୍ରତିଭା ଭାବେ ଜିଲ୍ଲା ସ୍ତରକୁ ଉନ୍ନୀତ ହୋଇଥିବା ଶ୍ରୀମାନ ଅଭି ଜାଲି(ଚିତ୍ରାଙ୍କନ), ପ୍ରତିଭା ଜାଲୀ (ଗଳ୍ପ ଲିଖନ), ମନୀଷା ବିହୁତି(କବିତା ଲିଖନ), ଅର୍ପିତା ମହାପାତ୍ର(ବାଗ୍ମିତା) ଓ ବାଲୁଗାଁ ମହାବିଦ୍ୟାଳୟର ଶିକ୍ଷାର୍ଥୀମାନେ ଦଳଗତ ପ୍ରଦର୍ଶନରେ ବିଜ୍ଞାନ ପ୍ରଦର୍ଶନୀ, ସମବେତ ସଂଗୀତ, ନୃତ୍ୟରେ ଉତ୍କର୍ଷତା ପ୍ରଦର୍ଶନ କରି ଥିବାରୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରିଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡଃ କୈଳାସ ଚନ୍ଦ୍ର ମହାରଣା ସଭାକାର୍ଯ୍ୟ ସଂଯୋଜନା କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜିକା ଅଧ୍ୟାପିକା ରୀନା ରାଉତଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ବ୍ଲକର ଆଂଚଳିକ ସାଧନକର୍ମୀମାନେ ପରିଚାଳନା କରିଥିଲେ ।

ଲୋକ ମହୋତ୍ସବ ପଂଚମ ସଂନ୍ଧ୍ୟାରେ ଅସୀମା ପଣ୍ଡା

ବାଲେଶ୍ୱର, ୨୩।୧୧ (ଆ.ପ୍ର) : ଆଇଟିଆଇ ପଡ଼ିଆରେ ଅନୁଷ୍ଠିତ ବାଲେଶ୍ୱର ଲୋକ ମହୋତ୍ସବର ପଂଚମ ସଂନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକମାନେ ବେଶ୍ ଉପଭୋଗ କରିଥିଲେ । ଏହା ପରେ ଆୟୋଜିତ ସଭାରେ ମହୋତ୍ସବ କମିଟିର ଉପସଭାପତି ସିମନ ଦାସ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ସାଂସଦ ରବିନ୍ଦ୍ର କୁମାର ଜେନା ଉପସ୍ଥିତ ରହି ସହର ଏବଂ ବ୍ୟବସାୟିକ ବିକାଶ ପାଇଁ ଯୁବପିଢିଙ୍କଏ ଏଭଳି ପ୍ରୟାସକୁ ସାଧୁବାଦ୍ ଜଣାଇଥିଲେ । ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଉପସ୍ଥିତ ଥିଲେ । କମିଟିର ସମ୍ପାଦକ ତାପସ ପାଣିଗ୍ରାହୀ ମଂଚ ଆହ୍ୱାନ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ମଂଚରେ ଉପଦେଷ୍ଟା ଯୁବନେତା ବିକ୍ରମ ପଣ୍ଡା, ଭାଗବତ ସାହୁ, ଚେୟାରମେନ ବିଶ୍ୱଜିତ୍ ପରମାଣିକ, ସଭାପତି ଅସିତ୍ କୁମାର ଦାସ, ସଧାରଣ ସମ୍ପାଦକ ସଂଜୟ ସାମନ୍ତ, ସଂପାଦକ ସତ୍ୟ ପ୍ରକାଶ ପତି, ହେମନ୍ତ ମହାନ୍ତି, ଉପସଭାପତି ସୌଭାଗ୍ୟ ମାନସ ନାୟକ, କାର୍ଯ୍ୟକାରୀ ସଦସ୍ୟ ଅଞ୍ଜନ ପରିଡା, ଜିତେନ୍ଦ୍ର ମହାଳିକ ପ୍ରମୁଖ ମଂଚରେ ଉପସ୍ଥିତ ଥିଲେ । ଶେଷରେ ସଂପାଦକ ରାଜେଶ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକାରୀ ସଭାପତି ଶ୍ରୀମାନ ଶ୍ରୀଚନ୍ଦନ, ଉପାଧ୍ୟକ୍ଷ ଶ୍ରୀମନ୍ତ ମାଝୀ, ବିକାଶ କୁମାର ପାଢ଼ୀ, ରାଜେନ୍ଦ୍ର ପଟ୍ଟନାୟକ,ସମ୍ପିତ ବିଶ୍ୱାଳ, ଜିତେନ୍ଦ୍ର ମହାଳିକ, ହ୍ରିତିକ ନାୟକ, ସୌମ୍ୟ ଯାଦବ, ଜଗନ୍ନାଥ ପାଣିଗ୍ରାହୀ , ଅନୁପମ ମିଶ୍ର, ସୌମ୍ୟ ପାଣିଗ୍ରାହୀ, ଝଡେଶ୍ୱର ଜେନା, ଜୀବନ ସଂଗ୍ରାମ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ଜଣାଶୁଣା ସମାଜସେବୀ ସୁମନ୍ତ କୁମାର ଜେନା, ଦୁରର୍ଜ୍ୟଶାଳ, ସହଦେବଖୁଂଟା ଥାନା ଅଧିକାରୀ ବିରଂଚି ସାହୁଙ୍କ ସହ ପ୍ରସିଦ୍ଧ ମୂର୍ତ୍ତି କାରିଗର ବିଶ୍ୱନାଥ ରଣାଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ପରେ ଲୋକ ପ୍ରିୟ ଗାୟିକା ଅସୀମା ପଣ୍ଡା ସଂଗୀତ ପରିବେଷଣ କରିଥିଲେ । ମହୋତ୍ସବରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ବିଭିନ୍ନ ଅଂଚଳରୁ ବ୍ୟବସାୟୀମାନେ ଆସି ପାଖାପାଖି ୩୦୦ରୁ ଅଧିକ ଷ୍ଟଲ ଖୋଲିଥିବାବେଳେ ଗରମାଗରମ ଖାଦ୍ୟ, ମେଳାରେ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ଲୋକଙ୍କ ସମାଗମ ହେଉଛି । ମିନବଜାର, ରମଦୋଳି, ଜଳପରୀ ବିଶେଷ ଆକର୍ଷଣ ସାଜିଛି । ଲୋକ ମହୋତ୍ସବ ଆସନ୍ତା ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ପକ୍ଷରୁ ସୁଚନା ମିଳିଛି ।

ବଢ଼ି ଚାଲିଛି ଚୋରା ବାଲି କାରବାର

ଲଙ୍ଗଳେଶ୍ୱର, ୨୩।୧୧ (ଆ.ପ୍ର) : ବାଲିଆପାଳ ବ୍ଲକରେ ଦିନକୁ ଦିନ ଚୋରା ବାଲି ଚାଲାଣ ବଢ଼ିବାରେ ଲାଗିଛି କ୍ଷ ନିଘୋଡ଼ ନିଦରେ ଶୋଇଛନ୍ତି ଖଣି ଅଧିକାରୀ । ସ୍ଥାନୀୟ ପୋଲିସ, ଖଣି ଅଧିକାରୀ ଏବଂ ଅସାଧୁ ବାଲି ମାଫିଆଙ୍କ ତ୍ରୀମୁଖି ସଲାସୁତ୍ରରାରେ ହେଉଛି ବାଲି ହରିଲୁଟ । ସୂଚନା ଅନୁସାରେ ପୂର୍ବ ସରକାରରେ ଥିବା ବାଲି ମାଫିଆ ମାନେ ଏବେ ଶାସକ ଦଳରେ ଥିବାରୁ ଶାସକ ଦଳର ନେତା ମାନଙ୍କ ଦ୍ୱାରା ପରିଚାଳିତ ହୋଇ ବାଲି ଓ ମାଟିକୁ ଚୋରାରେ ପଡୋଶୀ ରାଜ୍ୟକୁ ଚାଲାଣ କରୁଛନ୍ତି । ସୁବର୍ଣ୍ଣରେଖା ନଦୀରୁ ହେଉ ବା ସମୁଦ୍ର କୂଳ ନିକଟରେ ଥିବା ବାଲି ଆଡିଆରୁ ବାଲି ଦିନ ରାତି ଟ୍ରାକ୍ଟର ଓ ଡମ୍ପରରେ ଚାଲାଣ ହେଉଛି । କିଛି ଦିନ ଆଗରୁ ଖଣି ବିଭାଗ ଓ ପୋଲିସ ମିଳିତ ଚଢ଼ାଉରେ ବାଲି ଉଠାଣ ସମୟରେ ଟ୍ରାକ୍ଟର ସହିତ କିଛି ଯନ୍ତ୍ରାଂଶ ଜବତ ହୋଇଥିଲା କିନ୍ତୁ ସରକାର ବଦଳିଛି ସତ ବାଲି ମାଫିଆ ବି ଦଳ ପରିବର୍ତ୍ତନ କରି ପୂର୍ବ ପରି ରାଜ କରୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଏ ବାବଦରେ ଖଣି ବିଭାଗ ଓ ବାଲିଆପାଳ ପୋଲିସ ଯଦି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି ତେବେ ଆଗକୁ ଜନ ଆନ୍ଦୋଳନ ଯେ ବ୍ୟାପକ ରୂପ ନ ନେବ ଏକଥାକୁ ଏଡାଇ ଦିଆଯାଇ ନପାରେ । ବିଭାଗୀୟ ମନ୍ତ୍ରୀ ଓ ସାଂସଦ ଯଦି କିଁଛି ପଦକ୍ଷେପ ଆଗାମୀ ଦିନରେ ନ ନେବେ ତେବେ ପୂର୍ବ ସରକାରରେ ଯେମିତି ଅସାଧୁ ଉପାୟରେ ବାଲି ମାଫିଆ ମାନେ ରାଜ କରୁଥିଲେ ଏବେ ବି ରାଜ କରିବେ ।

ସାଇ ନୃତ୍ୟ ସଂଗୀତ ମହାବିଦ୍ୟାଳୟର ୫୧ତମ ବାର୍ଷିକ ଉତ୍ସବ

ବାଲେଶ୍ୱର, ୨୩।୧୧ (ଆ.ପ୍ର) : ସ୍ଥାନୀୟ ସାଇ ନୃତ୍ୟ ସଂଗୀତ ମହାବିଦ୍ୟାଳୟର ୫୧ତମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଗାନ୍ଧୀସ୍ମୃତି ଭବନରେ ପାଳିତ ହୋଇଯାଇଛି । ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦଘାଟନ କରିଥିଲେ । ମହାବିଦ୍ୟାଳୟର ବିକାଶ ପାଇଁ ସେ ସବୁ ପ୍ରକାର ସହଯୋଗ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ । ମହାବିଦ୍ୟାଳୟ ପରିଚାଳନା ପରିଷଦର ଉପସଭାପତି ହୃଷିକେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସାଧାରଣ ସମ୍ପାଦକ ବିଷ୍ଣୁଚରଣ ମହାନ୍ତି ସଂପାଦକୀୟ ବିବରଣୀ ପାଠ କରିବା ସହ ଅନୁଷ୍ଠାନର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ୧ର ଅଧକ୍ଷ ଅଂଜନ କୁମାର ଖଟୁଆ ବକ୍ତବ୍ୟ ରଖି ଅନୁଷ୍ଠାନର ଉତରୋତର ଉନ୍ନତି କାମନା କରିଥିଲେ । ସାଂସ୍କୃତିକ ସଂପାଦକ ଗୁରୁ ଗୌରବ ରବୀନ୍ଦ୍ର କୁମାର ବିଶ୍ୱାଳ ଅତିଥିଙ୍କୁ ମଂଚ ଆହ୍ୱାନ କରିଥିବା ବେଳେ ଅଧକ୍ଷ ବସନ୍ତ କୁମାର ଦାସ, ଉପସଭାପତି ହରି ମୋହନ ମଲ୍ଲିକ, ଯୁଗ୍ମ ସଂପାଦକ କାହ୍ନୁଚରଣ ଲେଙ୍କା ଉପସ୍ଥିତ ଥିଲେ । ଏହି ଅବସରରେ ଅନୁଷ୍ଠାନ ତରଫରୁ ଗୁରୁ ଦିଲୀପ କୁମାର ମହାପାତ୍ରଙ୍କୁ ପ୍ରତିଭା ସମ୍ମାନ ଦିଆଯାଇଥିଲା । ଆରାଧ୍ୟା ବେହେରାଙ୍କୁ କୋଇଲି ମଣି ଦେବୀ ସ୍ମୃତି ପୁରସ୍କାର, ଏକାମ୍ର ରଂଜନ ଖିଲାରଙ୍କୁ ଅଚ୍ୟୁତାନନ୍ଦ ଦାସ ସ୍ମୃତି ସମ୍ମାନ, ଏସ୍ ଜେ ଦିବାଂଶୀ ପାଣିଗ୍ରାହୀଙ୍କୁ ଯତୀନ୍ଦ୍ର ନାଥ ପଟ୍ଟନାୟକ ସ୍ମୃତି ସମ୍ମାନ, ରାଜଲକ୍ଷ୍ମୀ ମହାଳିକଙ୍କୁ ଧିରେନ୍ଦ୍ର ନାରାୟଣ ଦାସ ସ୍ମୃତି ସମ୍ମାନ, ଦିବ୍ୟଜ୍ୟୋତି ସାହୁଙ୍କୁ ସତ୍ୟସାଧନ ଦାସ ପଟ୍ଟନାୟକ ସ୍ମୃତି ସମ୍ମାନ, ଜନ୍ମେଜୟ ଡାଲଦିଙ୍କୁ ଅରୁଣ ଦେ ସ୍ମୃତି ସମ୍ମାନ, ପ୍ରିୟାଂଶୁ ସାହୁଙ୍କୁ ହାରାଧନ ଆଚାର୍ଯ୍ୟ ସ୍ମୃତି ସମ୍ମାନ, ଗୌରବ କୁମାର ସାହୁଙ୍କୁ ଶ୍ରୀମା ଅରବିନ୍ଦ ସ୍ମୃତି ସମ୍ମାନ, ସ୍ମୃତିସ୍ୱରୂପା ମିଶ୍ରଙ୍କୁ ସୁବଳଚନ୍ଦ୍ର ରଣା ସ୍ମୃତି ସମ୍ମାନ ଓ ଶ୍ୱେତାଲିଲା ଶୁଭଦର୍ଶନୀଙ୍କୁ ଭାଗବତ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏଥି ସହିତ କର୍ମଚାରୀ ଅଚ୍ୟୁତାନନ୍ଦ ଗୋଛାୟତ ଓ ପୁରୁଷୋତମ ବେହେରାଙ୍କୁ ଉତ୍ସର୍ଗୀକୃତ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଅଧାପକ ସତ୍ୟରଂଜନ ମହାନ୍ତି, ମନୋରଂଜନ ମହାନ୍ତି, ମାଳା ଦେ, ଅଭିରାନନ୍ଦ ଦେବ ଗୋସ୍ୱାମୀ, ସତ୍ୟନାରାୟଣ ହରିଦାସ, ସୁନୀତା ଶତପଥୀ ଓ ଉପାଧ୍ୟକ୍ଷ ବଂଶୀଧର ରଣା ସହଯୋଗ କରିଥିଲେ । ପରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ଗୀତ, ତବଲା, ଗୀଟାର ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅନୁଷ୍ଠାନର ପୂର୍ବତନ ସଂପାଦକ ସ୍ୱର୍ଗତ ଧିରେନ୍ଦ୍ର ନାରାୟଣ ଦାସଙ୍କୁ ବାର୍ଷିକ ଉତ୍ସବ ମଂଚ ସମର୍ପିତ କରାଯିବା ସହିତ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରାରମ୍ଭରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

ବାଲିଆପାଳରେ ଶୀତ କବିତା ଆସର

ବାଲିଆପାଳ, ୨୩।୧୧ (ଆ.ପ୍ର) : ବାଲିଆପାଳ ଜଗନ୍ନାଥ ସେବା ସଂସ୍ଥା ପରିସରରେ ପୂଜ୍ୟପୂଜା ସଂସଦ ବାଲିଆପାଳ ପକ୍ଷରୁ ଶୀତ କବିତା ଆସର ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂଜ୍ୟପୂଜା ସଂସଦର ଝାଡେଶ୍ୱର ପ୍ରଧାନ ପୌରହିତ୍ୟ କରିଥିବା ବେଳେ ଡ.କାଳିପଦ ପଣ୍ଡା ଉଦଘାଟକ ଭାବରେ ଯୋଗ ଦେଇଥିଲେ । କବି ନଳିନୀକାନ୍ତ ପାଢୀ ସ୍ୱାଗତ ଭାଷଣ , କବିତାର ଉତପତି କ୍ରମବିକାଶ ଏବଂ ଆଗତ ସ୍ଥିତି ସମ୍ବନ୍ଧରେ ଆଲୋଚନା କରି କବିତା ନିଜକୁ ଅନୁଷ୍ଠାନ ନ ଭାବି ଅନୁଷ୍ଠାନର ଭାବିଲେ ସାହିତ୍ୟ ନୂତନ ଦିଗନ୍ତ ପ୍ରାପ୍ତ ହେବ ବୋଲି ବରେଣ୍ୟ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ବ୍ୟଙ୍ଗ କବି ଅର୍ଦ୍ଧେନ୍ଦୁ ପାଣୀଗ୍ରାହୀ , ନାରୀ କବି ସୁଜାତା ରଣା ,ବରିଷ୍ଠ କବି ବୀରମାଧବ ଦାସ,ମୀନକେତନ ସେଠୀ,ପ୍ରଭାକର ସାମଲ,ସରୋଜ କୁମାର ଦାସ,ସ୍ନେହଲତା ନାୟକ, ବିଦ୍ୟୁତ ପ୍ରଭାସ ସାମଲ, ସଙ୍ଗୀତଜ୍ଞ ଗିରିଧାରୀଭୂୟାଁ,ନାଟ୍ୟକାର ପ୍ରଫୁଲ ଦାଶ, ଶିଶୁ କବୀ ତୃପ୍ତି ସୁବର୍ଣ୍ଣରେଖା ଗିରି,ଜଗନ୍ନାଥ ପ୍ରଧାନ, ନଳିନୀକାନ୍ତ ପାଢୀ, ପଙ୍କଜ କୁମାର ସାହୁ,ଉମାକାନ୍ତ ନାୟକ ପ୍ରମୁଖ କବିତା ପାଠ କରିଥିଲେ । ସୁଜାତା ସାହୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

ବାର୍ଷିକୋତ୍ସବ ପାଳନ ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତୁତି ଅନୁଷ୍ଠିତ

ନୀଳଗିରି, ୨୩।୧୧ (ଆ.ପ୍ର) : ଭବିଷ୍ୟତର ସମାଜକୁ ଆଧ୍ୟାତ୍ମିକ ଜ୍ଞାନାଲୋକରେ ଉଦ୍ଭାସିତ କରିବା ଲକ୍ଷ ନେଇ ଦୁଇ ବର୍ଷ ତଳେ ସ୍ଥାନୀୟ ରତ୍ନାକର ଟାଉନ ହାଇସ୍କୁଲ ପରିସରରେ ଗଢିଉଠିଥିଲା ଏକ 'ବେଦ, ଗୀତା, ଯୋଗ ଓ ଭାରତୀୟ ସଂସ୍କୃତି ପ୍ରଶିକ୍ଷଣ (ନିଃଶୁଳ୍କ) ପାଠଶାଳା । ଯାହାର ଏକ ଶାଖା ଡିଭାଇନ ଚାରିଟେବୁଲ ଟ୍ରଷ୍ଟ, ନୀଳଗିରି ପରି ସ୍ତରରେ କାର୍ଯ୍ୟ କରୁଛି । ଏହି ପାଠଶାଳାରେ ପ୍ରତି ରବିବାର ସକାଳ ନଅଟା ରେ ପ୍ରଶିକ୍ଷିତ ପଣ୍ଡିତ ମାନଙ୍କ ଦ୍ୱାରା ବିଦ୍ୟାର୍ଥୀ ମାନଙ୍କୁ ଗୀତା ପାଠ ଓ ବେଦ ଅଧ୍ୟୟନର ବ୍ୟବସ୍ଥା ରହିଛି । ସେହିପରି ସମାଜର ପ୍ରତିବିମ୍ବ ' ସାହିତ୍ୟର ' ଉନ୍ନତି ନିମନ୍ତେ ନ' ବର୍ଷ ତଳେ ନୀଳଗିରିରେ ଗଢିଉଠିଥିଲା 'ସାରସ୍ୱତ ସାଧନା ସମନ୍ୱୟ ସମିତି' । ଉଭୟ ଅନୁଷ୍ଠାନର ମିଳିତ ବାର୍ଷିକୋତ୍ସବ ଆସନ୍ତା ତିରିଶ ତାରିଖ ରବିବାର ଦିନ ରତ୍ନାକର ଟାଉନ ହାଇସ୍କୁଲ, ବାଲିଗୋହିରି ଠାରେ ପାଳନ ହେବାକୁ ଯାଉଅଛି । ଏଥିନିମନ୍ତେ ଏକ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ଏବଂ ସମ୍ପାଦିକା ସୁଭାଷିନୀ ଜାଙ୍କ ଆବାହକତ୍ୱରେ ଏବଂ ବରିଷ୍ଠ ସଦସ୍ୟ ସୋମନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ଲବ୍ଧପ୍ରତିଷ୍ଠିତ ସାହିତ୍ୟିକ ତଥା ବିଦ୍ୱାନ ପଣ୍ଡିତ ମାନଙ୍କ ଅତିଥି ଆସନ ରେ ଅଳଙ୍କୃତ କରାଇ ସମାଜକୁ ବାସ୍ତବ ଆଧ୍ୟାତ୍ମିକତାର ମନ୍ତ୍ର ଧ୍ୱନୀ ଶୁଣାଇବାକୁ ବୈଠକ ରେ ନିଷ୍ପତି ହୋଇ ଥିଲା । ଉତ୍ସବରେ ଆଜି ଅନୁଷ୍ଠିତ ହୋଇଥିବା ଗୀତା ଆବୃତି ଏବଂ ବେଦ ପାଠ ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ସହିତ ଏ ଅଂଚଳର ପ୍ରତିଭାବାନ ସାହିତ୍ୟିକ, ସାମ୍ବାଦିକ, ସମାଜ ସଂସ୍କାରକ ଇତ୍ୟାଦିଙ୍କୁ ସମ୍ବର୍ଦ୍ଧିତ କରିବାକୁ ନିଷ୍ପତି ହୋଇଥିଲା । ବୈଠକ ରେ ଅନ୍ୟ ମାନଙ୍କ ମଧ୍ୟରେ ସୁଶାନ୍ତ କୁମାର ମହାପାତ୍ର, ଉତମ କୁମାର ବିଶ୍ୱାଳ, ଅର୍ଚ୍ଚନା ପଣ୍ଡା, ଜୟନ୍ତୀ ପ୍ରଧାନ, ସଂଜୁଲତା ପରିଡା, ଚିତରଞ୍ଜନ ପତି,ବ୍ରହ୍ମାନନ୍ଦ ଦାସ, ସୁଶାନ୍ତ କୁମାର ମହାପାତ୍ର (ମଂଟୁ ସାର), ଜୟନ୍ତ କୁମାର ଷଡଙ୍ଗୀ, ଶକ୍ତିପଦ ମିଶ୍ର, ବିଶ୍ୱନାଥ ନାୟକ, ଏବଂ ହେମନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ନିମନ୍ତେ ବଳିଷ୍ଠ ମତ ରଖିଥିଲେ ।

ରାଧା ମାଧବ ଜୀଉ ଗୋ ସେବା ସଂଗଠନ ପକ୍ଷରୁ ଗୋ ପୂଜନ ଓ ଗୋ ଚିକିତ୍ସା ଶିବିର

ଖପରାପଦା, ୨୩।୧୧ (ଆ.ପ୍ର) : ବାଲିଆପାଳ ବ୍ଲକ ଶ୍ରୀରାମପୁର ପଂଚାୟତ ଜାହାଜି ପଡିଆରେ ବିଳକୁଆରୀ ରାଧା ମାଧବ ଜୀଉ ଗୋ ସେବା ସଂଗଠନ ପକ୍ଷରୁ ରବିବାର ଗୋ ପୂଜନ ଓ ଗୋ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇ ଯାଇଛି । ବିଳକୁଆରୀ ଗ୍ରାମର ରବୀନ୍ଦ୍ର କୁମାର ଦେ'ଙ୍କ ବଡ ପୁଅ ସ୍ୱର୍ଗତ ନବୀନ କୁମାର ଦେଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଉପ ନିର୍ଦ୍ଦେଶକ (ମୟୂରଭଞ୍ଜ)ଡ଼ଃ ଅଜୟ କୁମାର ବେହେରା,ଡ଼ଃ ଗୌତମ ସୂତାର,ଘଂଟୁଆ ଏଲ ଆଇ ସୁଶାନ୍ତ କୁମାର ଗିରି, ଡାପୁଣ୍ଡିଆ ଏଲ ଆଇ ଅଜିତ କୁମାର ଦାସ, ବୋଳଂ ଏଲ ଆଇ ଅଜୟ କୁମାର ଗିରି, ରତାଇ ଏଲ ଆଇ ଜୟ ସେନ ପୋଡ଼, ମୈତ୍ରୀ ଅନନ୍ତ କୁମାର ବେହେରା, ମଧୁପୁରା ର ଜୀବନ କୃଷ୍ଣ ଦେ, ଅଭିଷେକ ମହାରଣା ପ୍ରମୁଖ ଯୋଗ ଦେଇ ଗାଈ ଗୋରୁଙ୍କ ଚିକିତ୍ସା, ରୋଗ ଚିହ୍ନଟ, ଔଷଧ ବଂଟନ କରିଥିଲେ । ସାମ୍ବାଦିକ ଗୋପ ନାରାୟଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବ ରେ ଶିକ୍ଷାବିତ ନାରାୟଣ ପ୍ରସାଦ ସାହୁ, ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି, ସନ୍ୟାସୀ ବେହେରା, ଅଧ୍ୟାପକ ଶ୍ରବଣ କୁମାର ନାଥ, ଦେଭୋଗ ସରପଂଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଗୋ ପୂଜନର ପରମ୍ପରା ଓ ମହତ୍ୱ ସମ୍ପର୍କ ରେ କହିଥିଲେ । ଏହି ଅବସରରେ ପ୍ରହ୍ଲାଦ ଚରଣ ଜେନା, ଦୁଲି ମାଇଣ୍ଡି, ଶିବ କଲ୍ୟାଣ ଦେ ଓ ସ୍ୱେଚ୍ଛାସେବୀ ସଂଗଠନ ଚନ୍ଦ୍ରଶେଖର ଆଜାଦକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ଏଥିରେ ସାମ୍ବାଦିକ ଗୋପ ନାରାୟଣ ଜେନା ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ଗୋ ସେବକ ଅରୁଣ କୁମାର ଦେ, ଜୟ ନାରାୟଣ ଜେନା, ଖେଳ ଶିକ୍ଷକ ରଞ୍ଜନ କୁମାର ସାହୁ, ସ୍ୱାଗତ ସାହୁ, ସୁବାସ ଜେନା, ବସନ୍ତ ଦେ, ସୁଜିତ ଗିରି, ଅଜୟ ଦେ, ମାନସ କୁମାର ଦାସ, ସୁବ୍ରତ ଜେନା, ବିବେକାନ୍ଦ ଦେ, ବଳରାମ ଦେ, ସତ୍ୟ ରଞ୍ଜନ ପାତ୍ର, ଶୁଭଶ୍ରୀ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବିଭିନ୍ନ ଔଷଧ କମ୍ପାନୀ ପକ୍ଷରୁ ଔଷଧ ପତ୍ର ଯୋଗା ଯାଇ ଥିଲା । ସଂଗଠକର ସମ୍ପାଦିକା ମଞ୍ଜୁଲତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ପାଣିରେ ବୁଡ଼ି ଦୁଇ ନାବାଳିକା ମୃତ

ବାଲିଆପାଳ, ୨୩।୧୧ (ଆ.ପ୍ର) : ଦୁନିଆ କଣ ବୁଝିବା ଆଗରୁ ଚାଲି ଗଲା ଦୁଇ ନାବାଳିକା ଜୀବନ । ଖେଳୁଥିଲା ବେଳେ ଘର ପାଖ ପୋଖରୀରେ ବୁଡି ଦୁଇ ସମ୍ପର୍କୀୟ ନାବାଳିକା ଭଉଣୀର ମୃତ୍ୟୁ ଘଟିଛି । ଏହାକୁ ନେଇ ଡାକ୍ତର ଖାନା ପରିସରରେ ଶୋକାକୁଳ ପରିବେଶ,ସୃଷ୍ଟି ହୋଇଛି ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ବଡାସ ଗାଁରେ, ସୂଚନା ଅନୁଯାୟୀ ବଡାସ ରେ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଛି. ଏହାକୁ ଦେଖିବା ପାଇଁ ବଡାସ ଗାଁ ଦୀପକ ରାଉତ ଘରକୁ ଉଗରା ଗାଁର ନକିଆ ବିଶ୍ୱାଳଙ୍କ ପରିବାର ବୁଲିବାକୁ ଆସିଥିଲେ । ଆଜି ଅପରାହ୍ନ ୩ଟା ସମୟରେ ଘର ଭିତରେ ପରିବାର ସମସ୍ତ ସଦସ୍ୟ ଥିଲା ବେଳେ ଦୀପକ ରାଉତର ୫ ବର୍ଷର ଝିଅ ବୈଷ୍ଣବୀ ରାଉତ ଓ ନକିଆ ବିଶ୍ୱାଳର ୩ ବର୍ଷର ଝିଅ ରଶ୍ମିତା ବିଶ୍ୱାଳ ଘର ପାଖରେ ଖେଳୁଥିଲେ । ଏହି ସମୟରେ ଘର ପାଖରେ ମାଛ ଚାଷ ପାଇଁ ନିର୍ମିତ ହୋଇଥିବା କୃତ୍ରିମ ପୋଖରୀରେ ପରିବାର ସଦସ୍ୟଙ୍କ ଅଗୋଚରରେ ପଡି ବୁଡି ଯାଇଥିଲେ, ପରିବାର ଲୋକ ବହୁ ସମୟ ପରେ ଉଭୟଙ୍କୁ ନ ପାଇ ଚାରିଆଡେ ଖୋଜା ଖୋଜି କରିଥିଲେ ଶେଷରେ ଉଭୟଙ୍କୁ ଉକ୍ତ କୃତ୍ରିମ ପୋଖରୀରୁ ଭାସମାନ ଅବସ୍ଥାରେ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଆସିଥିଲେ । ସେଠାରେ ଡାକ୍ତର ଉଭୟ ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ପରେଡାକ୍ତର ଖାନା ପରିସରରେ ସମ୍ପର୍କୀୟଙ୍କ ଭିଡ ଜମିବା ସହ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ବାଲିଆପାଳ ପୋଲିସ ଘଟଣା ସ୍ଥଳରେ ପହଂଚି ଶବ ଜବତ କରି ତଦନ୍ତ ଜାରୀ ରଖିଛି ।

ମୋନା ପକ୍ଷରୁ ନବକୃଷ୍ଣ ଚୌଧୁରୀଙ୍କର ଜୟନ୍ତୀ ପାଳିତ ପରିବାରକୁ ନିଶାମୁକ୍ତ କରିବା ପାଇଁ ମୋନାର ଆହ୍ୱାନ

ବାଲିଆପାଳ, ୨୩।୧୧ (ଆ.ପ୍ର) : ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ମୋନା ପକ୍ଷରୁ ରବିବାର ଅପରାହ୍ନରେ ବାଲିଆପାଳ ବ୍ଲକ ବାଲିକୁଟି ପଂଚାୟତ ଅଫିସ୍ ସଭାଗୃହରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କର ୧୨୫ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋନାର ରାଜ୍ୟ ସଂଯୋଜକା ତପସ୍ୱିନି କର ଙ୍କର ଅଧକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ବାଲିକୁଟି ସରପଂଚ ଯଶୋଦା ମଣି ଧଳ, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ମିଳିତ ଓଡ଼ିଶା ନିଶା ନିବାରଣର ଜିଲ୍ଲା ସଂମ୍ପାଦକ ପିତାମ୍ବର ଭୂୟାଁ , ସଭାନେତ୍ରୀ ବ୍ରିଜେଶ୍ୱରୀ ପାଳ ପ୍ରମୁଖ ଯୋଗଦେଇ ଗ୍ରାମାଂଚଳରୁ ନିଶାମୁକ୍ତ କରିବା ପାଇଁ ପ୍ରତ୍ୟେକ ପରିବାରରୁ ସ୍ୱର ଉଠାଇବା ଏବଂ ଚୋରା ମଦକୁ ବିରୋଧ କରିବା, ନିଜ ପରିବାରକୁ ନିଶା ମୁକ୍ତ କରିବା, ରାଜସ୍ୱ ନାଁରେ ସରକାର ମଦକୁ ପ୍ରୋତ୍ସାହନ ଯୋଗାଇବା ପରି ପ୍ରସଙ୍ଗ ଉପରେ ମତବ୍ୟକ୍ତ କରିଥିଲେ । ଏହା ବ୍ୟତିତ ସରକାର ମଦ ମୁକ୍ତ ଓଡିଶା ଗଠନ ଦିଗରେ ନିଶାର ମୂଳ ଉତ୍ପାଟନ କରି ଖଣିଜ ପଦାର୍ଥ ଉପରେ ଅଧିକ ରୋୟାଲଟି ଲଗାଇ ରାଜସ୍ୱକୁ ବୃଦ୍ଧି କରିବା ପାଇଁ ଆହ୍ୱାନ ଦେଇଥିଲେ । ସ୍ୱର୍ଗତ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀ ନିଶା ମୁକ୍ତ ଓଡିଶା ଗଠନ ପାଇଁ ଆହ୍ୱାନ ଦେଇଥିଲେ ମାତ୍ର ଆଜି ପର୍ଯ୍ୟନ୍ତ ସେହି କଥାଟିକୁ ସରକାର କାର୍ଯ୍ୟକାରୀ କରୁନଥିବାରୁ ମୋନା ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା ।

ପ୍ରଶାନ୍ତ ଦାସଙ୍କ କବିତା ପୁସ୍ତକ 'ପ୍ରଚ୍ଛଦ କବିତା'ର ପ୍ରଚ୍ଛଦ କବିତା ପର୍ବ ଆୟୋଜିତ

ବାଲେଶ୍ୱର, ୨୩।୧୧ (ଆ.ପ୍ର) : ଓଡ଼ିଆ ସାହିତ୍ୟର କବିତା ଜଗତରେ ଭିନ୍ନ ଏକ ଶୈଳୀରେ ରଚନା ହୋଇଥିବା ପ୍ରଶାନ୍ତ ଦାସଙ୍କ କବିତା ପୁସ୍ତକ 'ପ୍ରଚ୍ଛଦ କବିତା'ର ଏକ ନୂତନ ରୁଚିରେ ଆୟୋଜିତ 'ପ୍ରଚ୍ଛଦ କବିତା ପର୍ବ' ସ୍ଥାନୀୟ ଆତିଥ୍ୟ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଜିଲ୍ଲାର ୨୬ ଜଣ ଲେଖକଙ୍କ ପ୍ରକାଶିତ ପୁସ୍ତକ ଓ ପ୍ରଚ୍ଛଦକୁ ନେଇ ଲିଖିତ କବିତା ସଙ୍କଳନ 'ପ୍ରଚ୍ଛଦ କବିତା'ର 'ପ୍ରଚ୍ଛଦ କବିତା ପର୍ବ'କୁ ପାଠକ ଓ ବୈଜ୍ଞାନିକ ପି.ଏକ୍ସ.ଇ.ର ଆସୋସିଏଟ୍ ଡାଇରେକ୍ଟର ଡକ୍ଟର ହିମାଂଶୁ ପଣ୍ଡା ଉଦ୍‌ଘାଟନ କରି ନିଜ ବକ୍ତବ୍ୟରେ କହିଲେ ଯେ କବିଟିଏ ନିଜ କବିତାକୁ ଏକାଧିକବାର ପଢ଼ିଥାଏ ଓ ଲେଖିଥାଏ । କବିମାନେ ହିଁ ମାନବ ସମାଜ ପାଇଁ ବୌଦ୍ଧିକ ବିଚାର ସାଇତି ରଖିଥାନ୍ତି । 'ପ୍ରଚ୍ଛଦ କବିତା' ପୁସ୍ତକ ପ୍ରକାଶନ କ୍ଷେତ୍ରରେ ନୂଆ ଏକ ବାର୍ତ୍ତା ପ୍ରଦାନ କରିଛି । ଏଥିରେ ଅନ୍ୟତମ ଅତିଥି ଭାବରେ ସନ୍ତୋଷ ଦାସ ଯୋଗ ଦେଇ ଲେଖକମାନେ ଏବେ ସମାଜରେ ଚିକିତ୍ସକ ଭାବେ ପରିଗଣିତ ହେଉଥିବା କଥା କହିଥିଲେ । କବି ଓ କଥାକାର ଗଙ୍ଗାଧର ବିଶ୍ୱାଳ ନିଜର ଅଭିମତ ରଖି କହିଲେ ଯେ ପ୍ରଶାନ୍ତଙ୍କ 'ପ୍ରଚ୍ଛଦ କବିତା' କବିଙ୍କ କଳ୍ପନା ଓ ଭାବନାର ଏକ ସୁନ୍ଦର ପରିପ୍ରକାଶ । କାରଣ କବିଟିଏ ଚିରକାଳ କଳ୍ପନାବିଳାସୀ । ପ୍ରିୟ ପାଠକ ଶଶିରଂଜନ ମଲ୍ଲିକ ଯୋଗଦାନ କରି କହିଲେ ଯେ ପାଠକମାନେ ହିଁ କବିଙ୍କ ସୃଷ୍ଟିର ନିରପେକ୍ଷ ବିଚାରକ । ତେଣୁ ଜଣେ ପାଠକ ଭାବେ ମୁଁ ଅନୁଭବ କରିଛି ଯେ କବିତାଗୁଡ଼ିକ ନିଶ୍ଚୟ ପାଠକଙ୍କୁ ଛୁଇଁବ । ଲେଖକୀୟ ବକ୍ତବ୍ୟରେ କବି ଦାସ କହିଲେ ଯେ ଲେଖକମାନଙ୍କର ପ୍ରକାଶିତ ପୁସ୍ତକ ଓ ପ୍ରଚ୍ଛଦ ମୋତେ ପ୍ରେମମୟ ଆଲିଙ୍ଗନ କରିଲା ବୋଲି ତ ମୁଁ 'ପ୍ରଚ୍ଛଦ କବିତା' ପୁସ୍ତକ ରଚନା କଲି ଓ ପ୍ରକାଶ କଲି ଓ ଏହି କବିତାପୁସ୍ତକ ପାଠକମାନଙ୍କ ହାତରେ ଅର୍ପଣ କରୁଅଛି । ଏହି ଉତ୍ସବରେ କବି ଦାସଙ୍କ ପ୍ରଥମ କବିତା ପୁସ୍ତକ 'ଜରି ଗୋଟାଇବା ଝିଅ' ଓ ଗଳ୍ପ ପୁସ୍ତକ 'ନୀଳ ମଣିଷ'ର ପ୍ରଚ୍ଛଦ ଶିଳ୍ପୀ କେଶୁ ଦାସଙ୍କୁ ଶ୍ରୀ ଦାସଙ୍କ ତରଫରୁ ' ପ୍ରଚ୍ଛଦ କବିତା ସମ୍ମାନ' ପ୍ରଦାନ କରାଯାଇଥିଲା । ଶିଳ୍ପୀ ଶ୍ରୀ ଦାସ ସମ୍ବର୍ଦ୍ଧନା ଗ୍ରହଣ କରି କବିଙ୍କର ଏହି ନୂତନ ସୃଜନକୁ ପ୍ରଶଂସା କରିଥିଲେ । 'ପ୍ରଚ୍ଛଦ କବିତା' ପୁସ୍ତକରେ ସ୍ଥାନିତ କବିତାଗୁଡ଼ିକ ଦୀପ୍ତି ଦାସ, ଗଙ୍ଗାଧର ବିଶ୍ୱାଳ, କୃଷ୍ଣ କୁମାର ମହାନ୍ତି, ଶ୍ରୀଦେବ, ଡକ୍ଟର ରାଧାରଂଜନ ପଟ୍ଟନାୟକ, ଉଦୟ ନାରାୟଣ ଦାସ, ସୈରିନ୍ଧ୍ରୀ ସାହୁ, ନିବାରଣ ଜେନା, ସିତାଂଶୁ ଲେଙ୍କା, ଅଭୟ ଦାସ, ରଂଜନ ବାଗ, ଡ. ଦେବାଶିଷ ପାତ୍ର, ଉତ୍ପଳ ମହାନ୍ତି, ଜ୍ୟୋତ୍ସ୍ନା ବିଶ୍ୱାଳ, ସତ୍ୟ ସାହୁ, ଶୁଭେନ୍ଦୁ ଦାସ, କ୍ଷୀରୋଦ ବିହାରୀ ବିଶ୍ୱାଳ, ଡ. ସନ୍ତୋଷ ନାୟକ, ସଂଜୟ ପଣ୍ଡା, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ ଓ ପ୍ରଶାନ୍ତ ଦାସଙ୍କ ପ୍ରକାଶିତ ପୁସ୍ତକ ଓ ପ୍ରଚ୍ଛଦ ଉପରେ କବି ଦାସଙ୍କ ଦ୍ୱାରା ଲେଖା ହୋଇଛି । ପ୍ରାରମ୍ଭରେ ଆବାହକ ବିପ୍ଳବ ଦାସ ମହାପାତ୍ର ଓ ରାଜେଶ ଗିରି ଉତ୍ସବ କଥା ରଖିଥିବା ବେଳେ କବି ମଧୁସୂଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କବିତାଗୁଡ଼ିକର ପ୍ରିୟ ପାଠକ ଡ. ଜଗନ୍ନାଥ ଖଟୁଆ କବିତା ସଂପର୍କରେ ନିଜର ଅନୁଭବ ଓ ସୂଚନା ପ୍ରଦାନ କରିଥିଲେ । ଶେଷରେ ଏକ କବିତାମୟ ପରିବେଶ ଭିତରେ ନିଜ ପୁସ୍ତକ ଉପରେ ଲିଖିତ କବିତାକୁ ଉପସ୍ଥିତ ଲେଖକମାନେ 'ପ୍ରଚ୍ଛଦ କବିତା ପର୍ବ'ରେ ପାଠ କରିଥିଲେ । ଏହି ଉତ୍ସବରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ସାହିତ୍ୟପ୍ରେମୀ ବ୍ୟକ୍ତିବିଶେଷ ଯୋଗଦାନ କରି ଉତ୍ସବକୁ ସଫଳ କରାଇଥିଲେ ।

ସେଇଥ ଆରମ୍ଭ
SEITHO ARAMBHA
ସୋମବାର, ୨୪ ନଭେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ସ୍ୱାସ୍ଥ୍ୟ

ସଂପୂର୍ଣ୍ଣ ଶରୀରର ଶାରୀରିକ ଓ ମାନସିକ ସୁସ୍ଥତା ଅର୍ଥାତ୍ ଏକ ରୋଗ ବିହୀନ ଶରୀରକୁ ହିଁ ଉପଯୁକ୍ତ ସ୍ୱାସ୍ଥ୍ୟ ବୋଲି କହିପାରିବା । ମନୁଷ୍ୟକୁ ଅମୃତସ୍ୟ ପୁତ୍ରାଃ କୁହାଯାଏ । ଏଭଳି ଏକ ପବିତ୍ର ଶରୀର ରୋଗାଗ୍ରସ୍ତ ହୋଇ ଅକାଳରେ ମୃତ୍ୟୁ ମୁଖରେ ପଡୁଛି କାହିଁକି ? ଶରୀର ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ଭରପୁର କରିଦେଇଛି ପ୍ରକୃତି । ତାହେଲେ ରୋଗ କିପରି ଆକ୍ରମଣ କରୁଛି ? ସେଥିପାଇଁ ଦାୟୀ କିଏ ? ଏ ସବୁ ଆଲୋଚନା କଲେ ଜଣାପଡ଼େ ଆମ ରୋଗର କାରଣ ଆମେ ନିଜେ । ଅର୍ଥାତ ଆମ ଶରୀରର ଅଯତ୍ନ ହେତୁ ପ୍ରକୃତିଦତ୍ତ ଖାଦ୍ୟ ଠାରୁ ଦୂରେଇ ଅଖାଦ୍ୟ ଗ୍ରହଣ ହେତୁ ବିଶେଷତଃ ଆମର ପ୍ରକୃତିଦତ୍ତ ପରିବେଶ ପ୍ରଦୂଷଣ ହେତୁ ଆଜି ଆମକୁ ରୋଗ ଆକ୍ରମଣ କରୁଛି । ଆମ ପରିବେଶ ଏତେ ମାତ୍ରାରେ ବିଗିଡ଼ି ଯାଇଛି ଯେ ବର୍ତ୍ତମାନ ମାନବ ଜାତିର ଅସ୍ତିତ୍ୱ ମଧ୍ୟ ସଂକଟମୟ । ପରିବେଶ ପ୍ରଦୂଷିତ ହୋଇ ସ୍ୱାସ୍ଥ୍ୟ ଉପରେ ଯେତିକି କୁପ୍ରଭାବ ପକାଉଛି ତାଠାରୁ ଅଧିକ ବନ୍ୟା, ମହାବାତ୍ୟା, ଦୁର୍ଭିକ୍ଷର ପ୍ରକୋପ ବଢ଼ି ଚାଲିଛି । ତେଣୁ ଏକ ସୁସ୍ଥ ପରିବେଶ ହିଁ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରିପାରିବ । ଅର୍ଥାତ୍ ଏକ ନୀରୋଗ ଜୀବନ ପାଇଁ ଆମ ପରିବେଶକୁ ପ୍ରଦୂଷଣମୁକ୍ତ କରିବା ଏକାନ୍ତ ଜରୁରୀ । ଆମ ଚାରିପାଖେ ଯାହା ବିଦ୍ୟମାନ ଏବଂ ଦୃଶ୍ୟମାନ ସବୁ ହେଉଛି ପରିବେଶ । ନିଜ ଘର ଭିତର ଠାରୁ ଆରମ୍ଭ କରି ସାରା ବ୍ରହ୍ମାଣ୍ଡ ହେଉଛି ଆମ ପରିବେଶ, ଯାହାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଆମର ପ୍ରଥମ କର୍ତ୍ତବ୍ୟ । ପିଣ୍ଡ ବ୍ରହ୍ମାଣ୍ଡ ଏକମତ, କହନ୍ତି ସୁଜ୍ଞାନୀ ପଣ୍ଡିତ । ପିଣ୍ଡ ଅର୍ଥାତ୍ ଆମର ଶରୀରର ପରିଚ୍ଛନ୍ନତା ଯେତିକି ଦରକାର ବ୍ରହ୍ମାଣ୍ଡ ଅର୍ଥାତ ପରିବେଶର ପରିଚ୍ଛନ୍ନତା ସେତିକି ଦରକାର । ଆସନ୍ତୁ ଜାଣିବା ଆମ ପରିବେଶ ଆମେ କିପରି ପ୍ରଦୂଷିତ କରି ରୋଗକୁ ନିମନ୍ତ୍ରଣ କରୁଛୁ । ଆମେ ପ୍ରାୟ ଆମ ଘର ଭିତରେ ବହୁ ସମୟ କଟାଉଛୁ । ପାନପିକ, ଛେପ, ଖଙ୍କାର ଇତ୍ୟାଦି ରୋଷେଇ ଘର କିମ୍ବା କାନ୍ଥ ବାଡ଼ରେ ପକାଉଛେ କି ? ନାଁ, କିନ୍ତୁ ରାସ୍ତାଘାଟ, ସରକାରୀ କାର୍ଯ୍ୟାଳୟରେ ଏସବୁ ପକାଇ ମଇଳା କରିବା ଆମର ଦୈନନ୍ଦିନ ଅଭ୍ୟାସ । ଏହାଦ୍ୱାରା ରୋଗ ଜୀବାଣୁ ସିଧା ଆସି ଆମ ଶରୀରରେ ପ୍ରବେଶ କରେ । ସରକାରୀ କାର୍ଯ୍ୟାଳୟ, ପରିସ୍ରାଗାର ବା ପାଇଖାନା ଅବସ୍ଥା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର । ବସଷ୍ଟାଣ୍ଡ, ରେଳ ଷ୍ଟେସନ ଇତ୍ୟାଦିର ଅବସ୍ଥା ନକହିଲେ ଭଲ । ପରିସ୍ରାଗାରକୁ ଯିବା ତ ଦୂରର କଥା, ସେହି ପାଖରେ ମଧ୍ୟ ଦୁର୍ଗନ୍ଧ ହେତୁ ଯାଇ ହୁଏନାହିଁ । ଏସବୁ ପ୍ରଦୂଷଣ କିଏ କରୁଛି ? ଆମେ ମାନେ ଖୋଦ ମଣିଷ ଜାତି, ମଣିଷ ଏତେ ଶିକ୍ଷିତ, ସଚେତନ ତଥାପି ଏଭଳି ଭୁଲ କରି ଚାଲିଛି । କାହିଁକି ପରିସ୍ରା ଯାଇ ପାଣି ପକାଇ ସଫା କରିବା କ'ଣ ପାପ ? ଝାଡ଼ା ଫେରି ଭଲ ଭାବରେ ଧୋଇବା କ'ଣ ମନା, ଏସବୁ ଆମର ମଣିଷ ପଣିଆର ଅଭାବ । ଖୋଦ ଆମ ଘର କଥା ଦେଖାଯାଉ । ପ୍ରତ୍ୟେକ ରୋଷେଇ ଘର ମଧ୍ୟରେ ପ୍ରାୟ ଅଳନ୍ଧୁ ଦେଖିବାକୁ ମିଳେ । ସେଇ ଅଳନ୍ଧୁରୁ ଧୂଳି ଧୂସର ଆମ ଖାଦ୍ୟରେ ପଡ଼ି ଖାଦ୍ୟକୁ ବିଷାକ୍ତ କରିଦିଏ । ଘର ଭିତରେ ବହୁତ ଯାଗା ଥାଏ ଯାହାକି ସଫା ନହୋଇ ସେଠାରେ ଛୋଟ ଛୋଟ ଜୀବ ଜନ୍ତୁ ରହି ଆମର ସ୍ୱାସ୍ଥ୍ୟର ହାନି ଘଟାନ୍ତି । ଘର ଭିତରେ ଥିବା ଫ୍ରିଜରେ ଆମର ଖାଦ୍ୟ ପଦାର୍ଥ ଖୋଲା ଭାବରେ ରଖୁ । ଅଥଚ ଭିତର ସଫା ନହୋଇ ଅସ୍ୱାସ୍ଥ୍ୟକର ହୋଇପଡ଼େ । ଆଗେ ଛାତ୍ରଛାତ୍ରୀମାନେ ପାଳି କରି ପ୍ରତିଦିନ ବିଦ୍ୟାଳୟର ଘର ଭିତର ସହ ବାହାର ରାସ୍ତା ଘାଟ ମଧ୍ୟ ସଫା କରୁଥିଲେ । ସୁନ୍ଦର ପରିବେଶରେ ପାଠ ପଢ଼ାରେ ଆନନ୍ଦ ଲାଗୁଥିଲା । ବର୍ତ୍ତମାନ ବହୁ ବିଦ୍ୟାଳୟ, ମହାବିଦ୍ୟାଳୟ ଏପରିକି ବିଶ୍ୱ ବିଦ୍ୟାଳୟ ଅବସ୍ଥା ନକହିଲେ ଭଲ । ସୁସ୍ଥ ବାତାବରଣ କେଉଁଠି ନାହିଁ, ସେଠାରେ ସୁସ୍ଥ ମନଟିଏ ମିଳିବ କିପରି ।

ପ୍ରଶ୍ୱାସରେ ପଶିବ ବିଷ

।। ତୁଷାର ରଞ୍ଜନ ସାହୁ ।।

ଶୀତ ଗମ୍ଭୀର ରୂପ ନେଲାଣି । ବିବାହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ବାଣ ଓ ତତ୍‌ଜନିତ ବିଭିନ୍ନ ସାମଗ୍ରୀର ବ୍ୟବହାର ବାୟୁରେ ବିଷାକ୍ତ କଣିକା ସବୁ ଆଚ୍ଛାଦିତ କରିଦେଲାଣି । ଏହିପରି ଏକ ସମୟରେ ଆମ ସମସ୍ତଙ୍କ ପାଇଁ ବିଶୁଦ୍ଧ ପବନ ଟିକିଏ ମୁସ୍କିଲ ହୋଇଗଲାଣି କହିଲେ ଅତ୍ୟୁକ୍ତି ହେବନାହିଁ । କଟକ-ଭୁବନେଶ୍ୱର ଦ୍ୱୈତନଗରୀ ପ୍ରଦୂଷଣର ପାରଦରେ ସବୁଠୁ ଶୀର୍ଷରେ ରହିଛି । ଆମେ ସବୁ ଯେଉଁ ବାଣ ବ୍ୟବହାର କରିଥାଉ ସେଥିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ (କେମିକାଲ) ବ୍ୟବହାର ହେଉଛି । ଏହି ବାଣ ପୋଡିଲେ ସେଥିରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ୍), ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ହାଇଡ୍ରୋ କାର୍ବନ, ଟାରକୋଲ ବାଷ୍ପ । ଆକାଶକୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ । ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ ।

ଏହାର ପ୍ରଭାବ ଦ୍ୱାରା ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ । କେବଳ ସେତିକି ନୁହେଁ ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ । ଅଚାନକ ରକ୍ତଚାପ ବଢ଼ିଯାଏ । ଏମିତିକି କେବେ କେବେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ ଆକ୍ରାନ୍ତ କରିପାରେ । କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ । ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ । ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ । ଏଥିରେ ହୃଦ ରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ । ସଲଫର ଡାଇଅକ୍ସାଇଡ ଗ୍ୟାସ ପୁରା ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ । ବିଶେଷକରି ଫୁସଫୁସକୁ ଆକ୍ରାନ୍ତ କରେ । ଅଚାନକ କାଶ ବଢ଼ିପାରେ । ଛାତିରେ ଯନ୍ତ୍ରଣା ହୁଏ । ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ । ବ୍ଲାକ ପାଉଡର ମଧ୍ୟ ବେଶ କ୍ଷତିକାରକ । ଛାତି ରୋଗ ସହ, ଆଜମା, ଫୁସଫୁସ କ୍ୟାନସର ରୋଗକୁ ଏହା ବଢ଼ାଏ । ଏହା ପରିବେଶକୁ ବ୍ୟାପକ କ୍ଷତାକ୍ତ କରିଥାଏ । ଦେଶରେ ସଡ଼କ ଦୁର୍ଘଟଣା ଓ ହୃଦରୋଗ ପରେ ସର୍ବାଧିକ ମୃତ୍ୟୁ କ୍ରୋନିକ ଅବଷ୍ଟ୍ରକଟିଭ ପଲମୋନାରି ଡିଜିଜ ଯୋଗୁ ହେଉଛି । ଏହା ଏକ ଶ୍ୱାସଜନିତ ରୋଗ । ଏଥିରେ ଫୁସଫୁସ କ୍ଷତିଗ୍ରସ୍ତ ହୋଇ ସଙ୍କଟାପନ୍ନ ସ୍ଥିତି ସୃଷ୍ଟି କରେ । ଧୂମପାନ ଓ ବାୟୁ ପ୍ରଦୂଷଣ ଏହାର ପ୍ରମୁଖ କାରଣ । ଧୂଆଁ ଶ୍ୱାସ ରୋଗୀଙ୍କ ପାଇଁ ସବୁବେଳେ ଖରାପ । ଅତ୍ୟଧିକ ନିର୍ମାଣ କାର୍ଯ୍ୟରୁ ନିର୍ଗତ ଧୂଳି, ଗାଡ଼ି ମୋଟର ଧୂଆଁକୁ ମଣିଷ ପ୍ରତିଦିନ ପ୍ରଶ୍ୱାସରେ ଗ୍ରହଣ କରୁଛି । ଏହା ସ୍ୱାସ୍ଥ୍ୟକୁ ଖରାପ କରୁଥିବାବେଳେ ଦୀପାବଳିର ପ୍ରବଳ ଆତସବାଜିକୁ ନିର୍ଗତ ଧୂଆଁ ଆହୁରି ସ୍ୱାସ୍ଥ୍ୟ ବିଗାଡ଼ିବ । ଦୀପାବଳିରେ ସାପବାଣ, ଚାଇନା ଲଙ୍କା ବାଣରୁ ବେଶି ଧୂଆଁ ଓ ପ୍ରଦୂଷଣ ସୃଷ୍ଟି ହୋଇଥାଏ । ସମୟ ଆସିଛି, ଆମକୁ ଚେତିବାକୁ ପଡ଼ିବ ।

ସେହିପରି ଅନାବଶ୍ୟକ ଶବ୍ଦ ସୃଷ୍ଟି 'ଶବ୍ଦ ପ୍ରଦୂଷଣ'ର ବଡ଼ କାରଣ । ଏନଭାର୍ନମେଂଟ ପ୍ରୋଟେକ୍ସନ ରୁଲସ୍ - ୧୯୯୯ଅନୁଯାୟୀ ଶବ୍ଦ ସ୍ତର ୧୨୫ ଡେସିବଲ ପର୍ଯ୍ୟନ୍ତ ଦୋଷାବହ ନୁହେଁ । ଅତି ଜୋରରେ ହେଉଥିବା ଶବ୍ଦ ପ୍ରଦୂଷଣ ଶିଶୁ, ବୃଦ୍ଧ, ରୁଗଣ ବ୍ୟକ୍ତିମାନଙ୍କର ବିଶେଷ କ୍ଷତି କରେ । ଉଚ୍ଚ ରକ୍ତଚାପ, ଅତ୍ୟଧିକ ମାନସିକ ଚାପ ବୃଦ୍ଧି ସହ ଏହା ନିଦ୍ରାହୀନତା, ଶ୍ରବଣଶକ୍ତି ହ୍ରାସ ବା ବଧିରତା ପରି ବହୁ ସମସ୍ୟା ସୃଷ୍ଟି କରିଥାଏ । ବଡ଼ ବଡ଼ ସହରରେ ଟ୍ରାଫିକ ବା ଯାନବାହନର ଶବ୍ଦ ଏଭଳି ପ୍ରଦୂଷଣର ଏକ ମୁଖ୍ୟ କାରଣ । ବିଭିନ୍ନ ଶିଳ୍ପସଂସ୍ଥା, କଳକାରଖାନା, ବସ୍, ଟ୍ରକ, ଟ୍ରାକ୍ଟର, ମୋଟର ସାଇକେଲର ଶବ୍ଦ, ଉଡାଜାହାଜ, ଘର ତିଆରି ଶବ୍ଦ, ବାଣ ଫୁଟାଇବା, ଡାକବାକି ଯନ୍ତ୍ର ଇତ୍ୟାଦି ଏହି ପ୍ରଦୂଷଣ କରିଥାନ୍ତି । ଘର ଭିତରେ ମଧ୍ୟ ରେଡ଼ିଓ, ଟିଭି, ମ୍ୟୁଜିକ ସିଷ୍ଟମ ଜୋରରେ ବଜାଇବା ଦ୍ୱାରା ଶବ୍ଦ ପ୍ରଦୂଷଣ ଘଟିଥାଏ । ଅବଶ୍ୟ ରାସ୍ତାଘାଟ, ଘର ତିଆରି ଶବ୍ଦ ନିର୍ଗମନ ସ୍ତର ଉପରେ ସରକାରୀ କଟକଣା ରହିଛି । କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ବିଭିନ୍ନ ସ୍ଥାନ ପାଇଁ ନିର୍ଦ୍ଦିଷ୍ଟ ଶବ୍ଦ ସ୍ତର ଅନୁମୋଦନ କରିଛନ୍ତି ।

ସହରରେ ଗାଡ଼ିମୋଟର ଧୂଆଁ, ରାସ୍ତା ଖୋଳାତାଡ଼ା, ନିର୍ମାଣ କାର୍ଯ୍ୟ ବୃଦ୍ଧି ଯୋଗୁ ବାୟୁ ପ୍ରଦୂଷଣ ଏବେ ବି ଚିନ୍ତାଜନକ ସ୍ଥିତିରେ ରହିଛି । ଦୀପାବଳି ବା ବିବାହ କିମ୍ବା କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମରେ ମନଇଚ୍ଛା ବାଣ ଫୁଟାଇଲେ ସ୍ଥିତି ଆହୁରି ବିଗିଡ଼ି ଯାଇଥାଏ । ଏହା ଫୁସଫୁସକୁ ଗମ୍ଭୀର ଭାବେ ପ୍ରଭାବିତ କରିଥାଏ ଯାହାଦ୍ୱାରା ଆଜମା ରୋଗୀଙ୍କ ସମସ୍ୟା ବଢ଼ିଥାଏ । ବାରୁଦ ଗନ୍ଧ ଓ ଧୂଆଁ ଯୋଗୁ ଆଖି, କାନ, ଚର୍ମରେ ଯନ୍ତ୍ରଣା, ଅସ୍ୱସ୍ତିକର ଲାଗିପାରେ । ଏହା ଗୃହପାଳିତ ପଶୁ, ପକ୍ଷୀଙ୍କ ପାଇଁ ମଧ୍ୟ ବିପଦ । ଗାଈଗୋରୁ, ବୁଲା କୁକୁର ମଧ୍ୟ ଅମ ପାଇଁ ଯନ୍ତ୍ରଣା ଭୋଗିବେ, ଅସୁସ୍ଥ ହେବେ । ବିଭିନ୍ନ ବାଣର ପ୍ରଚଣ୍ଡ ଶବ୍ଦ ବି ହୃଦଘାତ, ବ୍ରେନ ଷ୍ଟ୍ରୋକର କାରଣ ହୋଇପାରେ । ବିଷାକ୍ତ ଗ୍ୟାସ ଓ ଧୂଆଁ ସହ ପ୍ରଚଣ୍ଡ ଶବ୍ଦ ଗର୍ଭବତୀଙ୍କ ବିପଦ । ଗର୍ଭ ନଷ୍ଟ ହୋଇପାରେ । ନବଜାତ, ଶିଶୁ, ବୟସ୍କଙ୍କ ପାଇଁ ଏହା ଅତି ମାରାତ୍ମକ । ଦୀପାବଳି ବାଣଫୁଟା ପରବର୍ତ୍ତୀ ଆବର୍ଜନା ଆଉ ଏକ ବଡ଼ ସମସ୍ୟା ।

ତାପଜ ବିଦ୍ୟୁତକେନ୍ଦ୍ର ଗୁଡ଼ିକରେ କୋଇଲା, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଆଦି ଜୀବାଶ୍ମ ଇନ୍ଧନକୁ ବ୍ୟବହାର କରି ତାପଶକ୍ତି ଉତ୍ପନ୍ନ କରାଯାଏ । ଜୀବାଶ୍ମ ଇନ୍ଧନ ଦହନ ଯୋଗୁଁ ସେଥିରୁ ଅଙ୍ଗାରକାମ୍ଳ, କାର୍ବନ ମନୋକ୍ସାଇଡ୍, ନାଇଟ୍ରୋଜେନ ଅକସାଇଡ୍, ସଲଫର ଡାଇଅକସାଇଡ୍ ଆଦି ଗ୍ୟାସ ଏବଂ ଅନେକ କ୍ଷୁଦ୍ରକଣିକା ନିର୍ଗତ ହୋଇଥାଏ । ଏସବୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ । ବାୟୁମଣ୍ଡଳରେ ଏହାକୁ ପରିମାଣ ବୃଦ୍ଧି ପାଇଲେ ଫୁସଫୁସରେ ସମସ୍ୟା, ଚର୍ମରୋଗ ଏବଂ କର୍କଟ ରୋଗର କାରଣ ପାଲଟି ଥାଏ । ତାପଜ ବିଦ୍ୟୁତ କେନ୍ଦ୍ରରୁ ନିର୍ଗତ ପାର୍ଟିକୁଲେଟ ମ୍ୟାଟର ପାଉଁଶ ଫୁସଫୁସକୁ ଆକ୍ରାନ୍ତ କରିଥାଏ । ପରିବେଶକୁ ପ୍ରଦୂଷିତ କରିଥାଏ । ଏକ ତଥ୍ୟ ମୁତାବକ ଆମ ଓଡ଼ିଶାରେ ଥିବା ସାତଟି ତାପଜ ବିଦ୍ୟୁତ କେନ୍ଦ୍ରରୁ ବାର୍ଷିକ ୨୫ ନିୟୁତ ମେଟ୍ରିକ ଟନ ପାଉଁଶ ନିର୍ଗତ ହେଉଛି । ସେହିପରି ଅଙ୍ଗାରକାମ୍ଳ ହେଉଛି ଗ୍ଲୋବାଲ ୱାର୍ମିଂ ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ । ତେବେ ଜଳ ବିଦ୍ୟୁତ, ଆଣବିକ ବିଦ୍ୟୁତ୍ ସୌର ଶକ୍ତି ଓ ପବନ ଶକ୍ତି ଆଦିର ଉପଯୋଗ ହୋଇପାରିଲେ ପ୍ରଦୂଷଣର ମାତ୍ରା ହ୍ରାସ ପାଇପାରନ୍ତା ।

ଏକଥା ନୁହେଁ ଯେ, ପ୍ରଦୂଷଣ ବାବଦରେ ଆମେ ଜାଣିନୁ । ଦିଲ୍ଲୀର ଭୟାନକ ପ୍ରଦୂଷଣ ସ୍ଥିତି ଜଳଜଳ ହୋଇ ଦିଶୁଛି । ତଥାପି ଆମର ପରୱା ନାହିଁ । ଅନେକ ଭାବୁଛନ୍ତି, ଆମ ସ୍ଥିତି ଭଲ ଅଛି । ଆମର କିଛି ହେବନି । ଦିନକରେ କ'ଣ ପ୍ରଦୂଷଣ ମାଡ଼ିଯିବ ନା ଆକାଶ ଛିଣ୍ଡି ପଡ଼ିବ । ହେଲେ ମନେରଖିବା ଦରକାର ଆନନ୍ଦ, ଦୁଃଖ ବା ବିପଦର କାରଣ ନ ହେଉ ।

ଚିଲାକ୍ସ, ଏମୋରିୟମ ଲେନ୍,
ରାଣୀହାଟ, କଟକ, ଦୂରଭାଷ
: ୯୮୬୧୦୪୭୫୭୫

ଅହିଂସାର ରାସ୍ତାରେ ଆମେ

।। ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ।।

ଆଜି ଅନ୍ତର୍ଜାତୀୟ ହିଂସାବିରୋଧୀ ଦିବସ । ଆଜିପରି ସ୍ମରଣୀୟ ଦିବସରେ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ହିଂସା ବିରୁଦ୍ଧରେ ସମର୍ପିତ ଚିନ୍ତନର ଦିବସ । ଆଜି ସମଗ୍ର ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଉଦ୍‌ବେଗଜନକ ଭାବେ ହିଂସାତ୍ମକ ଘଟଣା ଛାତି ଥରାଇ ଦେଉଥିବାବେଳେ ଏହା ବିରୁଦ୍ଧରେ ସଚେତନତାତ୍ମକ ଭାବରେ ବିଭିନ୍ନ ଅନୁଷ୍ଠିତ କାର୍ଯ୍ୟକ୍ରମ କିଛିକାଂଶରେ ହିଂସାର ଦାବାନଳକୁ ପ୍ରଶମିତ କରୁଥିଲେ ବି ବାସ୍ତବରେ ସବୁଠି ଆଜି ଅହିଂସାର ଚିନ୍ତା ଚେତନାର ମୂଲ୍ୟବୋଧ ସତେଯେପରି ବିରାଟ ପ୍ରଶ୍ନବାଚୀ ? ଆମ ଭାରତ ମାଟିରେ ପଡ଼ୋଶୀ ରାଷ୍ଟ୍ରର କିଛି ଅସାମାଜିକ ତତ୍ତ୍ୱଙ୍କ ପ୍ରୋତ୍ସାହନରେ ବିଭିନ୍ନ ସ୍ଥାନରେ ହିଂସାତ୍ମକ ଘଟଣା ବ୍ୟଥିତ କରୁଛି । ଦିନକୁ ଦିନ ଯୁବପିଢ଼ୀ ଏହାର ଶିକାର ହୋଇଯାଉଛନ୍ତି । ବିଭିନ୍ନ ଫୋରମ୍‌ରେ ହିଂସା ବିରୋଧୀ ସଚେତନଧର୍ମୀ କାର୍ଯ୍ୟକ୍ରମ ସମାଜରେ ଶାନ୍ତିର ସହାବସ୍ଥାନ ପରିବେଶ ବି ସୃଷ୍ଟି କରୁଛି । ଉଦାହରଣ ଭାବରେ ପଞ୍ଜାବକୁ ନିଆଯାଇପାରେ । ଦିନ ଥିଲା ପ୍ରତିଦିନ ଏହି ରାଜ୍ୟରେ ହିଂସାତ୍ମକ ଘଟଣା ଘଟିଚାଲିଥିଲା, କିନ୍ତୁ ଆଜି ସେଠି ବେଶ୍ ଶାନ୍ତିପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇପାରିଛି । ସେ ରାଜ୍ୟର ପ୍ରତିଟି ଅଧିବାସୀ ଅହିଂସାର ଅସ୍ତ୍ର ଧରି ନିଜ ରାଜ୍ୟରୁ ହିଂସାର ବାତାବରଣକୁ ହଟାଇଦେବାକୁ ସକ୍ଷମ ହୋଇଥିଲେ । ସରକାର ଓ ପ୍ରଶାସନ ଏହାପାଇଁ ଆନ୍ତରିକ ସ୍ତରରେ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ତାହାର ସୁଫଳ ଆଜି ଶାନ୍ତିର ପଞ୍ଜାବ । ଭାରତରେ ଉଦ୍‌ବେଗଜନକ ଭାବରେ ହିଂସାତ୍ମକ ଘଟଣା ଘଟୁଛି । ଯୁବପିଢ଼ୀ ମିଛ ପ୍ରହେଳିକାର ଶିକାର ହୋଇ ହିଂସାତ୍ମକ ମୁଖିଆଙ୍କ ଚକ୍ରବ୍ୟୂହରେ ଫସି ଯାଉଛନ୍ତି । ବେକାରୀ ସମସ୍ୟା କେତେକ କ୍ଷେତ୍ରରେ ଏହାର କାରଣ ଭାବରେ ଗଣାଯାଏ । ତଥାପି ଖୁସିର କଥା ଆଜିକାଲି ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବିଦ୍ୟାଳୟରେ ପିଲାମାନଙ୍କ ଭିତରେ ହିଂସାବିରୋଧୀ ଦିବସ କେତେକ ସ୍ଥାନରେ ପାଳିତ ହେଉଛି । ସମାଜରୁ ହିଂସାର ଚେରକୁ ମୂଳୋତ୍ପାଟନ କରି ଅହିଂସାର ପରିବେଶ ଓ ଅହିଂସାର କ୍ଷେତ୍ର ପ୍ରତିଷ୍ଠା ପାଇଁ ଯୁବପିଢ଼ୀ ଶପଥ ନେଉଥାନ୍ତି ।

ଗୋଟିଏ ବିକଶିତ ଦେଶର ପ୍ରଗତିରେ ଅର୍ଥନୀତିର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଦେଶରେ ହିଂସାର ବାତାବରଣ ସୃଷ୍ଟି ହେଲେ ଶିଳ୍ପ ସଂସ୍ଥା ସମ୍ଭବ ହୋଇନଥାଏ । ବେରୋଜଗାରୀ ଦିନକୁ ଦିନ ବଢ଼ି ଚାଲୁଥିବାବେଳେ ଶିକ୍ଷିତ ବେକାରୀମାନେ ଜୀବନ ହାରି ଦେଉଥିବା ପରି ହୃଦୟ ବିଦାରକ ଘଟଣା ସମାଜର ସବୁ ସ୍ତରର ବ୍ୟକ୍ତିତ୍ୱଙ୍କୁ ବ୍ୟଥିତ କରିଥାଏ । ଦେଶର ପ୍ରଗତିରେ ଅର୍ଥନୀତି ସହିତ ଆଗାମୀ ଭବିଷ୍ୟତ କୁହାଯାଉଥିବା ଯୁବପିଢ଼ୀଙ୍କ ସମ୍ପର୍କ ବି ରହିଛି । ବର୍ତ୍ତମାନ ସୂଚନା ପ୍ରଯୁକ୍ତିର କ୍ଷେତ୍ର ପ୍ରାୟତଃ ଯୁବବର୍ଗଙ୍କ ଭିତରେ ନୂଆ ନୂଆ ଚ୍ୟାଲେଞ୍ଜ ଭିତ୍ତିକ କର୍ମସଂସ୍ଥାନ ସୃଷ୍ଟି କରିଛନ୍ତି । ଯେଉଁଥିରେ ଯୁବପିଢ଼ୀ ହିଁ ସଂସ୍ଥାନର ପ୍ରଗତିକୁ ତ୍ୱରାନ୍ୱିତ କରିଥାନ୍ତି । ଗୋଟିଏ ଅଶାନ୍ତ ରାଷ୍ଟ୍ରରେ ପୋଲିସ ପ୍ରଶାସନ ଠାରୁ ସେନାବାହିନୀ ପରି ସଶସ୍ତ୍ର ବାହିନୀ ଅଧିକ ଦିନ କର୍ମବ୍ୟସ୍ତ ରହିଲେ ସରକାରଙ୍କ ରାଜକୋଷରୁ ହିଁ ଖର୍ଚ୍ଚ ହୋଇଥାଏ ଯାହାକି ଆମ ସମସ୍ତଙ୍କ ବିଭିନ୍ନ ଟିକସ୍‌ରୁ ହିଁ ପୈଠ ହୋଇଥାଏ । ବୌଦ୍ଧ ବିମଣ୍ଡିତ ଉଦୟଗିରି କ୍ଷେତ୍ର ପୁଣ୍ୟପାବନ ଧାମରେ ଅହିଂସାର ମୂର୍ତ୍ତିମନ୍ତ ସ୍ୱରୂପ ଭଗବାନ ବୁଦ୍ଧଙ୍କ ଆତ୍ମିକ ଭାବନାର ପବିତ୍ର ସ୍ମୃତି ଜଡ଼ିତ । ସମାଜର ବିଭିନ୍ନ ସ୍ତରରୁ ଆଜି ହିଂସା ବିରୁଦ୍ଧରେ ସ୍ୱର ଉତ୍ତୋଳନ ହେଉଛି ଆଉ ନିଶ୍ଚିତ ଭାବରେ ପ୍ରେରଣା ଓ ଜାଗରଣ ସୃଷ୍ଟି କରିବ ହିଂସା ରାକ୍ଷସ ବିରୁଦ୍ଧରେ ଲଢ଼ିବାକୁ । ନିକଟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଯେଉଁପରି ଭୟାନକ ନିର୍ଯ୍ୟାତନା ମାମଲାର ପ୍ରସଙ୍ଗ ଉଠିଛି ସେଠି ନିର୍ଯ୍ୟାତିତାଙ୍କ କରୁଣ କାହାଣୀ ଅତ୍ୟନ୍ତ ଛାତିଥରା । ଆଜି ସବୁଠି ସବୁକ୍ଷେତ୍ରରେ ଆଜ ସମସ୍ତଙ୍କ ଭିତରେ ହିଂସା ବିରୁଦ୍ଧରେ ସଂଗ୍ରାମ ପାଇଁ ପ୍ରତିଟି ମୁହୂର୍ତ୍ତକୁ ସମର୍ପିତ କରିବାର ଶପଥର ଦିବସ ଭାବେ ପାଳନ ହେଉ । ହିଂସା ବିରୁଦ୍ଧରେ ଜାଗରଣ ନିଶ୍ଚିତ ଭାବରେ ଦିନେ ନା ଦିନେ ହିଂସାକୁ ଦୂରେଇବା ପାଇଁ ସମର୍ଥ ହେବ । ଅହିଂସାର ପୂଜାରୀ ଭଗବାନ ବୁଦ୍ଧଙ୍କ ଠାରୁ ଜାତିର ଜନକ ମହାତ୍ମା ଗାନ୍ଧୀ ଆଉ ଯୁଗାବତାର ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଦର୍ଶ, ଦର୍ଶନ, ଚିନ୍ତନ ସାର୍ଥକ ହୋଇପାରନ୍ତା ଯଦି ଆଜି ଆମେ ସମସ୍ତେ ଏହା ବିରୁଦ୍ଧରେ ପ୍ରତି ମୁହୂର୍ତ୍ତରେ ଲଢ଼ିବାପାଇଁ ନିଜକୁ ଆତ୍ମସଚେତନ କରିପାରନ୍ତେ ।

ଯୁଗାବତାର ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣରେ କହିଲେ - ପ୍ରେମକୁ ପ୍ରାର୍ଥନା କର ଆଉ ହିଂସାକୁ ଦୂରରୁ ପରିହାର କର । ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର କହିଲେ ହିଂସା ଜୀବନର ସ୍ଥିତି ଓ ପ୍ରଗତି ପଥରେ ପ୍ରତିବନ୍ଧକ ସୃଷ୍ଟି କରେ । ଏହି ପ୍ରତିବନ୍ଧକ ବିରୁଦ୍ଧରେ ପ୍ରତିବନ୍ଧକ ରଚନା କରିବା ହିଁ ଅହିଂସାର କର୍ମ । ଅଧର୍ମର ପ୍ରତିବିଧାନ ନ କରିଲେ ଧାର୍ମିକ ହୋଇପାରିବ ନାହିଁ । ଅପ୍ରେମକୁ ନିରସ୍ତ ନ କରିଲେ ପ୍ରେମିକ ହୋଇପାରିବ ନାହିଁ । ଯେଉଁମାନେ ସ୍ୱେଚ୍ଛାକୃତ ଭାବରେ କ୍ରମାଗତ ଅନ୍ୟାୟ କରନ୍ତି ସେମାନେ ଶୟତାନ ଦ୍ୱାରା ଅଭିଭୂତ, ଯେଉଁମାନେ ତାଙ୍କୁ ସମର୍ଥନ କରନ୍ତି ସେମାନେ ହେଲେ ଅନ୍ୟାୟ ପୋଷଣଦାତା ଓ ଶୟତାନର ପାଳକ ପିତା । ଆଉ ଯେଉଁମାନେ ନିରପେକ୍ଷ ସେମାନେ ଅନ୍ୟାୟର ବୀଜ ବା ଉଦ୍ଭିନ୍ନକାରୀ ମାଧ୍ୟମ ବିଶେଷ । ସକ୍ରିୟ ଭାବରେ ଅସତ୍ ନିରୋଧୀ ନହେଲେ ନିଜର ଅଧୋଗତି ହୁଏ । ଚରିତ୍ରରେ କଳାରଙ୍ଗ ଲାଗେ । ସତାପୋଷଣୀ ଚଳନ ଓ ଅସତ୍ ନିରୋଧୀ ପରାକ୍ରମ ଏହି ଦ୍ୱିମୁଖୀ ଅଭିଯାନ ଅବ୍ୟାହତ ରଖିଲେ ହିଁ ନିଜେ ତଥା ସମାଜ ଏବଂ ଦେଶ ଅକ୍ଷତ ରହିପାରେ ଓ ଏହି କଳୁଷିତ ସମାଜର କାଳିମାକୁ ଅପନୋଦନ କରିହୁଏ । ଅହିଂସାର ସଙ୍ଗେ ଜଡ଼ିତ ଅଛି ହିଂସାକୁ ହିଂସା କରିବା । ହିଂସା ଓ ସନ୍ତ୍ରାସବାଦକୁ ଅବ୍ୟାହତ ଓ ଅକ୍ଷୁର୍ଣ୍ଣ ରଖି ଅହିଂସାର ପ୍ରତିଷ୍ଠା ହେବନାହିଁ । ହିଂସା ପ୍ରତି ଅହିଂସା ହେବା ମାନେ ହିଂସାକୁ ପ୍ରଶ୍ରୟ ଦେଇ ପୁଷ୍ଟକରି ଉଠାଇବା । ଆସନ୍ତୁ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେଉ ଓ ତତ୍‌ସହିତ ଏକ ସମ୍ପ୍ରଦାୟ, ନିରପେକ୍ଷ ରାଷ୍ଟ୍ର ହିସାବରେ ଗଢ଼ିତୋଳିବା ନିମିତ୍ତ ଆମେ ସମସ୍ତେ ଅହିଂସାର ପଥରେ ଆଗେଇ ଆସିବା ଉଚିତ ଓ ଜାତିର ପିତା ମହାତ୍ମାଗାନ୍ଧୀ ଓ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ୱପ୍ନକୁ ସାକାର କରିବା ।

ପ୍ରତିଗତ୍ୱିକ ଓ ଅବସର ପ୍ରାପ୍ତ
ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ, ଦୂରଭାଷ :
୯୪୩୭୦୫୧୯୫୭

ଆଧ୍ୟାତ୍ମିକ ଉପଲବ୍ଧିର ଛଅଟି ସ୍ତର

।। ଅଲେଖ ଚନ୍ଦ୍ର ସାମଲ ।।

ଭଗବାନ ଶ୍ରୀ ସତ୍ୟସାଇ ବାବା କଳିଯୁଗରେ ସାଧାରଣ ମଣିଷକୁ ମାନବିକତାର ପଥ ଦେଖାଇଛନ୍ତି । ତାଙ୍କ ଦିବ୍ୟ ସମ୍ଭାଷଣରେ ସେ ସଦାସର୍ବଦା ଆଧ୍ୟାତ୍ମିକ ଶ୍ରୋତାଙ୍କୁ ଓ ସାଇ ଆଶ୍ରିତ ମାନଙ୍କୁ ଆଧ୍ୟାତ୍ମିକ ଉପଲବ୍ଧି ସମ୍ପର୍କରେ ଆମ ମାନଙ୍କୁ ଆଲୋକପାତ କରିଛନ୍ତି । ନଭେମ୍ବର ୨୩ ହେଉଛି ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଜନ୍ମ ଉତ୍ସବ । ଚଳିତ ବର୍ଷ ହେଉଛି ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜୟନ୍ତୀ । ମନୁଷ୍ୟ ଜୀବନର ଅନ୍ତିମ ଲକ୍ଷ୍ୟ ହେଉଛି ପରମେଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରିବା । ତାଙ୍କ ମଧ୍ୟରେ ବିଲୀନ ହୋଇଯିବା । ତେବେ ଏ ଉତରଣ ପାଇଁ ମନୁଷ୍ୟକୁ ଛଅଟି ଆଧ୍ୟାତ୍ମିକ ଉପଲବ୍ଧି ଦେଇ ଯିବାକୁ ହୋଇଥାଏ । ଏହା ମଧ୍ୟରୁ ପ୍ରଥମ ଅବସ୍ଥାଟି ହେଉଛି ସାଲୋକ୍ୟ । ଏହି ଅବସ୍ଥାରେ ଭକ୍ତମାନେ ପରମକର୍ତ୍ତା ଭଗବାନ ସେମାନଙ୍କ ଗହଣରେ ଅବସ୍ଥାନ କରୁଛନ୍ତି ଏପରି ଅନୁଭବ ଉଲ୍ଲସିତ ହୋଇଥାନ୍ତି । ଭଗବାନ ଶ୍ରୀକୃଷ୍ଣ ଗୋପପୁରରେ ଥିବାବେଳେ ଗୋପପୁରବାସୀ ଏହି ସାଲୋକ୍ୟ ଅବସ୍ଥାକୁ ଅନୁଭବ କରୁଥିଲେ । ସେହିଭଳି ଦ୍ୱିତୀୟ ଅବସ୍ଥାଟି ହେଉଛି ସାମୀପ୍ୟ । ଏଥିରେ ଭକ୍ତ ଜଣକ ଭଗବାନଙ୍କୁ ନିଜର ଆତ୍ମୀୟ ବୋଲି ମନେକରି ତାଙ୍କ ନିକଟରେ ନିଜ ମନର କଥା ପ୍ରକାଶ କରିଥାନ୍ତି ।

ଏହାପରେ ଆସେ ସାଜୁଜ୍ୟ ଅବସ୍ଥା । ଏଥିରେ ଭକ୍ତଜଣକ ଭଗବାନଙ୍କ ସହିତ ନିବିଡ଼ ହୋଇଥାନ୍ତି । ଏପିରିକି ସେ ଭଗବାନଙ୍କୁ ସ୍ପର୍ଶ କରିବାକୁ ଅନୁଭବ ମଧ୍ୟ କରିପାରନ୍ତି । ଏହାପରେ ଚତୁର୍ଥ ଅବସ୍ଥା ସ୍ୱାରୂପ୍ୟରେ ଭକ୍ତଜଣକ ଚିନ୍ତା କରିବା ମାତ୍ରେ ଭଗବାନଙ୍କ ଉପସ୍ଥିତିକୁ ଅନୁଭବ କରିଥାନ୍ତି । ସେହିପରି ପଂଚମ ଅର୍ଥାତ୍ ସରଷ୍ଟି ଅବସ୍ଥାରେ ଭକ୍ତ ଜଣକ ଚତୁର୍ଦ୍ଦିଗରେ ପରମ ପୁରୁଷଙ୍କ ଅନୁଭବ କରିଥାନ୍ତି । ଯେତେବେଳେ ସାଧକ ଜଣକ ଏହି ଅବସ୍ଥାରେ ପହଂଚନ୍ତି, ସେତେବେଳେ ସେ ଈଶ୍ୱରଙ୍କ ମଧ୍ୟରେ ବିଲୀନ ହେବାପରି ଅନୁଭବ କରିଥାନ୍ତି । ଅର୍ଥାତ୍ ତାଙ୍କ ନିଜର ଆଉ କିଛି ଅସ୍ତିତ୍ୱ ରହେନାହିଁ । ଶେଷରେ ଭକ୍ତଜଣକର ଆତ୍ମା ପରମପୁରୁଷଙ୍କ ମଧ୍ୟରେ ବିଲୀନ ହୋଇଯାଏ । ଏବଂ ଏହାକୁ କୈବଲ୍ୟ ଅବସ୍ଥା ବୋଲି କୁହାଯାଏ ।

ଅନ୍ୟର ଦୋଷତ୍ରୁଟି ଦେଖିବା ଅପେକ୍ଷା ନିଜର ଭୁଲ୍ ପ୍ରତି ଅଧିକ ସଚେତନ ରହିବାକୁ ପଡ଼ିବ । ନିଜର ଆଚରଣ, ଉଚ୍ଚାରଣ ତଥା କର୍ମରେ ଯେପରି ଅନ୍ୟ କାହାର କ୍ଷତି ନହୁଏ ସେ ଦିଗରେ ଧ୍ୟାନ ଦେବାକୁ ପଡ଼ିବ । ଏ ସବୁ ପରେ ବ୍ୟକ୍ତିକୁ ପ୍ରତିଦିନ ନିଜ ସହ ବେଶ୍ କିଛି ସମୟ ଏକାନ୍ତରେ ବିତାଇବାକୁ ପଡ଼ିବ । ଏହି ସମୟ ମଧ୍ୟରେ ନିଜ ମନରେ ଆସୁଥିବା ଭାବନାକୁ ବିଶ୍ଳେଷଣ କରିବାକୁ ପଡ଼ିବ । ବାରମ୍ବାର ଏପରି କରିବା ଦ୍ୱାରା ବ୍ୟକ୍ତିଜଣକର ଆଚରଣ ଶୁଦ୍ଧପୂତ ହେବା ସହ ଈଶ୍ୱରଙ୍କ ନିକଟରେ ପହଂଚିବାର ପଥ ସୁଗମ ହେବ । ଭଗବାନ ଶ୍ରୀ ସତ୍ୟସାଇ ଆସ୍ମମାନଙ୍କୁ ମାନବରୁ ମାଧବ ଓ ସାଧାରଣ ଜୀବନରୁ କୈବଲ୍ୟ ସ୍ତରକୁ ନେବା ପାଇଁ ଆମକୁ ଆଧ୍ୟାତ୍ମିକର ପଥ ଦେଖାଇଛନ୍ତି ।

ପୂର୍ବତନ ଜିଏଫ୍ଓ , ପଲାଇ, ବାଲିଚନ୍ଦ୍ରପୁର,
ଯାଜପୁର, ଦୂରଭାଷ : ୯୪୩୭୨୫୭୧୨

ବିପଦ ସାଜୁଛି ସେକେଣ୍ଡ ହ୍ୟାଣ୍ଡ ମୋବାଇଲ

।। ଗଙ୍ଗାଧର ସମାଲ ।।

ବର୍ତ୍ତମାନ ସମୟରେ ହାତ ପାହାନ୍ତାରେ ଅତ୍ୟାଧୁନିକ ମୋବାଇଲ ଆଜ ମୋବାଇଲ ଆମ ସମସ୍ତଙ୍କର ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ପରିଣତ ହେଲାଣି । ଅନେକ ଲୋକ ନିଜ ଆର୍ଥିକ ଅବସ୍ଥାକୁ ଦେଖି ସେକେଣ୍ଡହ୍ୟାଣ୍ଡ ମୋବାଇଲ କିଣିଥାନ୍ତି । ତେବେ ଏହି ସେକେଣ୍ଡ ହ୍ୟାଣ୍ଡ ମୋବାଇଲ ଆପଣଙ୍କ ପାଇଁ କିପରି ପରବର୍ତ୍ତୀ ସମୟରେ ଅସୁବିଧାର କାରଣ ହୋଇଥାଏ ସେ ସମ୍ପର୍କରେ ଆଜିର ଆଲୋଚନା । ସେକେଣ୍ଡ ହ୍ୟାଣ୍ଡ ମୋବାଇଲ କିଣୁଥିଲେ ହୁଅନ୍ତୁ ସାବଧାନ । କାରଣ ଏହି ମୋବାଇଲକୁ ପୂର୍ବରୁ ଅପରାଧୀ ଏବଂ ସାଇବର ଠକ ବ୍ୟବହାର କରିଥାଇ ପାରନ୍ତି । ଯେଉଁଥି ପାଇଁ ସାଧାରଣ ଲୋକ ଶସ୍ତାରେ ପାଇ କିଣିଲେ ଆଇନ ଜାଲରେ ଫସିବାର ସମ୍ଭାବନା ରହୁଛି । ତେଣୁ ସେକେଣ୍ଡ ହ୍ୟାଣ୍ଡ ମୋବାଇଲ କିଣିବା ସମୟରେ ସଚେତନ ହେବାକୁ ପୁଲିସ ଲୋକଙ୍କୁ ସତର୍କ କରୁଛି ତଥାପି ଲୋକମାନେ ଚେତୁ ନାହାଁନ୍ତି ।

ଅନେକ ହୁଏତ ଜାଣିନଥିବେ ମୋବାଇଲ ବିକ୍ରି କରୁଛନ୍ତି ଅପରାଧୀମାନେ ଦ୍ୱୈତ ନଗରୀ କଟକ-ଭୁବନେଶ୍ୱର ରାଜଧାନୀରେ ପୂର୍ବରୁ ଦେଖିବାକୁ ମିଳିଛି ଯେ, ଅପରାଧୀମାନେ ପ୍ରଥମେ ବ୍ୟବହାର କରୁଥିବା ମୋବାଇଲ ମାଧ୍ୟମରେ କ୍ରାଇମ କରୁଛନ୍ତି । ଅପରାଧ ଘଟାଇବା ପରେ ସେମାନେ ଉକ୍ତ ମୋବାଇଲ ଫୋନକୁ ଶସ୍ତାରେ ଅନ୍ୟ ଲୋକଙ୍କୁ ବିକ୍ରି କରିଦେଉଛନ୍ତି । ଏହି ମୋବାଇଲକୁ ସାଧାରଣ ଲୋକ କିଣି ଫସିଯାଉଛନ୍ତି । କାରଣ ପୁଲିସ ଆଇଏମଇଆଇ ଟ୍ରାକ କରି ଏହି ମୋବାଇଲ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ନିକଟରେ ପହଂଚୁଛି । ଏହାପରେ ଉକ୍ତ ବ୍ୟକ୍ତିଙ୍କ ଠାରୁ ମୋବାଇଲ ଜବତ କରିବା ସହ ଗିରଫ ମଧ୍ୟ କରୁଛି । ଯଦି ଉକ୍ତ ମୋବାଇଲ ଚୋରି ହୋଇଥିବ ତେବେ ପୁଲିସ ତାର ବିବେକ ଅନୁସାରେ ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରିପାରେ ନ ହେଲେ ଦୟା ଦେଖାଇ ଛାଡ଼ି ଦେଇପାରେ ।

ସାଇବର ଠକ ଏବେ ଠକେଇ ପାଇଁ ସେକେଣ୍ଡ ହ୍ୟାଣ୍ଡ ମୋବାଇଲ ଫୋନର ସାହାରା ନେଉଛନ୍ତି । ସେମାନେ କମ ଦାମରେ ମୋବାଇଲ କିଣି ସେଥିରେ ଭିନ୍ନ ଏକ ଆପ ଇନଷ୍ଟଲ କରି ଦେଉଛନ୍ତି । ଏହି ମୋବାଇଲକୁ ପରେ ଅନ୍ୟ ଜଣେ ବ୍ୟକ୍ତିକୁ ଶସ୍ତାରେ ପାଇ କିଣି ନେଉଛନ୍ତି । ଏଥିରେ ସେ ଫୋନ ପେ ଠାରୁ ଆରମ୍ଭ କରି ଗୁଗୁଲ ପେ ଇନଷ୍ଟଲ କରୁଛନ୍ତି । କିନ୍ତୁ ଅପରାଧୀ ଉକ୍ତ ମୋବାଇଲରେ ପୂର୍ବରୁ ଇନଷ୍ଟଲ କରିଥିବା ଆପ ମାଧ୍ୟମରେ ସେ ଗୁଗୁଲ ଏବଂ ଫୋନ ପେ ର ସମସ୍ତ ପାସୱାର୍ଡ଼ ଜାଣି ଆକାଉଣ୍ଟ ଖାଲି କରି ନେଇ ଯାଉଛନ୍ତି । ତେଣୁ ସେକେଣ୍ଡ ହ୍ୟାଣ୍ଡ ମୋବାଇଲ କିଣିବା ସମୟରେ ଏହାର ରସିଦ ମାଗିବା ଆବଶ୍ୟକ ।

ସେହିପରି ବଡ଼ ଆଶ୍ଚର୍ଯ୍ୟର କଥା ଅଧିକାଂଶ ଲୋକମାନେ ଅର୍ଥାତ୍ ୪୦ ପ୍ରତିଶତ ବସ୍ତି ଲୋକ କିଣୁଛନ୍ତି । ଅପରାଧରେ ବ୍ୟବହାର ହେଉଥିବା ଏବଂ ଚୋରା ମୋବାଇଲ ଫୋନକୁ କଟକ-ଭୁବନେଶ୍ୱରରେ ଥିବା ଏକାଧିକ ବସ୍ତିର କିଛି ଲୋକ ବ୍ୟବହାର କରୁଛନ୍ତି । ପୂର୍ବରୁ ମଧ୍ୟ ଅପରାଧରେ ବ୍ୟବହାର ହୋଇଥିବା ମୋବାଇଲ ଫୋନକୁ ୪୦ ପ୍ରତିଶତ ବସ୍ତି ଲୋକ କିଣି ବନ୍ଧା ହୋଇଛନ୍ତି । ତଥାପି ଏହି ଲୋକମାନେ ସୁଧୁରୁ ନାହାନ୍ତି । ଏହାର କାରଣ ହେଲେ ଅପରାଧୀମାନେ ଉକ୍ତ ମୋବାଇଲ ମାଧ୍ୟମରେ ଅପରାଧ ଘଟାଇବା ପରେ ବସ୍ତିଲୋକ ଦେଖି ଶସ୍ତାରେ ବିକ୍ରି କରି ଦେଉଛନ୍ତି । ବସ୍ତିଲୋକ ଶସ୍ତରେ ମୋବାଇଲ କିଣି ବ୍ୟବହାର କରୁଛନ୍ତି । ଜ୍ଞାନ ଅଭାବରୁ ମଧ୍ୟ ସେମାନେ ଏହାର ରସିଦ ମଧ୍ୟ ମାଗୁନାହାଁନ୍ତି । ଦିନକୁ ଦିନ ଆଇନ ବ୍ୟବସ୍ଥା ଶୃଙ୍ଖଳିତ ଓ କଠୋର ହେଉଛି ତେଣୁ ଲୋକମାନେ ସଚେତନ ହେବାସହ ଏ କ୍ଷେତ୍ରରେ ପୋଲିସକୁ ମଧ୍ୟ ସହଯୋଗ କରିବା ଅତ୍ୟନ୍ତ ଜରୁରୀ । ଅନେକ ମୋବାଇଲ ଫୋନ ଅପରାଧିକ କାର୍ଯ୍ୟରେ ବ୍ୟବହାର ହେଉଥିବାରୁ ଓ ପୋଲିସ ମଧ୍ୟ ମୋବାଇଲକୁ ସେମାନଙ୍କର ସତର୍କ ତଦନ୍ତ ବ୍ୟବସ୍ଥା ଦ୍ୱାରା ଅପରାଧି ପର୍ଯ୍ୟନ୍ତ ପହଂଚିବାର ଅଭିଜ୍ଞତା ଓ କୌଶଳ ରଖୁଛନ୍ତି । ତେଣୁ ସେକେଣ୍ଡ ହ୍ୟାଣ୍ଡ ମୋବାଇଲ ନିଶ୍ଚିତ ଭାବେ ସମସ୍ତଙ୍କ ପାଇଁ ବିପଦଜନକ ସାବ୍ୟସ୍ତ ହେଉଛି ।

ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ
ମୋ : ୯୪୩୭୨୨୬୬୪୭

ଖୋର୍ଦ୍ଧା : ବାଲୁଗାଁ କଲେଜରେ ଏନସିସି ଦିବସ

ଚିଲିକା/ବାଣପୁର, ୨୩/୧୧ (ଆ.ପ୍ର) : ଚଳିତ ବର୍ଷ ୭୮ ତମ ବାଲୁଗାଁ ମହାବିଦ୍ୟାଳୟ ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଏନସିସି ଦିବସ ରବିବାର ଦିନ ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଡ଼କ୍ଟର କୈଳାସ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅତିଥିମାନଙ୍କୁ ପାଛୋଟି ନେବା ପରେ ମହାବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ଏନସିସି ପତାକା ଉତ୍ତୋଳନ କରି ଏନସିସି କ୍ୟାଡେଟ ମାନଙ୍କ ଉଦ୍ଦେଶ୍ୟରେ ଡ଼କ୍ଟର କୈଳାସ ଚନ୍ଦ୍ର ମହାରଣା ବକ୍ତବ୍ୟ ପ୍ରତିଟି କ୍ଷେତ୍ରରେ ଶୃଙ୍ଖଳିତ ଓ ସେବାପରାୟଣତା ପ୍ରଦର୍ଶନ କରିବାକୁ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ଅତିଥିମାନେ କ୍ୟାଡେଟ ଦେବାଶିଷ ପାଢ଼ୀଙ୍କୁ ଜୁନିଅର ଅଣ୍ଡର ଅଫିସର, ଟ୍ୱିଙ୍କିଲ ପ୍ରଧାନଙ୍କୁ କ୍ୱାର୍ଟର ମାଷ୍ଟର, ଆୟୁଷ ରୋନାଲି ଜେନାଙ୍କୁ କର୍ପୋରାଲ, ଏବଂ ଆଲୋକ ସ୍ୱାଇଁଙ୍କୁ ଲାନ୍ସ କର୍ପୋରାଲ

ଅନୁଷ୍ଠିତ ଉକ୍ତ ଉତ୍ସବରେ ଅତିଥିଭାବେ ପ୍ରାକ୍ତନ ଏନସିସି ଅଧିକାରୀ ଲେଫ୍ଟନାଂଟ ଡ଼କ୍ଟର ଅକ୍ଷୟ କୁମାର ମିଶ୍ର ଓ କାର୍ଯ୍ୟାଳୟ ମୁଖ୍ୟ ସୁଧାକର ନାୟକ ଯୋଗଦେଇଥିଲେ । ଏନ୍ ସିସି ଅଧିକାରୀ ଅଧ୍ୟାପକ ଚନ୍ଦନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଏନସିସି କ୍ୟାଡେଟ ମାନେ ପ୍ରଥମେ ପ୍ରଦାନ କରି ସେମାନଙ୍କୁ ଏକତା, ଶୃଙ୍ଖଳା, ଓ ସେବା ମାଧ୍ୟମରେ ଦେଶ ପ୍ରେମ, ସହନଶୀଳତା, ଗୋଷ୍ଠୀ ସମ୍ପର୍କ, ସହଯୋଗିତା, ନିର୍ଭିକତା, କର୍ମ ଦକ୍ଷତା, ଉତ୍ସର୍ଗୀକୃତଭାବ ଆଦି ମୂଲ୍ୟବୋଧ ଆହରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ଅତିଥି ଡ଼କ୍ଟର ଅକ୍ଷୟ କୁମାର ମିଶ୍ର ଓ ସୁଧାକର ନାୟକ କ୍ୟାଡେଟ ମାନଙ୍କୁ ଶିକ୍ଷାୟତନ ସମେତ ଜୀବନର ରାଙ୍କ ପ୍ରଦାନ କରି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ କ୍ୟାଡେଟମାନେ ଏନସିସିର ଶୃଙ୍ଖଳା ଅନୁସରଣ କରିବା ପାଇଁ ଶପଥ ପାଠ କରିଥିଲେ । ଶେଷରେ କ୍ୟାଡେଟ୍ ମାନେ ଏନସିସି ସଂଗୀତ ଗାନ କରିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ଗ୍ରାମବାସୀ ପାଣି ବଦଳରେ ପିଉଛନ୍ତି ଜହର

ଧର୍ମଗଡ଼, ୨୩/୧୧ (ଆ.ପ୍ର) : ଟାଙ୍କି ଅଛି । ପାଇପ୍ ପଡ଼ିଛି । ଷ୍ଟାଣ୍ଡ ବି ବସିଛି । ହେଲେ ପାଣି ଆସୁନି । ଏମିତି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଟିପିଗୁଡା ଗ୍ରାମ ପଂଚାୟତ କୋତମେର ଠାରେ । ୨ହଜାର ରୁ ଅଧିକ ଲୋକ ପିଇବା ପାଣି ମୁନ୍ଦେ ପାଇଁ ଡହଳ ବିକଳ ହେଉଛନ୍ତି । ହେଲେ ନା ବିଭାଗୀୟ ଅଧିକାରୀଙ୍କୁ ଦିଶୁଛି ନା ଜିଲ୍ଲା ପ୍ରଶାସନକୁ । ଏପରିକି ବିଡ଼ିଓ,ଉପ ଜିଲ୍ଲାପାଳଙ୍କୁ ବାରମ୍ବାର ଦାବି ଜଣାଇଲେ ବି କିଛି ଲାଭ ହେଉ ନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଗ୍ରାମବାସୀ । ଏବେ ଗାଁ ଲୋକଙ୍କ ଭରସା ପାଲଟିଛି ଦୁଇଟି ନଳକୂପ । ହେଲେ ଏଥିରୁ ପିଇବା ଯୋଗ୍ୟ ପାଣି ବାହାରୁନି । ତଥାପି ବିକଳ୍ପ କିଛି ନଥିବାରୁ ଲୋକେ ଉକ୍ତ ନଳକୂପର ପାଣି ପିଇ ରୋଗରେ ପଡୁଥିବା ଅଭିଯୋଗ କରିଛନ୍ତି । ବସୁଧାକୁ ନେଇ ପାଣି ପାଇବା ପାଇଁ ବେଶ ଖୁସିଥିଲେ ଗାଁ ଲୋକେ । ହେଲେ ତାହା କାଗୁଜ ଲେଖା ସୀମିତ ରହିଛି । ଜଳ ସମସ୍ୟା ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ପରେ କିଛି ଲାଭ ହେଉ ନଥିବା ଅଭିଯୋଗ ହେଉଛି ।

ଦଶ ଦଫା ଦାବି ନେଇ ଜିଲ୍ଲାସ୍ତରୀୟ ପଂଚାୟତ ପିଅନ କର୍ମଚାରୀଙ୍କର ବୈଠକ

ତୁମୁଡିବନ୍ଧ, ୨୩/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା,ସାରଙ୍ଗଗାଡ଼ ହାଟ ପଡା ଠାରେ ପଂଚାୟତ ଜିଲ୍ଲା ପିଅନ ସଂଘ ତରଫରୁ ଏକ ସଭା ଆୟୋଜନ ହୋଇଥିଲା । ଜିଲ୍ଲା ସଭାପତି ପ୍ରକାଶ ଚନ୍ଦ୍ର ମଲିକଙ୍କ ନେତୃତ୍ୱରେ ହୋଇଥିଲା । ସଭା ଟିରେ ଜିଲ୍ଲାର ସମସ୍ତ ପିଅନମାନଙ୍କର ବିଭିନ୍ନ ସମସ୍ୟାକୁ ରାଜ୍ୟ ସରକାର ରଙ୍କ ନିକଟରେ ଦାବି ରଖିବା ଉଦ୍ଦେଶ୍ୟରେ ଏହି ସଭାର ଆୟୋଜନ ହୋଇଥିଲା । ଜିଲ୍ଲା ସଭାପତି କହିଛନ୍ତି ପୂର୍ବ ସରକାର ରଙ୍କ ସମୟରେ ମଧ୍ୟ ଆମେ ଆମ ଦାବି ରଖିଥିଲୁ କିନ୍ତୁ ପ୍ରତିଶ୍ରୁତି ଦେଇ ଆମ କଥା ବୁଝିଲେ ନି । ଆଶା ରଖିଥିଲୁ ନୂତନ ରାଜ୍ୟ ସରକାର ଆମ କଥା ବୁଝି ବେ ବୋଲି କହିଛନ୍ତି । ଦରଦାମ ବୃଦ୍ଧି ରେ ଆଜିକାଲି ଦୁନିଆରେ ଏତେ କମ ଅର୍ଥରେ ଗଟେ ପରିବାର ଚଳିବେ କେମିତି ? ଏହା ଏକ ସଚନୀୟ ବିଷୟ ବର୍ଷ ବିତିଗଲା ରାଜ୍ୟରେ ସରକାର ପରେ ସରକାର ବି ବଦଳି ଲେ କିନ୍ତୁ ପଂଚାୟତ ପିଅନ ମାନଙ୍କର ସମସ୍ୟା ବୁଝିନ ଥିବା ଅଭିଯୋଗ କରି ଅନୁରୋଧ କରିଥିବା ଦେଖିବାକୁ ମିଳିଛି । ଦଶ ଦଫା ଦାବିରୁ ସ୍ଥାଇ ନିଯୁକ୍ତି ସାଙ୍ଗକୁ ଉଚ୍ଚମ ବେତନ ନ ପାଇବା ଏକ ପ୍ରମୁଖ ଦାବି ଥିବାବେଳେ ସମାନ କାମକୁ ସମାନ ବେତନ ନ ପାଇବା ଦୁଃଖ ପ୍ରକାଶ କରିଛନ୍ତି ପିଅନକର୍ମ ଚାରି ମାନେ । କାର୍ଯ୍ୟକ୍ରମ ରେ ଜିଲ୍ଲା ଉପସଭାପତି ପ୍ରମୋଦ କୁମାର ପୂଜାରୀ, ସମ୍ପାଦକ ଅଜିତ କହଁର, ସହ ସମ୍ପାଦକ କଂସ ଦିଗାଲ, କୋଷାଧ୍ୟକ୍ଷ ନକ ବେହେରା, ଉପଦେଷ୍ଟା ଶ୍ୟାମସୁନ୍ଦର ପ୍ରଧାନ, ନକୁଳ କୁଦେଇ, ଦାଉବ ବଡସେଟ ଭାଗବତ ସାହୁ ପ୍ରମୁଖ ଯୋଗଦେଇ ଥିବାବେଳେ ଜିଲ୍ଲାର ସମସ୍ତ ପଂଚାୟତର ପିଅନ କର୍ମଚାରିଙ୍କୁ ଦେଖିବାକୁ ମିଳିଛି । ଉପରୋକ୍ତ ମୁଖ୍ୟ ଦାବି ପୂରଣ ନ ହେଲେ ଓଡିଶାର ପ୍ରତେକ ଜିଲ୍ଲାରୁ ପିଅନ ସଂଘ ଭୁବନେଶ୍ୱରରେ ଧାରଣା ଦେବେ ବୋଲି ସୂଚନା ଦେଇଛନ୍ତି ଜିଲ୍ଲା ପିଅନ ସମ୍ପାଦକ ଦେଖିବାକୁ ବାକି ରହିଲା ରାଜ୍ୟ ସରକାର କେବେ ପଂଚାୟତ ପିଅନ ମାନଙ୍କର ଦଶ ଦଫା ଦାବିରୁ କଣ କଣ ପୂରଣ କରୁଛନ୍ତି ।

ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ୭୮ ତମ ଏନସିସି ଦିବସ ପାଳିତ



ନିମାପଡା, ୨୩/୧୧ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ୭୮ ତମ ଏନସିସି ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଏନସିସି ଧ୍ୱଜା ଉତ୍ତୋଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିମାପଡାର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ଯୋଗଦେଇ ଦେଶପ୍ରତି ସମର୍ପିତ ହେବା ସହ ଏକତା ଏବଂ ଶୃଙ୍ଖଳା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ କ୍ରୀଡା ଅଧିକାରୀ ସଚିନ୍ଦ୍ର ମାଝୀ ଯୋଗଦେଇ ସମର ଶିକ୍ଷାର ଉପାଦେୟତା ଉପରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥିଭାବେ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଭାପତି ଡ଼ଃ ସନ୍ତୋଷ ମିତ୍ର ଯୋଗଦେଇଥିଲେ । ଏନସିସି ବିଭାଗର ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ମିହିର ମହାପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ ପ୍ରଭାତ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ଭାରତୀୟ ରାଜସ୍ୱ ସେବା ଅଧିକାରୀ ଚନ୍ଦ୍ରକାନ୍ତ ଦଳାଇ, ବିଶିଷ୍ଟ ସମାଜସେବୀ ସନାତନ ପାତ୍ର,ଚାରିଛକ ଥାନା ଅଧିକାରିଣୀ ମମତା ବିଶ୍ୱାଳ ଏବଂ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଡ଼ଃ କେଦାରନାଥ ସାହୁ ଯୋଗଦେଇ ତାଙ୍କର ଅଭିଭାଷଣ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଅଧ୍ୟାପକ ଶ୍ରୀମାନ ଜୀବନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଦିବସ ପାଳନ ଅବସରରେ କୃତିତ୍ୱ ଅର୍ଜନ କରିଥିବା ଏନସିସି କ୍ୟାଡେଟମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ କ୍ୟାଡେଟମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରୀମାନେ ଯୋଗଦେଇଥିଲେ ।

ଅସହାୟଙ୍କୁ କମ୍ବଳ ବାଂଟିଲେ ଆଶୀର୍ବାଦ ସେବା ସଂଗଠନ

ଜଗତସିଂହପୁର, ୨୩/୧୧ (ଆ.ପ୍ର) : ଜଗତସିଂହପୁରରେ ଶୀତର ପ୍ରକୋପ ବଢିବାରେ ଲାଗିଛି । ଏହାକୁ ଆଖି ଆଗରେ ରଖି ଅସହାୟ ବ୍ୟକ୍ତିଙ୍କ କଥା ଭାବି ଆଶୀର୍ବାଦ ସେବା ସଂଗଠନ ପକ୍ଷରୁ ସହରର ଖୋଲା ଆକାଶ ତଳେ ଜୀବନ ବିତାଉ ଥିବା ଗରିବ ଅସହାୟଙ୍କୁ କମ୍ବଳ ବଂଟନ କରାଯାଇଛି । ଏହି ସେବା କାର୍ଯ୍ୟ କ୍ରମକୁ ଆଗେଇ ନେଇଥିଲେ ସଂଗଠନ ସଭାପତି ଜଗନ୍ନାଥ ବେହେରା,ବିଜେନ୍ଦ୍ର ଦାସ, ସରୋଜ ସ୍ୱାଇଁ, ସୀମା ଭୋଇ, ଦୀପ୍ତି ରଞ୍ଜନ ବିଶ୍ୱାଳ, ସନ୍ତୋଷ କରଣ ପ୍ରମୁଖ । ଆଗାମୀ ଦିନରେ ଅସହାୟ ରୋଗାକ୍ରାନ୍ତ ଭିନ୍ନକ୍ଷମଙ୍କୁ ସହ ଯୋଗର ହାତ ବଢାଇବ ବୋଲି କହିଛନ୍ତି ସଂଗଠନ ସଭାପତି ଶ୍ରୀବେହେରା ।

ଚୌଦ୍ୱାରରେ ଶ୍ରୀ ସତ୍ୟ ସାଇବାବାଙ୍କ ୧୦୦ତମ ଜନ୍ମୋତ୍ସବ ପାଳିତ

ଟାଙ୍ଗୀ ଚୌଦ୍ୱାର, ୨୩/୧୧ (ଆ.ପ୍ର) : ଚୌଦ୍ୱାର ଅର୍ମାଲ ରୋଡ୍ ସ୍ଥିତ ଶ୍ରୀ ସତ୍ୟସାଇ ସେବା ସମିତି ମନ୍ଦିର ପରିସରରେ ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମୋତ୍ସବ ବେଶ୍ ଧୁମ୍ ଧାମରେ ପାଳିତ ହୋଇଯାଇଛି । ରବିବାର ଭୋରୁ ନଗର ସଂକୀର୍ତ୍ତନ କରାଯାଇ ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ କରାଯାଇ, ଷୋଡ଼ଶ ଉପଚାର ପୂଜା, ବୃଦ୍ଧାଶ୍ରମ ଓ ମେଡ଼ିକାଲ୍ ସେବା, ନଗର ପରିକ୍ରମା କରି, ଭଜନ, ସ୍ୱାଗତ ଭାଷଣ, ପୂଜ୍ୟ ପୂଜା ସତସଙ୍ଗ, ମଙ୍ଗଳ ଆରତୀ କରି ନାରାୟଣ ସେବା କରାଯାଇଥିଲା । ଏବଂ ସଂଧ୍ୟାରେ ପ୍ରଶାନ୍ତି ଧ୍ୱଜା ଅବତରଣ କରି ସମୂହ ୧୦୦ଟି ଦ୍ୱୀପ ପ୍ରଜ୍ୱଳନ କରିଥିଲେ । ବେଦ ପାଠ କରି ଭଜନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଝୁଲା କାର୍ଯ୍ୟକ୍ରମ କରିଥିଲେ । ପରେ ଏହି କାର୍ଯ୍ୟରେ ଅଂଶଗ୍ରହଣ କରିଥିବା ବାଲ୍ ବିକାଶର ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଚୌଦ୍ୱାର ସାଇ ସମିତିରର ଆବାହକ ରଞ୍ଜିତ ପ୍ରଧାନଙ୍କ ନିର୍ଦ୍ଦେଶରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ କେକ୍ କାଟି ଜନ୍ମଦିନ ସଙ୍ଗୀତ ଗାନ କରି ମଙ୍ଗଳ ଆରତି କରି କାର୍ଯ୍ୟକ୍ରମ ଶେଷ ହୋଇଥିଲା । ଏହି ଦିନ ମନ୍ଦିର ପରିବେଶ ବେଶ୍ ଉତ୍ସବ ମୁଖର ପାଲଟିଥିଲା । ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର ସାଇ ସମିତିର ସମସ୍ତ ସଦସ୍ୟ, ସଦସ୍ୟା ଏବଂ ଅଂଚଳର ବହୁ ବୁଦ୍ଧିଜୀବୀ ମାନେ ଯୋଗ ଦେଇଥିଲେ ।

ଯାଜପୁର ପରିବହନ ବିଭାଗ ଚିର ନିଦ୍ରାରେ, ରାଜ୍ୟସ୍ୱ ହରାଉଛି ସରକାର

ଯାଜପୁର, ୨୩/୧୧ (ଆ.ପ୍ର) : ଯାଜପୁର ପରିବହନ ବିଭାଗ ପକ୍ଷରୁ ଠିକାରେ ନିଆଯାଇଥିବା ବିଭିନ୍ନ ଚାରିଚକିଆ ଯାନ ଗୁଡ଼ିକର ବିଭିନ୍ନ ସମୟରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ମଧ୍ୟରେ ବିଭିନ୍ନ ପ୍ରକାରର ଟେକ୍ସ ଦେବାକୁ ପଡୁଥିବା ବେଳେ ଖୋଦ୍ ପରିବହନ ବିଭାଗ ପକ୍ଷରୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ପରିବହନ ପକ୍ଷରୁ ଠିକାରେ ନିଆଯାଇଥିବା ଏହି ଗାଡିର ଏକବର୍ଷ ହେବ କୌଣସି କାଗଜ ପତ୍ର ଯାଂଚ କରାଯାଉନାହିଁ ବୋଲି ଅଭିଯୋଗ ହୋଇଛି । ଯାହା ଶୁଣିବାକୁ ମିଳେ ଏହି ଗାଡିର ପ୍ରାୟ କାଗଜ ପତ୍ର ଠିକ୍ ନାହିଁ । କିନ୍ତୁ ବଡ଼ ବିଡ଼ମ୍ବନାର ବିଷୟ ଏହି ଗାଡ଼ିଟି ଖୋଦ୍ ଯାଜପୁର ପରିବହନ ବିଭାଗ ରେ ନିଯୁକ୍ତି ହୋଇଛି । କଥାରେ ଅଛି ପଣ୍ଡିତ ପୁଅ ମାଙ୍କଡ ମାଇଲେ ଦୋଷ ନାହିଁ ଯାହା ଏହି ଗାଡ଼ିଟି ର ଅବସ୍ଥା ଠିକ୍ ସେହିପରି । ଯାହା ଶୁଣିବାକୁ ମିଳେ ନୂତନ ଭାବେ ଯୋଗଦାନ କରିଥିବା ଏମଭିଆଇ ଭାରି ସଚ୍ଚୋଟ । କୌଣସି ପ୍ରକାରର ଭୁଲ୍ ତଥ୍ୟକୁ ଜମାରୁ ପ୍ରଶ୍ରୟ ଦିଅନ୍ତି ନାହିଁ । କିନ୍ତୁ ଏହି ଗାଡ଼ିଟି କଣ୍ ତାଙ୍କ ନଜର ରେ ପଡୁନାହିଁ, ନାଁ ପରିବହନ ବିଭାଗରେ କାର୍ଯ୍ୟରତ ବୋଲି ଗାଡ଼ି ମାଲିକଙ୍କୁ ମାଫ୍ କରାଯାଉଛି । କଥା ରେ ଅଛି କ୍ଷେତ ଯଦି ବାଡ଼ ଖାଇବ ତାହେଲେ ତାକୁ ଜଗିବ କିଏ । ଠିକ୍ ଏହିପରି ଅବସ୍ଥା ଦେଇ ଗତି କରୁଛି ଯାଜପୁର ପରିବହନ ବିଭାଗ । ଖାଲି ବାକି ରହିଲା କେଉଁଦିନ ଏହି ଗାଡିର ମାଲିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଦରକାର ।

ଅଧାରେ ରାସ୍ତା ଅଟକି ରହିଛି ଆମ୍ବୁଲାନ୍ସ ଜାତୀୟ ରାଜପଥ ରାସ୍ତାରେ ରୋଗୀ ଅନ୍ତସନ୍ତ

ଟିକାବାଲି, ୨୩/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଆମ୍ବୁଲାନ୍ସ ରୋଗୀଙ୍କୁ ସ୍ଥାନାନ୍ତର କରିବା ବେଳେ ଅଟକି ରହିଛି ରାସ୍ତା ରେ କାହିଁକି ? ସୂଚନା ପ୍ରକାରେ ସରକାରଙ୍କ ପ୍ରଦତ୍ତ ୧୦୮ ଆମ୍ବୁଲାନ୍ସ ସେବା ଦ୍ୱାରା ସାଧାରଣ ଗରିବ ଶ୍ରେଣୀର ଲୋକ ବହୁ ଉପକୃତ ହେଉଛନ୍ତି । ଜରୁରି କାଳୀନ ଏବଂ ଉନ୍ନତ ମାନର ଚିକିତ୍ସା ନିମନ୍ତେ ଏହା ନିଃଶୁଳ୍କ ସେବା ପ୍ରଦାନ କରି ଆସୁଅଛି । କିନ୍ତୁ ଦୀର୍ଘ ୫ ବର୍ଷରୁ ଉର୍ଦ୍ଧ ହୋଇଯିବ ଏବଂ ବାସ୍ତବିକ ଆମ୍ବୁଲାନ୍ସ ଗାଡ଼ି ଗୁଡ଼ିକର ରକ୍ଷଣା ବାକ୍ଷଣା ଅଭାବରୁ ଏହା ବର୍ତ୍ତମାନ ରୋଗୀଙ୍କ ବନ୍ଧୁ କମ ଯମରାଜ ପଲୋଟି ଯାଇଛନ୍ତି । ଏମିତି ଅନେକ ଉଦାହରଣ କନ୍ଧମାଳ ଜିଲ୍ଲାର ଆମ୍ବୁଲାନ୍ସ ରେ ଦେଖିବାକୁ ମିଳିଛି । ଅନେକ ଆମ୍ବୁଲାନ୍ସ ଚଳନ ସକ୍ଷମ ନଥାଇ ସୁଧା ତାକୁ ଜଣେ ରୋଗୀର ଜୀବନ ବାହାକ ବନେଇ ଦିଆଯାଉଛି । ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଆମ୍ବୁଲାନ୍ସଟି ଦୀର୍ଘ ୫ ବର୍ଷରୁ ଅଧିକ ସେବା ପ୍ରଦାନ ଦେବା ସହିତ ୫ ଲକ୍ଷ କି. ମି. ଅତିକ୍ରମ କରି ସାରିଛି । ବାରମ୍ବାର ଏହାର ମରାମତି କରିବା ସତ୍ୱେ ଗତ ୨୦/୧୧/୨୦୨୫ ରିଖ ଠାରୁ ଜଗନ୍ନାଥ ପ୍ରସାଦ ଠାରେ ଏହାର ଇଂଜିନ ତ୍ରୁଟି ଯୋଗୁଁ ଅଧା ବାଟରେ ଠିଆ ହୋଇ ରହିଛି । ଏହା କେବଳ ଟିକାବାଲି ନୁହେଁ କନ୍ଧମାଳର ଅନେକ ଆମ୍ବୁଲାନ୍ସ ଏହିପରି ରାସ୍ତା କଡରେ ଦେଖିବାକୁ ମିଳିଛି । ତେବେ ଏଥିପାଇଁ ଦାୟୀ କିଏ ? ପ୍ରଶାସନ ନା ସରକାର ? କିନ୍ତୁ ଏଥିପାଇଁ ବିଶ୍ୱାସରେ ନିଜ ସମ୍ପର୍କୀୟଙ୍କୁ ହରାଉଛନ୍ତି ସରଳ କନ୍ଧମାଳ ବାସୀ । ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଠୁଥିବା ଏଭଳି ଅସନ୍ତୋଷ କୁ ରାଜ୍ୟ ସରକାର କିଭଳି ପଦକ୍ଷେପ ନେଉଛନ୍ତି ତାହା ଅପେକ୍ଷା ଜନିତ ।

ନିର୍ବାଣ ମହୋତ୍ସବ ସମ୍ପନ୍ନ

ପୁରୀ, ୨୩/୧୧ (ଆ.ପ୍ର) : ସତ୍ କର୍ମ ସତ୍ ପଥ ସତ୍ ଆଚରଣ ମୋକ୍ଷର ମାର୍ଗକୁ ବାଟ କଢାଇ ନେବା ଉପରେ ରବିବାର ନିର୍ବାଣ ମହୋତ୍ସବରେ ଉପସ୍ଥିତ ବିଦ୍ୱାନ ସାଧୁସନ୍ଥମାନେ ମତ ପ୍ରକାଶ କରିଛନ୍ତି । ଜୀବିତ ଅବସ୍ଥାରେ ବିଷୟ ଭାବନାକୁ ମୁକ୍ତ ହୋଇ ମୋକ୍ଷ ପ୍ରାପ୍ତି ହୁଏ, ଭଗବତ୍ ଧର୍ମ ଧାରଣାରେ ରହିମଧ୍ୟ ମୋକ୍ଷ ପ୍ରାପ୍ତି ହୁଏ ଏବଂ ସର୍ବପୋରି ଶ୍ରୀକ୍ଷେତ୍ରର ରେଣୁର ଦର୍ଶନ ଠାରୁ ଆରମ୍ଭ କରି ନୀଳଚକ୍ର , ଶ୍ରୀଜଗନ୍ନାଥ, ମହୋଦଧିର ଦର୍ଶନ ସହିତ ଏହି କ୍ଷେତ୍ରର ଜଳ ସ୍ଥଳ ଆକାଶରେ ମଧ୍ୟ ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଦ୍ୱାନ୍ ମାନେ ମତ ବ୍ୟକ୍ତ କରିଛନ୍ତି । ନୂଆଦିଲ୍ଲୀର ସର୍ବପୁରାତନ ଓଡ଼ିଆ ସଂଗଠନ ପଲ୍ଲୀବାଣୀ ମିଶନ, ପୁରୀର ମିଶନ ଓଡ଼ିଶା ସହାୟତାରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀର ସଦାଶିବ ପରିସରରେ ଆୟୋଜିତ ତୃତୀୟ ନିର୍ବାଣ ମହୋତ୍ସବ ଅତ୍ୟନ୍ତ ଆଧ୍ୟାତ୍ମିକ ବାତାବରଣରେ ସମ୍ପନ୍ନ ହୋଇଛି । ବକ୍ତା ଭାବରେ ଶ୍ରୀମନ୍ଦିରର କୁଳପୁରୋହିତ ସିଦ୍ଧେଶ୍ୱର ମହାପାତ୍ର, ଶ୍ରୀଜଗନ୍ନାଥ କଥାମୃତ ପ୍ରଚାରକ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ, ବିଶିଷ୍ଟ ବୈଷ୍ଣବ ସନ୍ଥ ବାବାଜୀ ସନତାନୁଜତା ନନ୍ଦ ଦାସ ମହାରାଜ, ମହିପ୍ରକାଶ ମଠର ମହନ୍ତ ବାବାଜୀ ସୁଭାନନ୍ଦ ପୁରିଜୀ ମହାରାଜ, ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ତଥା ସାହିତ୍ୟକ କୃଷ୍ଣକେଶବ ଷଡ଼ଙ୍ଗୀ ଏବଂ ସଦାଶିବ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ ।ଏହି ଉପଲକ୍ଷେ ୫ଜଣ ଜଗନ୍ନାଥ ଚେତନାର ପ୍ରଚାରକ ବିଶିଷ୍ଟ ବ୍ୟକ୍ତିଙ୍କୁ ଶ୍ରୀକ୍ଷେତ୍ର ସମ୍ମାନରେ ସମ୍ମାନୀତ କରାଯାଇଛି । ସେମାନେ ହେଲେ ରାମଚରଣ ମହାରାଜ, ମଧୁସୂଦନ ସିଂହାରୀ, ଜଗନ୍ନାଥ ପୂଜାପଣ୍ଡା, ଶ୍ରୀକାନ୍ତ ପରିଡ଼ା, ଶୁଭାନନ୍ଦ ପୁରୀ ମହାରାଜ ପ୍ରମୁଖ । ପ୍ରାରମ୍ଭରେ ପଲ୍ଲୀବାଣୀ ମିଶନର ଅଧ୍ୟକ୍ଷ ରାମଚନ୍ଦ୍ର ନାଥ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ମିଶନ ଓଡ଼ିଶାର ଉପଦେଷ୍ଟା ବଦ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଇଷ୍ଟା ପ୍ରତିବିମ୍ବିତା ଷଡଙ୍ଗୀ ଏବଂ ବିଶ୍ୱନାଥ ମିଶ୍ର ମଂଚ ପରିଚାଳନା କରିଥିଲେ । ଅନୁଷ୍ଠାନର କର୍ମକର୍ତ୍ତା ଭାବେ ସବ୍ୟସାଚୀ ସେନାପତି, ଲିଷା ପ୍ରିୟଦର୍ଶିନୀ, ଶିବରାମ ପ୍ରଧାନ, ଚପଳା ବସ୍ତିଆ, ସୂର୍ଯ୍ୟ ସାହୁ, ନିରଞ୍ଜନ ମହାପାତ୍ର, କେଦାରନାଥ ମହାପାତ୍ର, ଜୟନ୍ତୀ ମହାପାତ୍ର, ଆଲୋକ ପାଢ଼ୀ, ବଳରାମ ରଣା, ଆଶୁତୋଷ ନାୟକ ଆଦି ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଶ୍ରୀକ୍ଷେତ୍ରର ବହୁସଂଖ୍ୟକ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ ।

ମିରାକଲ୍ ପବ୍ଲିକ ସ୍କୁଲରେ ୧୬ ତମ ବିଜ୍ଞାନ ମେଳାମହାସମାରୋହରେ ଅନୁଷ୍ଠିତ

ବାସୁଦେବ ପୁର, ୨୩/୧୧ (ଆ.ପ୍ର) : ଆଧୁନିକ ଯୁଗରେ ବିଜ୍ଞାନ ବଡ ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ କରିପାରିବା, ଭଦ୍ରକ ଜିଲ୍ଲା ବାସୁଦେବ ପୁର ପୌରପାଳିକା ଅନ୍ତର୍ଗତ ବ୍ଲକ ରୋଡ ଥିବା ମିରାକଲ୍ ପବ୍ଲିକ ସ୍କୁଲରେ୧୬ ତମ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ଏହି ବିଜ୍ଞାନ ମେଳାରେ ୧୬୨ଟି ପ୍ରୋଜେକ୍ଟ ଛାତ୍ର ଛାତ୍ରୀ ମାନେ ଆଣିଥିଲେ । ଏହି ବିଜ୍ଞାନ ମେଳାକୁ ଫିତା କାଟି ଶୁଭଉଦଘାଟନ କରିଥିଲେ SBI ବ୍ୟାଙ୍କର ମୁଖ୍ୟ ପରିଚାଳକ ଅମିତ କୁମାର ସାହୁ, ଏହି ବିଜ୍ଞାନ ମେଳାରେ ବିଚାରକ ମଣ୍ଡଳୀ ଭାବରେ ଯୋଗଦେଇ ଥିଲେ ଜ୍ଞାନେଶ କୁମାର ସାହୁ, ରାଜେଶ କୁମାର ମହାନ୍ତି, ସ୍ମୃତିରେଖା ମିଶ୍ର, ସେକ ସଫିରୁଦ୍ଦିନ, ସ୍କୁଲର ଅଧ୍ୟକ୍ଷ ପ୍ରୀତିରଞ୍ଜନ ସାହୁ, ସଂପାଦକ ରାହାସ ବିହାରି ମହାନ୍ତି, ଚେୟାର ମ୍ୟାନ୍, ଦୁଃଶାସନ ରାଉତ, ନିର୍ମଳ କୁମାର ମିଶ୍ର, ଓ ମୀରାକଲ୍ ପବ୍ଲିକ୍ ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀର ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ଉପସ୍ଥିତ ଥିଲେ ।

ଇପିଏଫ ପେନସନର୍ସ ସଙ୍ଘର ସାଧାରଣ ବୈଠକ

ଦଶପଲ୍ଲା, ୨୩/୧୧ (ଆ.ପ୍ର) : ଓଡିଶା ଇପିଏଫ ପେନସନର୍ସ ଆସୋସିଏସନ ନୟାଗଡ ଜିଲ୍ଲା କମିଟି ତରଫରୁ ପଠାଣି ସାମନ୍ତ ସଂସ୍କୃତି ଭବନ ପ୍ରାଙ୍ଗଣରେ ଆଜି ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ରାଜ୍ୟ କମିଟି ସଭାପତି ଇଂ. ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ରାଜ୍ୟ କମିଟି ଉପଦେଷ୍ଟା ନଟବର ଆଚାର୍ଯ୍ୟ ଓ ଜିଲ୍ଲା ସଭାପତି ନୀଳକଣ୍ଠ ସାହୁ ସଭା ପରିଚାଳନା କରିଥିଲେ । ସର୍ବନିମ୍ନ ପେନସନ ୯୦୦୦ ଟଙ୍କାକୁ ବୃଦ୍ଧି ସହ ମହଙ୍ଗା ଭତା ପ୍ରଦାନ ନ କରିବା ଦ୍ୱାରା ସାରା ଦେଶରେ ୮୦ଲକ୍ଷରୁ ଉର୍ଦ୍ଧ ଇପିଏଫ ପେନସନ ଭୋଗି ହା ହତାଶ ମଧ୍ୟରେ କାଳାତିପାତ କରୁଛନ୍ତି । ଇପିଏଫ କର୍ତ୍ତୃପକ୍ଷ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଠିକ ଢଙ୍ଗରେ କାର୍ଯ୍ୟକାରୀ ନ କରି ଅନେକ ସଭ୍ୟଙ୍କୁ ବର୍ଦ୍ଧିତ ପେନସନ ପ୍ରଦାନରୁ ବଂଚିତ କରୁଥିବାରୁ ଉପସ୍ଥିତ ସଭ୍ୟ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏହାର ପ୍ରତିବାଦରେ ଜାତୀୟ ଇପିଏଫ ପେନସନର୍ସ ଆସୋସିଏସନଙ୍କ ଡାକରାରେ ଆସନ୍ତା ଡ଼ିସେମ୍ବର ମାସ ୧୦ ତାରିଖ ଦିନ ଦିଲ୍ଲୀ ଯନ୍ତର ମନ୍ତର ଠାରେ ଜନଆକ୍ରୋଶ ସମାବେଶରେ ଓଡିଶାରୁ ବହୁସଂଖ୍ୟାରେ ଯୋଗଦେବା ରାଜ୍ୟ କମିଟିର ନିଷ୍ପତିକୁ ସମର୍ଥନ କରାଗଲା । ଆଗାମୀ ଦିନରେ ଦାବି ହାସଲ ପାଇଁ ଆନ୍ଦୋଳନକୁ ତୀବ୍ରତର କରିବାକୁ ନିଷ୍ପତି କରାଗଲା । ଉକ୍ତ ବୈଠକରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ପ୍ରକାଶ କୁମାର ପଟ୍ଟନାୟକ, ଚନ୍ଦ୍ରଶେଖର ସାହୁ, ଆନନ୍ଦ ଚନ୍ଦ୍ର ଜେନା, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ, ଗଙ୍ଗାଧର ମିଶ୍ର, କୁନାଲ ବିଶ୍ୱାଳ, ଗଣେଶ୍ୱର ସାହୁ, ନବକିଶୋର ସିଂହ, ବଳଭଦ୍ର ସାହୁ, ଜଗନ୍ନାଥ କର ବିରଂଚି ମିଶ୍ର, କନ୍ଦର୍ପ ସାହୁ, ଅଭିମନ୍ୟୁ ମହାନ୍ତି ଏସ କେ ମହମ୍ମଦ ବେଲାର ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ ।

ନୂଆସାହି ବାପ୍ଟିଷ୍ଟ ମଣ୍ଡଳୀର ୧୦୬ତମ ପ୍ରତିଷ୍ଠା ଦିବସ ପାଳିତ

ଜି.ଉଦୟଗିରି, ୨୩/୧୧ (ଆ.ପ୍ର) : ଜି.ଉଦୟଗିରି ନୂଆସାହି ସ୍ଥିତ ବାପ୍ଟିଷ୍ଟ ମଣ୍ଡଳୀରେ ୧୦୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ମଣ୍ଡଳୀର ପାଳକ ଆଚାର୍ଯ୍ୟ କ୍ଷମାଶିଳ ଦୀଗଙ୍କ ନେତୃତ୍ୱରେ ଦୁଇ ଦିନିଆ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଗତକାଲିର ଅଧିବେଶନରେ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ବକ୍ତା ତୁଷାର କାନ୍ତ ବେହେରା ବାଇବଲ ଲିଖିତ ବାକ୍ୟ ପରିବେଷଣ କରିଥିଲେ । ରବିବାର ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ଉପସଭାପତି ପ୍ରଶାନ୍ତ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଭାପତି ପ୍ରମୋଦ ରଞ୍ଜନ ନାୟକ ବକ୍ତାଙ୍କୁ ସ୍ୱାଗତ ଜଣାଇଥିଲେ । କଟକରୁ ଆସିଥିବା ଆଚାର୍ଯ୍ୟ ତୁଷାର କାନ୍ତ ବେହେରା ପବିତ୍ର ଶାସ୍ତ୍ର ବାଇବଲ ଅନୁସାରେ ଈଶ୍ୱରଙ୍କ ଆଜ୍ଞା ପାଳନ, ସାଂସାରିକ ଜୀବନରୁ ଦୂରେଇ ଯିବା ଓ ଐଶ୍ୱରିକ ଜୀବନ ଯାପନ ବିଷୟରେ ଧର୍ମ ଶାସ୍ତ୍ରରୁ ଶିକ୍ଷା ପ୍ରଦାନ କରିଥିଲେ । ପରବର୍ତ୍ତୀତ ଅବସ୍ଥାରେ କେକ୍ କାଟି ଉତ୍ସବ ପାଳନ କରାଯାଇଥିଲା । ଏହି ଅବସରରେ ୨୦୦ରୁ ଅଧିକ ଖ୍ରୀଷ୍ଟଙ୍କ ବିଶ୍ୱାସୀ ଉପସ୍ଥିତ ଥିଲେ । ମହିଳା ସମିତି ଓ ଉଦ୍ୟୋଗ ସମିତିର କର୍ମକର୍ତ୍ତା ମାନେ ସଙ୍ଗୀତ ପରିବେଷଣ ସହ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଶେଷରେ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପନ କରାଯାଇଥିଲା ।

ବରୁଆଁ-କଳାମାଟିଆ ରାସ୍ତାରେ ମର୍ମନ୍ତୁଦ ବସ୍ ଦୁର୍ଘଟଣା, ଜଣେ ମୃତ ୩ ଜଣ ଗୁରୁତର ଆହତ

ଯାଜପୁର, ୨୩/୧୧ (ଆ.ପ୍ର) : ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ - କଳାମାଟିଆ ରାସ୍ତାର ଧୋବାଗଳୀ ଛକ ନିକଟରେ ଆଜି ସକାଳୁ ବରୀରୁ କଟକ ହରଗୌରୀ ନାମକ ବସ୍ (OD05A N0570)ଆସିବା ସମୟରେ ହଠାତ୍ ଏକ ବାଇକ୍ ବସ୍ ର ସମ୍ମୁଖକୁ ଚାଲି ଆସିଲା, ବାଇକ୍ ଚାଳକକୁ ରକ୍ଷା କରିବାକୁ ଯାଇ ବସ୍ ଚାଳକ ରାସ୍ତାର ବାମ ପଟକୁ କାଟିବା ସମୟରେ ପ୍ରାତଃ ଭ୍ରମଣ କରି ଆସୁଥିବା ୪ ଜଣ ଯୁବକଙ୍କୁ ଧକ୍କା ଦେବାରୁ ସେମାନଙ୍କୁ ଗୁରୁତର ଆହତ ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତୀ କରାଯାଇଥିଲା ।ଦୁର୍ଘଟଣା ସ୍ଥଳରେ ଉତ୍ତେଜନା ଦେଖାଯିବାସହ ରାସ୍ତାରୋକ ମଧ୍ୟ କରାଯାଇଥିଲା । ଖବର ପାଇ ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରା ସଦଳବଳେ ଘଟଣା ସ୍ଥଳରେ ପହଂଚି ଲୋକଙ୍କୁ ବୁଝାସୁଝା କରିବାରେ ବିଫଳ ହୋଇଥିଲେ ।ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତିନି ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ପରବର୍ତ୍ତୀ ସମୟରେ ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ ବିଞ୍ଝାରପୁର ଥାନା ପୋଲିସ ଅଧିକାରୀ ବାମଦେବ ନନ୍ଦ ଯାଜପୁର ଅତିରିକ୍ତ ତହସିଲଦାର ଜି ହରେକୃଷ୍ଣ ପହଂଚି ଲୋକଙ୍କୁ ବୁଝାବୁଝି କରିଥିଲେ । ଖବର ପାଇ ଯାଜପୁର ବିଧାୟିକା ସୁଜାତା ସାହୁ ,ବିଜେପି ନେତା ସଂଗ୍ରାମ ପାତ୍ର ମଧ ଘଟଣା ସ୍ଥଳରେ ଉପସ୍ଥିତ ରହି ଲୋକମାନଙ୍କୁ ବୁଝାବୁଝି କରି ଆନ୍ଦୋଳନ ରୁ ଓହରି ଯିବାକୁ ପରାମର୍ଶ ଦେଇଥିଲେ । ଦିନ ୧୨ ଟା ସମୟରେ ରାସ୍ତାରୋକ ହଟାଇ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ଆହତଙ୍କ ମଧ୍ୟରୁ ରବୀନ୍ଦ୍ର ଜେନାଙ୍କ ପୁଅ ଅଭୟ ଜେନା (୨୦)ଙ୍କର କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ଦୁଇ ଜଣ ଯୁବକ ବସନ୍ତ ଜେନାଙ୍କ ପୁଅ କିଶୋର (୧୫) ଓ ବିପିନ ଜେନାଙ୍କ ପୁଅ ମନମୋହନ (୧୮) ଆହତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ସେହିପରି ଭାବରେ ବୀରକିଶୋର ଜେନାଙ୍କ ପୁଅ ରାକେଶ (୧୮) ମଧ ଯାଜପୁରରେ ଚିକିତ୍ସିତ ଅଛନ୍ତି ।

ରାଜୀବ ଗାନ୍ଧୀ ପଂଚାୟତିରାଜ ସଙ୍ଗଠନର ଜାତୀୟ ସଂଯୋଜକ ହେଲେ ଯୁବନେତା ପ୍ରତାପ ଭାଇ

ଟିକାବାଲି, ୨୩/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲାର ଟିକାବାଲି ବ୍ଲକ ଅନ୍ତର୍ଗତ ପାବୁରିଆ ବରେଗୁଡା ଗ୍ରାମର ଲୋକ ପ୍ରିୟ ଯୁବ ନେତା ତଥା ସମାଜସେବୀ ଗରିବଙ୍କ ସୁଖ ଦୁଃଖର ପ୍ରିୟ ସାଥୀ ଅଧିବକ୍ତା ପ୍ରତାପ କୁମାର ପ୍ରଧାନଙ୍କ ଉପରେ ବିଶ୍ୱାସ ଓ ଆସ୍ଥା ପ୍ରକଟ କରି 'ରାଜୀବ ଗାନ୍ଧୀ ପଂଚାୟତିରାଜ ସଙ୍ଗଠନର 'ଜାତୀୟ ସଂଯୋଜକ' (ଘବଂଶସକ୍ଷଡବକ୍ଷ ଉକ୍ସଡଖରଉକ୍ସବ) ଭାବରେ ନିଯୁକ୍ତି ପ୍ରଦାନ କରିଥିବାରୁ ପଲ୍ଲୀ ଠୁ ସହର ପର୍ଯ୍ୟନ୍ତ ପ୍ରତାପ ଭାଇଙ୍କ ପ୍ରଶଂସକ ଶୁଭେଚ୍ଛା ଜଣାଇଥିବା ଦେଖିବାକୁ ମିଳିଛି । କନ୍ଧମାଳ ମାଟିର ସନ୍ତାନ ଲଢୁଆ ଲୋକ ପ୍ରିୟ ଯୁବ ନେତା ତଥା କଂଗ୍ରେସ ଦଳର ଦଳ ପ୍ରେମୀ କନ୍ଧମାଳ ଜିଲ୍ଲାରର ବିଭିନ୍ନ ସମସ୍ୟାକୁ ନେଇ ସର୍ବଦା ସଂଗ୍ରାମୀ ଭାବରେ ଲଢୁଥିବା ଯୁବ ନେତା ପ୍ରତାପ କୁମାର ପ୍ରଧାନଙ୍କୁ ଏହି ପରି ଏକ ଗୁରୁ ଦାୟିତ୍ୱ ଦେଇଥିବାରୁ ଅଂଚଳରେ କର୍ମୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି । ପଂଚାୟତିରାଜ ସଙ୍ଗଠନର ଜାତୀୟ ସଂଯୋଜକ ଭାବରେ ଚୟନ କରିଥିବାରୁ ଅଧ୍ୟକ୍ଷ ଡ଼ ସୁନିଲ ସାର, ମହାରାଷ୍ଟ୍ରର ପ୍ରଦେଶ କଂଗ୍ରେସ ସଭାପତି ହର୍ଷ ବର୍ଦ୍ଧନ ଜିଙ୍କୁ, ପୂର୍ବତନ ଅଧ୍ୟକ୍ଷା ଓ ଉଚ୍ଚ ସଦସ୍ୟା ମିନାକ୍ଷୀ ନଟରାଜନ ମାଡାମ, ଉଚ୍ଚ ସଦସ୍ୟ ସଚିନ ରାଓ ସାର, କଂଗ୍ରେସ ଅଧ୍ୟକ୍ଷ ମଳିକାର୍ଜୁନ ଖାର୍ଗେ ଜି, ସଙ୍ଗଠନ ସମ୍ପାଦକ କେ ସି ବେନୁଗୋପାଳ ସାର, ଦେଶର ସାଧାରଣ ଲୋକଙ୍କ ହୃଦୟର ନେତା ତଥା ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଏବଂ ରାଜ୍ୟର ସମସ୍ତ ବରିଷ୍ଠ ନେତୃମଣ୍ଡଳୀଙ୍କୁ ହୃଦୟରୁ ଧନ୍ୟବାଦ ଏବଂ କୃତଜ୍ଞତା ଜଣେଇଛନ୍ତି ।

ଜଗନ୍ନାଥ ମନ୍ଦିର ନୂଆଁ କମିଟିରେ ସମୀର ସଭାପତି, ଅରୁଣ ସମ୍ପାଦକ

ଜି.ଉଦୟଗିରି, ୨୩/୧୧ (ଆ.ପ୍ର) : ଜି.ଉଦୟଗିରି ସ୍ଥିତ ଜଗନ୍ନାଥ ମନ୍ଦିରର ପରିଚାଳନା ନିମନ୍ତେ ଆଗାମୀ ତିନିବର୍ଷ ପାଇଁ ନୂତନ କମିଟି ଗଠନ ହୋଇଛି । ସଭାପତି ବିନୋଦ ବିହାରୀ ଦାସଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ବୈଠକ ରେ ନୂତନ ପରିଚାଳନା କମିଟି ଗଠନ କରାଯାଇଛି । ବରିଷ୍ଠ ସଭ୍ୟ କେ.ରାମରାଓ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଚୟନ ପ୍ରକ୍ରିୟାରେ ଉପସ୍ଥିତ ଗ୍ରାମବାସୀଙ୍କ ସହମତି କ୍ରମେ ସଭାପତି ଭାବେ ସମୀର କୁମାର ପାଢ଼ୀ, ଉପ ସଭାପତି ଭାବେ ସଞ୍ଜୟ କୁମାର ଆଚାର୍ଯ୍ୟ, ସମ୍ପାଦକ ଭାବେ ଅରୁଣ କୁମାର ଷଡ଼ଙ୍ଗୀ, ସହ ସମ୍ପାଦକ ଲକ୍ଷ୍ମଣ କୁମାର ଆଚାର୍ଯ୍ୟ,କୋଷାଧ୍ୟକ୍ଷ ଭାବେ ଗଣେଶ କୁମାର ପାଢ଼ୀ ମାନୋନୀତ ହୋଇଥିଲେ । କାର୍ଯ୍ୟକାରୀଣୀ ସଭ୍ୟ ଭାବେ ଅଶ୍ୱିନୀ କୁମାର ପାତ୍ର, ସଂଜୟ ସୁବୁଦ୍ଧି, ହେମନ୍ତ କୁମାର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ମୁନି, ପିତାମ୍ବର ସାହୁ, ଅଜିତ କୁମାର ପଣ୍ଡା ମାନୋନୀତ ହୋଇଥିଲେ । ଉପଦେଷ୍ଟା ମଣ୍ଡଳୀ ରେ ପୂର୍ବତନ ସଭାପତି ବିନୋଦ ବିହାରୀ ଦାଶ, ରାଜେନ୍ଦ୍ର ମହାପାତ୍ର, କେ.ରାମରାଓ ପାତ୍ର, କାହ୍ନୁ ଚରଣ ପଣ୍ଡା, ଅଶୋକ ପାତ୍ର ପ୍ରମୁଖ ସ୍ଥାନ ପାଇଛନ୍ତି । ଆଗାମୀ ତିନି ବର୍ଷ କିପରି ସଂସ୍କୃତି ପରମ୍ପରା କୁ ଆଧାର କରି ଜଗନ୍ନାଥ ମନ୍ଦିର ସୁପରିଚାଳନା ହୋଇପାରିବ ତାହା ମୁଖ୍ୟ ଲକ୍ଷ୍ୟ ରହିବ ବୋଲି ନୂତନ କମିଟି ପକ୍ଷରୁ ସୂଚନା ମିଳିଛି । ବୈଠକରେ ମନ୍ଦିର ମୁଖ୍ୟ ପୂଜକ ଅଚ୍ୟୁତ ପଣ୍ଡା ଓ ଅନ୍ୟ ସହ ପୂଜକ ମାନେ ଉପସ୍ଥିତ ଥିଲେ । ଶେଷରେ ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

ନବକୃଷ୍ଣ ଚୌଧୁରୀଙ୍କ ୧୨୪ତମ ଜୟନ୍ତୀ ପାଳିତ

ଜଗତସିଂହପୁର, ୨୩/୧୧ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ମଧୁସୂଦନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଜିଲ୍ଲା ଅବାହିକା ବିଜୟ ଲକ୍ଷ୍ମୀ ମହାପାତ୍ରଙ୍କ ଆହ୍ୱାନରେ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ (ମୋନା)ତରଫରୁ ନବକୃଷ୍ଣ ଚୌଧୁରୀଙ୍କ ୧୨୪ତମ ଜୟନ୍ତୀ ପାଳନ ହୋଇଯାଇଛି । ଉକ୍ତ ସଭାରେ ବରିଷ୍ଠ ସାମାଜିକ କର୍ମୀ ଗୋବିନ୍ଦ ଓଝା ସଭାପତିତ୍ୱ କରିଥିବା ବେଳେ ସଭାରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସର୍ବୋଦୟ କର୍ମୀ ରବି ମହାନ୍ତି ଯୋଗ ଦେଇ ଆଜିର ଦିବସରେ ଓଡ଼ିଶାର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଆମ ସମସ୍ତଙ୍କୁ ତ୍ୟାଗର ପରିଭାଷା ବୁଝାଇ ଦେଇଛନ୍ତି । ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଗାନ୍ଧିବାଦୀ ନିରଂଜନ ବାରିକ ଯୋଗଦେଇ ନବାବାବୁଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରି ଥିଲେ । ଅନ୍ୟତମ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ନିକୁଞ୍ଜ ବିହାରୀ ଭଞ୍ଜ ଓ ସଂଗ୍ରାମୀ ନାରାୟଣ ଭୋଳ ଯୋଗ ଦେଇଥିବା ବେଳେ ଏଥିରେ ସ୍ଥାନୀୟ ମଦ୍ୟରୋଧି ଅଭିଯାନର ସବିତା ସ୍ୱାଇଁ, ଲିଳି ପ୍ରତିହାରୀ, ଗୀତାଞ୍ଜଳି ବିଶ୍ୱାଳ, ସସ୍ମିତା ବିଶ୍ୱାଳ, ଲକ୍ଷ୍ମୀ ପ୍ରିୟା ବିଶ୍ୱାଳ, ପ୍ରେମଲତା ସାମଲ, ସନ୍ଧ୍ୟା ରାଣୀ ବିଶ୍ୱାଳ, ପ୍ରଭାତୀ ସ୍ୱାଇଁ, ପ୍ରମିଳା ବିଶ୍ୱାଳ, ତିଲୋତମା ସ୍ୱାଇଁ, ମମତା ସ୍ୱାଇଁ, ଅଞ୍ଜନା ପ୍ରଧାନ, ଶକ୍ତି ପ୍ରଧାନ, ସବିତା ପ୍ରଧାନ, ସବିତା ସ୍ୱାଇଁ, ଲକ୍ଷ୍ମୀ ପ୍ରିୟା ସ୍ୱାଇଁ, କାଦମ୍ବିନୀ ରାଉତ, ସବିତା ପ୍ରଧାନ ପ୍ରମୁଖ ଯୋଗଦେଇ ଥିବାବେଳେ ଶେଷରେ ରାଧା ପ୍ରଧାନଧନ୍ୟବାଦ ପ୍ରଦାନ କରିଥିଲେ ।

ବ୍ଲକସ୍ତରୀୟ ବିଜ୍ଞାନମେଳାକୁ ନେଇ ବଢୁଛି ଅସନ୍ତୋଷ

ମାହାଙ୍ଗା, ୨୩/୧୧ (ଆ.ପ୍ର) : ମାହାଙ୍ଗା ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଆସନ୍ତା ୨୫ତାରିଖ ଦିନ ଅନୁଷ୍ଠିତ ହେବା ନିମନ୍ତେ ଜୋରଦାର୍ ପ୍ରସ୍ତୁତି ତରବରିଆ ଭାବେ ଆରମ୍ଭ ହୋଇଛି । ବ୍ଲକ ସ୍ତରୀୟ ବିଜ୍ଞାନମେଳା ପାଇଁ ବିଭିନ୍ନ ବିଦ୍ୟାଳୟରୁ ଅର୍ଥ ଆଦାୟ କରାଯାଉଛି ଯାହାକୁ ନେଇ ଶିକ୍ଷକମାନଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଥିବା ଏବେ ସାଧାରଣରେ ଆଲୋଚନା ହେଉଛି । କେତେକ ଶିକ୍ଷକ ନାମ ଗୋପନ ରଖି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ ବ୍ଲକ ସ୍ତରୀୟବିଜ୍ଞାନ ମେଳା ପାଇଁ ପ୍ରାଥମିକ ବିଦ୍ୟାଳୟ ଗୁଡିକରୁ ୭୦୦ଟଙ୍କା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକରୁ ୮୦୦ଟଙ୍କା ଓ ଉଚ୍ଚ ବିଦ୍ୟାଳୟ ଗୁଡିକରୁ ୧୨୦୦ଟଙ୍କା ଲେଖାଏଁ ଆଦାୟ କରାଯାଉଛି । ଏଠାରେ ପ୍ରଶ୍ନ ଉଠୁଛି ଯେ ଏହି ଅର୍ଥଗୁଡିକୁ ବିଦ୍ୟାଳୟଗୁଡିକ କିପରି ଭାବେ ଓ କେଉଁଠୁ ଆଣି ପ୍ରଦାନ କରୁଛନ୍ତି । ବ୍ଲକସ୍ତରୀୟ ବିଜ୍ଞାନମେଳା ଯେଉଁଭଳି ଭାବେ ଆୟୋଜନ କରାଯାଉଛି ଏବଂ ସ୍ଥାନୀୟ ରାଜନୈତିକ ନେତା ଓ କର୍ମୀମାନଙ୍କୁ ଆମନ୍ତ୍ରଣ କରାଯାଉଛି ସେ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ମାହାଙ୍ଗା ବ୍ଲକ ଶିକ୍ଷାଧିକାରିଣୀଙ୍କ ମନମୁଖୀ କାର୍ଯ୍ୟକୁ ବୁଦ୍ଧିଜୀବି ମହଲରେ ନାପସନ୍ଦ କରାଯାଉଛି । ମାହାଙ୍ଗାରେ ଥିବା ବିଦ୍ୟାଳୟ ଗୁଡ଼ିକରେ ପାଠପଢ଼ା ଉପରେ ଗୁରୁତ୍ୱ ଦିଆ ନଯାଇ ପିଲାମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରାଯାଉଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।

ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ

ଖଣ୍ଡପଡ଼ା, ୨୩/୧୧ (ଆ.ପ୍ର) : ଖଣ୍ଡପଡ଼ା ସହରସ୍ଥିତ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଖଣ୍ଡପଡ଼ା ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ରବିବାର ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଖଣ୍ଡପଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅଙ୍ଗସ୍ୱରୁପା ଚାଟାର୍ଜୀ ଓ ବରିଷ୍ଠ ସିଭିଲ ଜଜ ସିନିୟର ଡିଭିଜନ ରଶ୍ମିରେଖା ପାତ୍ର ପ୍ରମୁଖଙ୍କ ଉପସ୍ଥିତରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଅଦାଲତ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ । ପରିଶେଷରେ ଖଣ୍ଡପଡ଼ା ଓକିଲ ସଂଘର ସଂପାଦକ ବିକ୍ରମ କେଶରୀ ଦେଓଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମ କରିଆରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରା ଯାଇଥିଲା ।

ନିଜକୁ ବୈଗାନିକ ହେବାର ପ୍ରୟାସ ଜାରି ରଖିଛନ୍ତି ଛାତ୍ର ଛାତ୍ରି ମାନେ

ତିର୍ତ୍ତୋଲ, ୨୩/୧୧ (ଆ.ପ୍ର) : ବିଜ୍ଞାନ କ୍ଷେତ୍ରରେ ଆମ ଦେଶ ଭାରତ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ପ୍ରତିବର୍ଷ କିଛି ନା କିଛି ନୂତନ ବୈଗାନିକ ସୃଷ୍ଟି କରିବା ସହିତ ନୂଆ ନୂଆ ଅବିଷ୍କାର ମଧ୍ୟ କରି ଚାଲିଛି ଯାହାର ଜ୍ୱଳନ୍ତ ଉଦାହରଣ ଆମେମାନେ ବିଗତ ଦିନରେ ଦେଖି ଆସିଛୁ । ବର୍ତ୍ତମାନ ଯୁଗରେ ଏ.ଆଇର ଟେକ୍ନୋଲୋଜି ଆରମ୍ଭ ହୋଇଥିବାବେଳେ ପ୍ରତ୍ୟକ ଯୁବପିଢି ଏବେ ବିଜ୍ଞାନ ଆଡକୁ ଆକୃଷ୍ଟ ହେବାରେ ଲାଗିଛନ୍ତି । ସେଥିପାଇଁ କେନ୍ଦ୍ର ଠାରୁ ଆରମ୍ଭ କରି ରାଜ୍ୟ ସରକାର ଏବେ ତୃଣମୂଳ ସ୍ତରରୁ କୁନି କୁନି ବୈଗାନିକ ମାନଙ୍କୁ ସୃଷ୍ଟି କାରିବାର ଯୋଜନା ଆରମ୍ଭ କରିଛନ୍ତି । ତେଣୁ ରାଜ୍ୟ ସରକାର ଏବେ ସବୁ ଜିଲ୍ଲାରେ ଥିବା ବିଦ୍ୟାଳୟ ମାନଙ୍କରେ ବାଲ୍ ବିଜ୍ଞାନ ମେଳା ଅନୁଷ୍ଠିତ କରି ଲୁକାୟିତ ବାବେ ରହିଯାଇଥିବା କୁନି ବୈଗାନିକ ମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଚଳାଇଛନ୍ତି ପ୍ରୟାସ । ସେହିପରି ତିର୍ତ୍ତୋଲ ବ୍ଲକ ଅଧିନରେ ଥିବା ଜଗନ୍ନାଥପୁର ଉଚ୍ଚ ବିଦ୍ୟାଳୟ ପକ୍ଷରୁ ବାଲ୍ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ଆନୁଷ୍ଠାନିକ ଭାବେ ଏହି ମେଳାକୁ ତିର୍ତ୍ତୋଲର ମାନ୍ୟବର ବିଧାୟକ ଡ଼ ରମାକାନ୍ତ ଭୋଇ ଉଦଘାଟନ କରିଥିବାବେଳେ, ସନ୍ଧ୍ୟାରାଣୀ ମହାନ୍ତି, ସୁନୀଲ କୁମାର ବେହେରା, ରଂଜିତା ସିଂ(ଜିଲ୍ଲା ପରିଷଦ ଜଗତସିଂହପୁର), ସୁଶାନ୍ତ କୁମାର ନାୟକ(ସରପଂଚ ଜଗନ୍ନାଥପୁର), ହମିଡା ବେଗମ, ମୋନଜ କୁମାର ବେହେରା (ବିଓ ତିର୍ତ୍ତୋଲ) ବିଦ୍ୟାଳୟର ଶିକ୍ଷକ ମାନଙ୍କ ସହିତ ବହୁମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ପିଲା ମାନଙ୍କୁ ମାର୍କ ଦେଇଥିବା ଜର୍ଜ ହେଲେ ସଂଜୀବ କୁମାର ରାଉତ, ପ୍ରଭାତ କୁମାର ମୁଦୁଲି, ସାରଦା ପ୍ରସାଦ ସ୍ୱାଇଁ, ଅତୁଲ୍ୟ ଖଣ୍ଡୁଆଳ, ସସ୍ମିତା ସାହୁ, ଡି. ପି. ଦୀପାଳି ଓ ଏହି ମେଳାରେ ଆଖପାଖ ଅଂଚଳରେ ଥିବା ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୨୭୫ ଜଣ ଛାତ୍ରଛାତ୍ରୀ ସେମାନଙ୍କର ପ୍ରୋଜେକ୍ଟ ଏହି ମେଳାରେ ପ୍ରଦର୍ଶିତ କରିଥିଲେ । ଏହି ମେଳାରେ ପୁରସ୍କାର ପାଇଥିଲେ ୩୨ଜଣ,ତେବେ ପିଲାମାନଙ୍କର ବିଜ୍ଞାନ ପ୍ରତି ଆକୃଷ୍ଟ ଦେଖି ବିଧାୟକ ଛାତ୍ରଛାତ୍ରୀ ମାନଙ୍କୁ କୃତଜ୍ଞତା ଜଣାଇବା ସହ ଜଗନ୍ନାଥପୁର ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ମାନଙ୍କୁ ଧନ୍ୟବାଦ ଦେଇଥିଲେ । ତେବେ ପିଲାମାନେ ପ୍ରଦର୍ଶିତ କରିଥିବା ପ୍ରୋଜେକ୍ଟ ଗୁଡିକର ଅବଶ୍ୟକତା ଉପରେ ଆଲୋକପାତ କରିବା ସହିତ ଆଗାମୀ ଦିନରେ ଜଣେ ଜଣେ ବୈଗାନିକ ହେବାର ସ୍ୱପ୍ନ ଦେଖିଛନ୍ତି ବୋଲି ପ୍ରକାଶ କରିଥିଲେ । ପରିଶେଷରେ ମାନ୍ୟବର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ମେଳାକୁ ଉଦଯାପନ କରିଥିଲେ, ଏହି ମେଳାରେ ପ୍ରଦର୍ଶିତଅତିଥି ଡ ଦ୍ୱାରିକା ମୋହନ ଦାସ (କୃଷି ବିଜିକ ବୈଜ୍ଞାନିକ କେନ୍ଦ୍ର ଜଗତସିଂହପୁର),ତପନ କୁମାର ନନ୍ଦ, ଜଗନ୍ନାଥ ଖଣ୍ଡୁଆଳ,ସହିତ ମୋନଜ କୁମାର ବେହେରା, କମଳ କୁମାର ପଣ୍ଡା, ଅତିଥି ମାନେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ, ଟ୍ରଫି ଓ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ତାନୱାଟରେ ଲାଲ ସିଂ ମାଝୀଙ୍କ ଗୌରବ ଦିବସ ପାଳିତ

ନୂଆପଡ଼ା, ୨୩/୧୧ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ତାନୱାଟ ଗ୍ରାମରେ ଲାଲ ସିଂ ମାଝୀଙ୍କ ଗୌରବ ଦିବସ ଭବ୍ୟ ଭାବରେ ପାଳିତ ହୋଇଛି । ସହିଦଙ୍କ ସ୍ମୃତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଲାଲ ସିଂ ମାଝୀଙ୍କୁ ଆଦିବାସୀ ସମାଜ ପାଇଁ ଏକ ପ୍ରେରଣାଦାୟକ ବ୍ୟକ୍ତିତ୍ୱ ବୋଲି ବିବର୍ଣ୍ଣନ କରିଥିଲେ । ସଭାରେ ଯୁବ ନେତୃମଣ୍ଡଳୀ ଅଭିନନ୍ଦନ ପଣ୍ଡା ସହିତ ଅନେକ ଆଦିବାସୀ ନେତାମାନେ ମତପ୍ରକାଶ କରିଥିଲେ । ଦୂରଦୂରାନ୍ତରୁ ଆସିଥିବା ଜନସାଧାରଣଙ୍କ ଉପସ୍ଥିତିରେ ସଭାର ଗରିମା ବଢ଼ିଥିଲା । ବିଧାୟକ ଜୟ ଢୋଲକିଆ କହିଥିଲେ, "ଆଦିବାସୀ ସମାଜ ତାଙ୍କ ସଂସ୍କୃତିକୁ ବଜାୟ ରଖି ଉନ୍ନତିର ପଥରେ ଆଗକୁ ବଢ଼ି ପାରିବେ । ଲାଲ ସିଂ ମାଝୀଙ୍କ ଆଦର୍ଶ ଆମ ସବୁଙ୍କ ପାଇଁ ଶିକ୍ଷା ଓ ପ୍ରେରଣା ହେଉଛି ।"

ଧର୍ମଗଡ଼ ତାଲୁକ ଆଇନ୍ ସେବା ସମିତି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ

ଧର୍ମଗଡ଼, ୨୩/୧୧ (ଆ.ପ୍ର) : ତାଲୁକ ଆଇନ ସେବା ସମିତି ଧର୍ମଗଡ ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ଶିଶୁ ଦିବସ ପାଳନ ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ସରକାରୀ ଏବଂ ବେସରକାରୀ ବିଦ୍ୟାଳୟର ୩୬ ଜଣ ସପ୍ତମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ । ଉଠନେଇଥିବା ଶିଶୁ ମାନଙ୍କଦ୍ୱାରା ଅଙ୍କାଯାଇଥିବା ଚିତ୍ରାଙ୍କନ ସବୁକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କଳାହାଣ୍ଡି କୁ ପଠାଯିବ ଏବଂ ଜିଲ୍ଲା ସ୍ତରୀୟ ମୂଲ୍ୟାଙ୍କନ ପରେ ଶ୍ରେଷ୍ଠ ବିବେଚିତ ଛାତ୍ର ଛାତ୍ରୀଙ୍କୁ ଆସନ୍ତା ୩୦ ତାରିଖ ଦିନ ପୁରସ୍କୃତ କରାଯିବ କୋର୍ଟ ପକ୍ଷରୁ ସୂଚନା ମିଳିଛି । କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଜଜ ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୀଚନ୍ଦନ ସେଠି, ସରକାରୀ ଓକିଲ ଧିରେନ୍ଦ୍ରନାଥ ପାତ୍ର, ବରିଷ୍ଠ ଓକିଲ ତଥା ସଦସ୍ୟା ତାଲୁକ ଆଇନ ସେବା ସମିତି, ସଂଯୁକ୍ତା ପଣ୍ଡା ପ୍ରମୁଖ ମଂଚାସିନ ହୋଇ ଉକ୍ତ କାର୍ଯ୍ୟକ୍ରମକୁ ସଂଚାଳିତ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ହେଉଛି ଏହାର ମୂଳ ଲକ୍ଷ୍ୟ ବୋଲି ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ କହିଥିଲେ ।

ପୋଲିସକୁ ବଡ଼ ସଫଳତା, ୩ ଦୁର୍ଦ୍ଧାନ୍ତ ଡକାୟତଙ୍କୁ ଏକାଉଂଟର



ବଣାଇଁ, ୨୩/୧୧ (ଆ.ପ୍ର) : କୁଟେଇତା ଓ ଲାମ୍ବସୀ ନିକଟରେ ୩ ଅପରାଧୀଙ୍କୁ ଏନ୍‌କାଉଂଟର୍ । ରାଉରକେଲା ସରକାରୀ ହସ୍‌ପିଟାଲ୍‌ରେ ଗୁରୁତର ୩ ଦୁର୍ଦ୍ଧାନ୍ତ ଅପରାଧୀ ଭର୍ତ୍ତି । ପୋଲିସ୍‌ର ସ୍ୱତନ୍ତ୍ର ଟିମ୍‌କୁ ଚକ୍‌ମା ଦେଇ ଫେରାର୍ ବେଳେ ଏନ୍‌କାଉଂଟ ର ଅପରାଧୀଙ୍କୁ ଧରିବାକୁ ଯାଇଥିବା ବେଳେ ପୁଲିସ୍ ଏନକାଉଂଟରରେ ୩ ଅପରାଧୀ ଆହତ ହୋଇଛନ୍ତି । ଚାନ୍ଦିପୋଷ କୁଟେଇତାରେ ୨ଜଣ ଓ ଲହୁଣୀପଡା ଲମ୍ବସିରେ ଜଣକୁ ଏନକାଉଂଟର କରିଛି ପୁଲିସ୍ । ଦୀର୍ଘ ଦିନ ହେଲା ବଣାଇ ଅଂଚଳରେ ଆତଙ୍କ ଖେଳାଇଥିବା ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଧରିବାରେ ସଫଳ ହୋଇଛି ବଣାଇ ପୋଲିସ । ଡକାୟତ ପାଇଁ ଯୋଜନା କରୁଥିବା ବେଳେ ବଣାଇ ଏସଡିପିଓ ଖବର ପାଇ ଟିମ ଗଠନ କରି ଜାତୀୟ ରାଜପଥରେ ଜଗି ରହିଥିଲେ । ଅପରାଧୀମାନେ ବାଇକରେ ଆସୁଥିବା ବେଳେ ପୃଥକ ପୃଥକ ସ୍ଥାନରେ ଏନକାଉଂଟର ହୋଇଛି । ଘଟଣାସ୍ଥଳରୁ ୩ଟି ପିସ୍ତଲ, କାର, ଦୁଇଟି ବାଇକ ଜବତ ହୋଇଛି । ଏମାନେ ବାଙ୍ଗୋ, ବରସୁଆଁ, ଲଙ୍ଗଳକଟା ଅଂଚଳରେ ଆତଙ୍କ ଚଳାଇଥିଲେ । ଗତ ୨୦ ତାରିଖ ରାତିରେ କୋଇଡା ଅଂଚଳର ଏକ ପରିବହନ କାର୍ଯ୍ୟାଳୟରୁ ହୋଇଥିବା ୩ ଲକ୍ଷ ଟଙ୍କା ଡକାୟତରେ ଏମାନେ ସାମିଲ ଥିଲେ । ଡକାୟତି ଗ୍ୟାଙ୍ଗର ଅନ୍ୟ ୨ ଜଣଙ୍କୁ ଫେରାର ଥିବାବେଳେ ସେମାନଙ୍କୁ ବହୁତ ଶିଘ୍ର ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

ଝରିଗାଁ ତାଲୁକା ସେବା ସମିତି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ



ଝରିଗାଁ, ୨୩/୧୧ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ସଦର ମହକୁମା ସ୍ଥିତ ଯେଏମଏଫସି କୋର୍ଟ ପରିସରରେ ତାଲୁକା ଲିଗାଲ ସର୍ଭିସ କମିଟି ଆନୁକୂଲ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ଝରିଗାଁ ବ୍ଲକର ୨୩ଗୋଟି ପଂଚାୟତରୁ ୨୨ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭାଗନେଇଥିଲେ । ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ସାନ୍ତ୍ୱନା ମୂଳକ ଭାବେ ମାନପତ୍ର, ବହି, ଖାତା ଆଦି ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଯେଏମଏଫସି କୋର୍ଟର ଚେୟାରମ୍ୟାନ ତଥା ମାଜିଷ୍ଟ୍ରେଟ ସଂଘମିତ୍ରା ଦ୍ୱିବେଦୀ, ଚିଫ ଆଡ଼ମିନିଷ୍ଟ୍ରେଟିଭ ଅଫିସର ବୈକୁଣ୍ଠ ମାଝୀ, ଲକ୍ଷ୍ମୀତା ବରାଳ, ଚିନ୍ମୟ ନାୟକ, ଯମୁନା ସ୍ୱାଇଁ, ଡା ସନ୍ତୋଷ ବୋରା, ସରୋଜ କୁମାର ପତି ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଖଣ୍ଡପଡ଼ା ବ୍ଲକ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ

ଖଣ୍ଡପଡା, ୨୩/୧୧ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧିନ ମର୍ଦ୍ଦରାଜପୁର ଗ୍ରାମର ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟରେ ଖଣ୍ଡପଡ଼ା ବ୍ଲକ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ବ୍ଲକ ଓଷ୍ଟାର ସଭାପତି ସନାତନ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଓଷ୍ଟା ନୟାଗଡ ଜିଲ୍ଲାର ପ୍ରାକ୍ତନ ସଂପାଦକ କିଶୋର ଚନ୍ଦ୍ର ପରମଗୁରୁ, ଓଷ୍ଟାର ଜିଲ୍ଲା ସଭାପତି ଅଯୋଧ୍ୟା ନାଥ ନାୟକ, ଜିଲ୍ଲା ସଂପାଦକ ମାନସ ସାହୁ, ଖଣ୍ଡପଡ଼ା ବ୍ଲକ ଓଷ୍ଟାର ପ୍ରାକ୍ତନ ସଭାନେତ୍ରୀ ସୁପ୍ରଭା ଦେଇ, ଖଣ୍ଡପଡ଼ା ବ୍ଲକ ଉପ ସଭାପତି ରଶ୍ମୀରଞ୍ଜନ ସେଠୀ, ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ନିକୁଞ୍ଜ ବିହାରୀ ରଥ, ସମାଜସେବୀ ବୈକୁଣ୍ଠନାଥ ଗୋଛି ପ୍ରମୁଖ ଯୋଗ ଦେଇଥିଲେ । ଏ ଅବସରରେ ବିଭିନ୍ନ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ସହ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ନୀତି ନିର୍ଦ୍ଧାରଣ କରାଯାଇଥିଲା । ପ୍ରାରମ୍ଭରେ ଖଣ୍ଡପଡ଼ା ବ୍ଲକ ଓଷ୍ଟାର ସଂପାଦକ ପ୍ରଭାକର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ ଆସନ୍ତା ୩ ବର୍ଷ ପାଇଁ ଖଣ୍ଡପଡ଼ା ବ୍ଲକ ଓଷ୍ଟା ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଖଣ୍ଡପଡ଼ା ବ୍ଲକ ସଂଘର ନୂତନ ସଭାପତି ଭାବେ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର କର, ଉପ ସଭାପତି ଭାବେ ରଶ୍ମିରଞ୍ଜନ ସେଠୀ, ଦିପ୍ତି ସ୍ୱାଇଁ, ସଂପାଦକ ଭାବେ ପ୍ରଭାକର ମିଶ୍ର, ଯୁଗ୍ମ ସଂପାଦକ ଭାବେ ସମୀର କୁମାର ଖୁଣ୍ଟିଆ, ନରେନ୍ଦ୍ର କୁମାର ରାଉତ, ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ଭାବେ ଯୋଗୀନାଥ ମହାରଣା, କାର୍ତ୍ତିକ ଚନ୍ଦ୍ର ବଳେଇ, ଶିବସୁନ୍ଦର ରାଉତ, ଅନ୍ତର୍ଯ୍ୟାମି ବେହେରା ଓ ରାଜ୍ୟ ପରିଷଦ ସଦସ୍ୟ ଭାବେ ବିଭୂତି ଭୂଷଣ ମହାପାତ୍ର, ଧନେଶ୍ୱର ବେହେରାଙ୍କୁ ସର୍ବସମ୍ମତ ପ୍ରସ୍ତାବ କ୍ରମେ ଚୟନ କରାଯାଇ ଦାୟୀତ୍ୱ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ସମ୍ମିଳନୀରେ ଯୋଗ ଦେଇଥିଲେ ।

ସିଥୋ ଆରମ୍ଭ
SEITHO ARAMBHA
ସୋମବାର, ୨୪ ନଭେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୭

ଦେବ ଦୀପାବଳି ମହୋତ୍ସବରେ ପ୍ରଦର୍ଶନ ହେଲା ଉତ୍କଳୀୟ କଳା ସଂସ୍କୃତିର ଝଲକ

ନୀଳଗିରି, ୨୩।୧୧ (ଆ.ପ୍ର) : ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ଆୟୋଜିତ ହେଉଛି ଦେବ ଦୀପାବଳୀ ମହୋତ୍ସବ ୨୦୨୫ । ଏହି ଅବସରରେ ଦ୍ୱିତୀୟ ଦିବସରେ ପୂର୍ବାହ୍ନରେ ଚିତ୍ରାଙ୍କନ ପ୍ରତିଯୋଗୀତା ଏବଂ ପାରମ୍ପରିକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାର ଉଦ୍ଘାଟନି ସମାରୋହରେ ଶ୍ରୀମନ୍ଦିର ସମ୍ମୁଖରେ ଦୀପଦାନ ମଂଚରେ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ନୀଳଗିରି ରାଣୀମା ମନୋଜା ମଞ୍ଜରୀ ଦେବୀଙ୍କ ସହିତ ଅନୁଷ୍ଠାନର ଅଧକ୍ଷ ଜନାର୍ଦ୍ଦନ ପାଇଯୋଶୀ ମହାପାତ୍ର, ସମ୍ପାଦକ ସୁଭାନନ୍ଦ ପୁରୀ ମଠାଧୀଶ, ନୀଳଗିରି ଜଗନ୍ନାଥ ମନ୍ଦିର ବରିଷ୍ଠ ସେବାୟତ ମାନେ ଉପସ୍ଥିତ ରହି ଉତ୍ସବକୁ ଉଦ୍ଘାଟନ କରିଥିଲେ । ପରେ ପରେ ରାଜ୍ୟ ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ବିଭିନ୍ନ ଜିଲ୍ଲାର ସାଂସ୍କୃତିକ ଅନୁଷ୍ଠାନ ମାନେ ଯୋଗଦାନ କରି ଦର୍ଶକ ମାନଙ୍କର ଭରପୁର ମନୋରଞ୍ଜନ କରିଥିଲେ । ପ୍ରଥମେ ଘୋଡ଼ା ନାଚ ଏବଂ ପରେ ପରେ ମାହାରୀ ନୃତ୍ୟ, ଓଡ଼ିଶୀ ନୃତ୍ୟ, ଗୋଟିପୁଅ ନୃତ୍ୟ, ରଣପା ନୃତ୍ୟ, ଛଉ ନୃତ୍ୟ, ପଶୁମୁଖା ନୃତ୍ୟ, ପାଇକ ଆଖଡ଼ା, ଘୁମୁରା ନୃତ୍ୟ ଏବଂ ଶେଷରେ ନାଟକ 'ଭକ୍ତି ଭକ୍ତ ଜଗନ୍ନାଥ' ପ୍ରଦର୍ଶିତ ହୋଇଥିଲା । ଏହି ଉତ୍ସବରେ ସ୍ଥାନୀୟ ଦର୍ଶକଙ୍କ ସହିତ ଭାରତବର୍ଷର ବିଭିନ୍ନ କୋଣ ଅନୁକୋଣରୁ ଶ୍ରଦ୍ଧାଳୁ ମାନେ ଉପସ୍ଥିତ ରହି ଏହି ପାରମ୍ପରିକ ଉତ୍ସବକୁ ଉପଭୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସିଂହାରୀ ଆଲୋକ ଖୁଂଟିଆ ସଂଯୋଜନା କରିଥିବା ବେଳେ ହରେକୃଷ୍ଣ ସିଂହାରୀ, ନରେନ୍ଦ୍ର ମହାନ୍ତି, ନୀଳମଣି ଗୁରୁ, ଲକ୍ଷ୍ମୀନାରାୟଣ ଦାସ ପ୍ରମୁଖ ପରିଚାଳନା କରିଥିଲେ । ନୀଳଗିରି ଶ୍ରୀ ଜଗନ୍ନାଥ ମନ୍ଦିରର ସେବାୟତ ସର୍ବଶ୍ରୀ ବ୍ରହ୍ମ ସରୋଜ କୁମାର ନନ୍ଦ, ବ୍ରହ୍ମ ପୂର୍ଣ୍ଣ ଶ୍ଳୋକ ନନ୍ଦ, ହରି ବନ୍ଧୁ କର ଓ ଅମ୍ବୁଜ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ହରିବନ୍ଧୁ କରଙ୍କ ବେଦ ଉଚ୍ଚାରଣରେ ପ୍ରଦୀପ ପ୍ରଜ୍ୱଳନ ସହ ସଭା ଆରମ୍ଭ ହୋଇଥିଲା । ନୀଳଗିରିର ରାଣୀ ମନୋଜା ମଞ୍ଜରୀ ଦେବୀଙ୍କ ଶ୍ରୀ ଜଗନ୍ନାଥ ଦ୍ୱନ୍ଦ୍ୱ ପୂର୍ଣ୍ଣ ଅଭିଭାଷଣ ହୃଦୟ ସ୍ପର୍ଶି ହୋଇଥିଲା । ଜନାର୍ଦ୍ଦନ ପାଇଯୋଶୀ ମହାପାତ୍ର, ଓଡିଶା ନିଯୋଗ ମହାନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ସ୍ୱର୍ଗତ ରୁଦ୍ରମାଧବ ରାୟଙ୍କ ୮୮ ତମ ଜନ୍ମ ଜୟନ୍ତୀ ପାଳିତ

ଦଶପଲ୍ଲା, ୨୩।୧୧ (ଆ.ପ୍ର) : ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଜିଲ୍ଲା ତଥା ରାଜ୍ୟ ରାଜନୀତିରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରି ଆସିଛି । ତେବେ ବିଗତ ଦିନରେ ଏହି ନିର୍ବାଚନ ମଣ୍ଡଳୀରେ ଅନେକ ରାଜନେତା ନିଜର ଛାପ ଛାଡିଯାଇଛନ୍ତି । ତନ୍ମଧ୍ୟରୁ ସ୍ୱର୍ଗତ ରୁଦ୍ରମାଧବ ରାୟ ଅନ୍ୟତମ । ସେ ଜଣେ ଦକ୍ଷ ନେତା ଥିଲେ । ଦଶପଲ୍ଲା ବ୍ଲକର ରାଜନୈତିକ ପେଣ୍ଠସ୍ଥଳୀ କୁହାଯାଉଥିବା ମଧଖଣ୍ଡ ଗ୍ରାମରେ ଏହି ମହାନ ପୁରୁଷଙ୍କ ଜନ୍ମ । ମଧଖଣ୍ଡ ସରପଂଚ, ଦଶପଲ୍ଲା ବିଧାୟକ ଓ ପରେ କନ୍ଧମାଳ ସାଂସଦ ଭାବେ ସେ ନିଜର ଯଶକିର୍ତ୍ତୀ ମାନ ଏଠାରେ ଛାଡିଯାଇଛନ୍ତି । ତେବେ କଥାରେ ଅଛି ବଂଚିଥିବା ବେଳେ କେହି ବୁଝିପାରିବେନି କିନ୍ତୁ ମୃତ୍ୟୁ ପରେ ସମସ୍ତେ ଝୁରିହେବେ ।ତାଙ୍କର ଦଶପଲ୍ଲା ପାଇଁ ଅବଦାନ ଅନେକ । ଏ ଅବଦାନ

ମଧ୍ୟରୁ ଦ୍ୱାରଗାଁ ଓ ଦିଣ୍ଡାଭୂଇଁ ମଧ୍ୟରେ ଥିବା କୁଆଁରିଆ ନଦୀ ଉପରେ ସେତୁ ନିର୍ମାଣ । ଯେଉଁ ସେତୁ ଆଜି ଦୁଇ ଗ୍ରାମ ମଧ୍ୟରେ ସମ୍ପର୍କ କୁ ସୁଦୃଢ କରିଛି । ସେହିପରି ଦଶପଲ୍ଲାର କୃଷ୍ଣାପ୍ରିୟା ମହିଳା ମହାବିଦ୍ୟାଳୟ ମଧ୍ୟ ତାଙ୍କର ଅବଦାନ । ପ୍ରତି ବର୍ଷ ତାଙ୍କ ସ୍ମୃତି ରେ କଲେଜ କର୍ତ୍ତୃପକ୍ଷ ତାଙ୍କର ଜନ୍ମ ଜୟନ୍ତୀ ଓ ଶ୍ରାଦ୍ଧ ବାର୍ଷିକୀ ପାଳନ କରିଥାନ୍ତି । କଲେଜ ପରିସରରେ ରବିବାର ଦିନ ସ୍ୱର୍ଗତ ରୁଦ୍ର ବାବୁଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଥମେ ସ୍ୱର୍ଗତ ରୁଦ୍ରମାଧବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା ଓ ପରେ ସଭାର ଆୟୋଜନ ମଧ୍ୟ କରାଯାଇଥିଲା ।

ଜିଲ୍ଲାସ୍ତରୀୟ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ଜୟନ୍ତୀ ପାଳିତ

ରାୟଗଡା, ୨୩।୧୧ (ଆ.ପ୍ର) : ଜିଲ୍ଲା ସ୍ତରୀୟ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ଜୟନ୍ତୀ ଶନିବାର ସ୍ଥାନୀୟ ଶାସ୍ତ୍ରୀ ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ ଉପଜିଲ୍ଲାପାଳ ରମେଶ କୁମାର ଜେନା ମୁଖ୍ୟ ଅତିଥିରୂପେ ଏବଂ ଆବାହକ ଏବଂ ଉପ ନିର୍ଦ୍ଦେଶକ ତଥା ଜିଲ୍ଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ବରେଣ୍ୟ ଅତିଥି ରୂପେ ଶିକ୍ଷାବିତ ଡକ୍ଟର ଦୁଷ୍ମନ୍ତ କୁମାର ମହାନ୍ତି, ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ, ଉତ୍କଳ ସମ୍ମିଳନୀ, ରାୟଗଡ ଶାଖାର ସଭାପତି ତଥା ଆଇନଜୀବୀ ବ୍ରଜସୁନ୍ଦର ନାୟକ, ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଜଳନ୍ଧର ପୃଷ୍ଟିକା, ସମାଜସେବୀ ସୁଦର୍ଶନ ପାଢୀ,ଓ୍ୱାକରସ କ୍ଲବର ସଭାପତି ଦାଶରଥି ରାଜଗୁରୁ ପ୍ରମୁଖ ମଂଚାସୀନ ଥିଲେ । କାର୍ଯ୍ୟକ୍ରମରେ ଓ୍ୱାକରସ କ୍ଲବ, ବରିଷ୍ଠ ନାଗରିକ ସଂଘ, ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ଓ ଦେଶପ୍ରେମୀ ଜନସାଧାରଣ ଯୋଗ ଦେଇଥିଲେ । ସକାଳ ଆଠ ଘଟିକା ସମୟରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ସମସ୍ତେ ସମବେତ ହୋଇ ପୁଷ୍ପ ମାଲ୍ୟାର୍ପଣ କରି ସମ୍ମାନ ପ୍ରଦର୍ଶନ କରିଥିଲେ । ପରେ ଆୟୋଜିତ ଏକ ସାଧାରଣ ସଭାରେ ଅତିଥିବୃନ୍ଦ ମହାପୁରୁଷ ତଥା ଶହୀଦ ଲକ୍ଷ୍ମଣ ନାୟକଙ୍କ ଦେଶପ୍ରେମ, ସ୍ୱାଧିନତା ସଂଗ୍ରାମର ଗୁଣଗାନ କରିଥିଲେ । ସ୍ୱାଧୀନ ଭାରତ ମୁକ୍ତ ଆକାଶର ଦୋଦୁଲ୍ୟମାନ ନକ୍ଷତ୍ର ପୁଞ୍ଜ ମଧ୍ୟରେ ଅନ୍ୟତମ ତାରକା ସଦୃଶ ଏମାଟିର ଯୁବପିଢି, ଦେଶଭକ୍ତ ଓ ସର୍ବୋପରି ନାଗରିକ ମାନଙ୍କ ପାଇଁ ଏକ ମାଇଲଖୁଂଟ ସଦୃଶ ଉଦାହରଣ ଅଟନ୍ତି ଶହୀଦ ଲକ୍ଷ୍ମଣ ନାୟକ । ସେ ତ୍ୟାଗର ସଙ୍କେତ, ଧୈର୍ଯ୍ୟର ପ୍ରତୀକ, ଜାତିର ଗର୍ବ ଓ ଗୌରବ, ଅବିଭକ୍ତ କୋରାପୁଟରେ ଭାରତଛାଡ ଆନ୍ଦୋଳନର ଉଦ୍ୟୋକ୍ତା ଥିଲେ । କେବଳ ବସ୍ତ୍ରଖଣ୍ଡ ଜାଣିଥିବା ଏଭଳି ଜଣେ ସଂଗ୍ରାମୀ ଗାନ୍ଧୀଙ୍କ ଡାକରାରେ ଫିରିଙ୍ଗିଙ୍କ ବିରୋଧରେ ଲଢିବା ସହ ଥାନାରେ ଭାରତୀୟ ପତାକା ଉଡେଇ ନିଜ ଜାତୀୟତା ପ୍ରତିପାଦିତ କରିଥିଲେ ବୋଲି ଅତିଥିବୃନ୍ଦ ଅଭିଭାଷଣ ରଖିଥିଲେ । ଏଭଳି ଜଣେ ଶହୀଦଙ୍କ ନାମରେ ଅନୁଷ୍ଠାନ, ରାସ୍ତା ଆଦି ନାମକରଣର ଯଥାର୍ଥତା ପ୍ରତିପାଦିତ କରି ପ୍ରସ୍ତାବ ଜିଲ୍ଲା ପ୍ରଶାସନକୁ ଉପସ୍ଥାପନ କରିବା ସପକ୍ଷରେ ଉପଜିଲ୍ଲାପାଳ ନିଜ ବକ୍ତବ୍ୟରେ ମତ ରଖିଥିଲେ । ଶାସ୍ତ୍ରୀ ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତରଫରୁ ତଥା ପ୍ରଶାସନ ତରଫରୁ ଜିଲ୍ଲା ସ୍ତରୀୟ ବକ୍ତୃତା ଓ ପତ୍ର ଲିଖନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ବଂଟନ କରାଯାଇଥିଲା । ବରିଷ୍ଠ ଶିକ୍ଷକ ନୀଳାଂଚଳ ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଗ୍ରନ୍ଥାଗାରିକ ଉମ୍ବୁରୁଧର ପଣ୍ଡା, ଷ୍ଟେନୋ କୁମୁଦିନି ମିଶାଲ, ମାନସ କୁମାର ସାହୁ ଓ ଅନ୍ୟାନ୍ୟ କର୍ମକର୍ତ୍ତାଗଣ ଆୟୋଜନରେ ସହଯୋଗ କରିଥିଲେ ।

ଧ୍ୟାନ ମୁଦ୍ରାରେ ବସିଛନ୍ତି ଜଣେ ମହିଳା

ଉମରକୋଟ, ୨୩।୧୧ (ଆ.ପ୍ର) : ଧ୍ୟାନ ମୁଦ୍ରାରେ ବସିଛନ୍ତି ଜଣେ ୪୦ ବର୍ଷୀୟ ମହିଳା । ତାଙ୍କ ଦେହରେ ଦୀର୍ଘ ଦିନ ଧରି ଯୋଗିନୀ ଲାଗୁଥିବା ଗ୍ରାମବାସୀ ତଥା ସେ ନିଜେ ମଧ୍ୟ କହୁଥିବା ଶୁଣିବାକୁ ମିଳିଛି । ବହୁ ଦୂର ଦୁରାନ୍ତରୁ ତାଙ୍କ ଦର୍ଶନ ନିମନ୍ତେ ସାଧାରଣ ଲୋକ ଆସିଥାନ୍ତି । ସେ ଅନେକ ପ୍ରକାର ରୋଗୀଙ୍କୁ ଚେରିମୂଳି ଔଷଧ ଦେଉଥିବା ମଧ୍ୟ ସୂଚନା ରହିଛି । ପଡ଼ୋସି ଛତିଶଗଡରୁ ଲୋକ ଆସିକି ତାଙ୍କ ପାଖରୁ ଚେରିମୂଳି ଔଷଧ ସେବନ କରି ରୋଗ ବୈରାଗରୁ ଭଲ ହେଉଥିବା କୁହାଯାଉଛି । ଚଳିତ ମାସ ୧୪ ତାରିଖରୁ ସେ ଧ୍ୟାନ ମୁଦ୍ରାରେ ବସିଛନ୍ତି ଏବଂ ଆସନ୍ତା ଡିସେମ୍ବର ମାସ ୪ ତାରିଖରେ ଧ୍ୟାନ ମୁଦ୍ରାରୁ ବିରତି ନେବାର କୁହାଯାଉଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବୁର୍ଜା ଗ୍ରାମ ପଂଚାୟତ ଅନ୍ତର୍ଗତ ପୂଜାରୀ ଗ୍ରାମରେ । ଉକ୍ତ ଗ୍ରାମର ପୂର୍ଣ୍ଣି ଭକ୍ତ ନାମ୍ନୀ ମହିଳା ଜଣକ ଦୀର୍ଘ ୨୧ ଦିନ ଧ୍ୟାନ ମୁଦ୍ରାରେ ବସିଥିବା ଦେଖିବାକୁ ମିଳିଛି । ତାଙ୍କ ଦେହରେ ଯୋଗିନୀ ଲାଗିବା ସହ ଅନେକ ଦିନରୁ ଦେବଦେବୀ ତଥା ଭଗବାନ ଙ୍କ ସ୍ୱପ୍ନ ହେଉଥିବାରୁ ସେ ଧ୍ୟାନରେ ବସିଥିବା ଦେଖିବାକୁ ମିଳିଛି ।

ଦ୍ୱିତୀୟଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ସାଂଗଠନିକ ବୈଠକ ଅନୁଷ୍ଠିତ

ମହାଙ୍ଗା, ୨୩।୧୧ (ଆ.ପ୍ର) : ଦ୍ୱିତୀୟଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ବୁଲାରପୁର ଗୋପାଳପୁର କଟକର ସାଂଗଠନିକ ବୈଠକ ତା ୨୩.୧୧.୨୦୨୫ରିଖ ରବିବାର ଦିନ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଂସଦର ସଭାପତି ବିଦ୍ୟୁଲତା ପ୍ରଧାନ ପୌରହିତ୍ୟ କରିଥିଲା ବେଳେ ସଂସଦର ସଂପାଦକ ଗୌତମ ଚରଣ ଜେନା ବୈଠକର ଅଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଏହି ବୈଠକରେ ସଂସଦର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ରହିଥିଲେ । ବୈଠକରେ ସଂସଦର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯିବା ପରେ ସଂସଦର ସାଂଗଠନିକ କର୍ମକର୍ତ୍ତାମାନଙ୍କର ତାଲିକା ଘୋଷଣା କରାଯାଇଥିଲା । ସଭାପତି ଭାବେ ବିଦ୍ୟୁଲତା ପ୍ରଧାନ, କାର୍ଯ୍ୟକାରୀ ସଭାପତି ଭାବେ ଅଧ୍ୟାପକ ଉମାକାନ୍ତ ପ୍ରଧାନ, ଉପସଭାପତି ଭାବେ ଡଃ.ଏକାଦଶୀ ପ୍ରଧାନ, ପ୍ରାଧ୍ୟାପକ ବିରୂପାକ୍ଷ ରାୟ, ପ୍ରବାଚକ ଶରତ ଚନ୍ଦ୍ର ରଥ, ସାଧାରଣ ସଂପାଦକ ଗୌତମ ଚରଣ ଜେନା, ଯୁଗ୍ମସଂପାଦକ ପ୍ରଫୁଲ୍ଲ କୁମାର ସାହୁ, ଦିଲ୍ଲିପ କୁମାର ଗୁହାଚାର୍ଯ୍ୟ, ସଂଯୋଜକ ଡଃ. ଅଭୟ କୁମାର ରାଉତ, ସହ ସଂପାଦକ ଗଦାଧର ପାଣି, ଜ୍ୟୋତିରଂଜନ ମହାନ୍ତି, କୋଷାଧ୍ୟକ୍ଷ କଲ୍ଲୋଳ ଚନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ ସମିତି ସଭ୍ୟ ରାଜକିଶୋର ମିଶ୍ର, ପ୍ରତିଭା ଦାସ, ରଘୁନାଥ ମହାନ୍ତି, ରାମଚନ୍ଦ୍ର ସାହୁ, ରାମଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ କୁମାର ସିଂହ, ମହେନ୍ଦ୍ର ଘଡେଇ, ବିବେକାନନ୍ଦ ଦାସ, ଇଂ. ସରୋଜ ସାମଲ,ଉପଦେଷ୍ଟା ଭାବେ ଇଂ. ଗୁଣନିଧି ତ୍ରିପାଠୀ, ବଟକୃଷ୍ଣ ନାଥଶର୍ମା, ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ, ଶ୍ରୀନିବାସ ସାହୁ, ଶାରଦା ପ୍ରସାଦ ମିଶ୍ର, ବଳରାମ ଓଝା, ଶଦାଶିବ ପଣ୍ଡା, ସତ୍ୟାନନ୍ଦ ଦାଶ, ଶଶଧର ପଣ୍ଡା, କୁଳମଣି ସାହୁ, ଡଃ. ଅମରେନ୍ଦ୍ର ମହାନ୍ତି ପ୍ରମୁଖ ସର୍ବସମ୍ମତି କ୍ରମେ ସ୍ଥିର କରାଯାଇଥିଲା । ଏଥିସହିତ ସଂସଦର ମୁଖପତ୍ର ଅନର୍ଘଅର୍ଘ୍ୟ ସଂପର୍କରେ ଆଲୋଚନା କରାଯାଇଥିଲା ।

ମିଥ୍ୟା ଦଲିଲ ପ୍ରସ୍ତୁତ କରିବା ମାମଲାରେ ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ

ପାରଳାଖେମୁଣ୍ଡି, ୨୩।୧୧ (ଆ.ପ୍ର) : ଗଜପତି ସିଜେଏମ୍ କୋର୍ଟରେ ଜଣେ ଅଭିଯୁକ୍ତଙ୍କୁ ଠକେଇ ଓ ମିଥ୍ୟା ଦଲିଲ ପ୍ରସ୍ତୁତ କରିବା ମାମଲାରେ ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲଦଣ୍ଡ ଦିଆଯାଇଛି । ଘଟଣାରୁ ପ୍ରକାଶ ଲାବଣ୍ୟଗଡ ପଂଜାବ ନେସନାଲ ବ୍ୟାଙ୍କର ପରିଚାଳକ ଲାବଣ୍ୟଗଡ ଗ୍ରାମର ରମେଶ ଚନ୍ଦ୍ର ଦଳପତିଙ୍କ ନାମରେ ଏକ କେଶ ଗାରାବନ୍ଧ ପୋଲିସ ଥାନାରେ ଜଣାଇଥିଲେ । ଉକ୍ତ ବ୍ୟକ୍ତି ୧୦ କୋଟି ଟଂକାର ଏକ ଜାଲିଯାତି ଚେକ୍ ଉକ୍ତ ବ୍ୟାଙ୍କରେ ଉଠାଣ ପାଇଁ ଆସିଥିଲେ । ପ୍ରକୃତରେ ଏହି ଚେକ୍ ଗୋଟିଏ କଂପାନୀ ନାମରେ ଥିଲା । ତାହାକୁ ଉକ୍ତ ବ୍ୟକ୍ତି ଜାଲ କରିବା ପାଇଁ ଯୋଜନା କରିଥିଲେ । ତତ୍ ସମ୍ବନ୍ଧୀୟ ଜାଲ ଦସ୍ତାବିଜ୍ ବ୍ୟାଙ୍କରେ ଦାଖଲ କରିଥିଲେ । ଏଥିରେ ସନ୍ଦେହ ହେବାରୁ ପୂରା ସତ୍ୟାସତ୍ୟ ଘଟଣା ଉକ୍ତ ବ୍ୟକ୍ତିଙ୍କର ଚାଲ୍ ଧରା ପଡିଥିଲା । ପରେ ୨୧-୦୫-୨୦୧୫ ତାରିଖରେ ବ୍ୟାଙ୍କର ଶାଖା ପରିଚାଳକ ଗାରାବନ୍ଧ ପୋଲିସ ଥାନାରେ କେଶ(୨୪) ପଂଜୀକୃତ କରିଥିଲେ । ଉକ୍ତ କେଶକୁ ଆଧାର କରି ତତ୍କାଳୀନ ଆଆଇସି ପ୍ରଶାନ୍ତ କୁମାର ଭୂପତିଂକ ସହ ତାଂକର ସହକର୍ମୀ ତନାଘନା ତଦନ୍ତ ଆରମ୍ଭ କରିଥିଲେ । ପରେ ତାଂକୁ କୋର୍ଟକୁ ଚାଲିଣ କରାଯାଇଥିଲା । ୧୨ ଜଣ ସାକ୍ଷୀଂକ ବକିଷ୍ଣ ପ୍ରମାଣକୁ ଭିତି କରି ସିଜେଏମ୍ ନରୋତମ ସେଠୀ ଉକ୍ତ ଦୋଷୀଂକୁ ୫ବର୍ଷ କାରାଦଣ୍ଡ ଓ ୧ ଲକ୍ଷ ଟଂକା ଜୋରିମାନା ଶୁଣାଇଛନ୍ତି । ଜୋରିମାନା ଅନାଦାୟେ ଅଧିକ କାରାଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି । ଧାରା ୪୨୦ ଓ ୫୧୧ ଅନୁସାରେ ଅଧିକ ଏକ ବର୍ଷ କାରାଦଣ୍ଡ ସହ ୧୦୦୦୦ ଟଂକା ଜୋରିମାନା ଆଦେଶ କରିଛନ୍ତି । ଏହି ଶୁଣାଣିରେ ଏପିପି ଆରଉଦୟଚନ୍ଦ୍ ରାଓ ସପକ୍ଷରେ ସହ ନିଜ ଯୁକ୍ତି ବାଢିଥିଲେ । ଏହାର ସୂଚନା ପିପି ଇନଚାର୍ଜ ରାଜେଶ କୁମାର ମିଶ୍ର ଜଣାଇଛନ୍ତି ।

ସଙ୍ଗୀତଧାରା ପକ୍ଷରୁ ଭକ୍ତି ସଙ୍ଗୀତ ପ୍ରତିଯୋଗିତା, ୩୦ ରେ ଭାପୁର ଓ ଖଣ୍ଡପଡ଼ା ବ୍ଲକ ଅଡିସନ

ଖଣ୍ଡପଡ଼ା, ୨୩।୧୧ (ଆ.ପ୍ର) : ସଙ୍ଗୀତଧାରା, ନୟାଗଡ଼ ପକ୍ଷରୁ ଆସନ୍ତା ୩୦ ତାରିଖରେ ଭାପୁର ଓ ଖଣ୍ଡପଡ଼ା ରେ ସିଜିନ-୩ ଭକ୍ତିସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏ ନେଇ ସଙ୍ଗୀତଧାରା ସମ୍ପାଦକ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଖଣ୍ଡପଡ଼ା ଆଂଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଙ୍ଗୀତଧାରା ସଂଯୋଜକ ଲକ୍ଷ୍ମୀଧର ସାହୁ, ବରିଷ୍ଠ ସାମ୍ବାଦିକ ଭବାନୀ ଶଙ୍କର ସିଂହ ସାମନ୍ତ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଶଙ୍କର୍ଷଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ମତାମତ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଫଳତା ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସମଗ୍ର ନୟାଗଡ ଜିଲ୍ଲାରେ ଲୁକ୍କାୟିତ ସଙ୍ଗୀତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବାର ମହତ ଲକ୍ଷ୍ୟ ନେଇ 'ସଙ୍ଗୀତଧାରା' ପକ୍ଷରୁ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବା ନେଇ ସୂଚନା ଦିଆ ଯାଇଥିଲା । ଏ ପରିପ୍ରେକ୍ଷୀରେ ଆସନ୍ତା ନଭେମ୍ବର ୩୦ ତାରିଖ ରବିବାର ପୂର୍ବାହ୍ନ ୧୦.୩୦ରେ ଭାପୁର ବ୍ଲକର ସେଂଟ ଜାଭିଅର ହାଇସ୍କୁଲ ଠାରେ ଓ ଅପରାହ୍ନରେ ୨ ଟା ରେ ଖଣ୍ଡପଡ଼ାସ୍ଥିତ ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ର ପରିସରରେ ବିନା ବାଦ୍ୟଯନ୍ତ୍ରରେ ପ୍ରତିଯୋଗୀମାନଙ୍କ ଅଡିସନ ନିଆଯିବ । ୧୪ରୁ ୨୪ବର୍ଷ ବୟସର ପୁଅ ଝିଅ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପାରିବେ ବୋଲି ସୂଚନା ମିଳିଛି । ସଙ୍ଗୀତଧାରା କାର୍ଯ୍ୟକ୍ରମର ନିଷ୍ପତ୍ତିକ୍ରମେ ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ 'ନୟାଗଡ଼ ସଙ୍ଗୀତ କଲ୍ଲୋଳ' ଉପାଧି ସହ ନଗଦ ୧୧ ହଜାର ଟଙ୍କା ଅର୍ଥରାଶି,୨ ୟ ଓ ୩ ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୫ ହଜାର ଏବଂ ୩ ହଜାର ଟଙ୍କା ପୁରସ୍କାର ବାବଦରେ ପ୍ରଦାନ ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଜଣାପଡିଛି ।

କାଠ ଫାଳିଆରେ ପିଟି ପିଟି ବୃଦ୍ଧଙ୍କୁ ହତ୍ୟା

ବାଲିଗୁଡା, ୨୩।୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନା ଯୁଗାପଦର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଜୈନକ ଯୁବକ କାଠ ଫାଳିଆରେ ପିଟି ପିଟି ବୃଦ୍ଧ ଜଣଙ୍କୁ ହତ୍ୟା କରିଥିବା ଜଣାପଡିଛି । ହତ୍ୟାର କାରଣ ଅସ୍ପଷ୍ଟ ଥିବା ବେଳେ ମୃତକ ଜଣକ ଜଙ୍ଗାମେଣ୍ଡି ଗ୍ରାମର ଅଲେଖ ନାୟକ ହୋଇଥିବା ବେଳେ ହତ୍ୟାକାରୀ ଯୁଗାପଦର ଗ୍ରାମର ମିଥୁନ୍ ମଲ୍ଲିକ ବୋଲି ଜଣାପଡ଼ିଛି । ଖବରପାଇ ଘଟଣାସ୍ଥଳରେ କ.ନୂଆଗାଁ ପୋଲିସ୍ ପହଂଚି ହତ୍ୟାକାରୀ ମିଥୁନ ମଲ୍ଲିକକୁ ନିଜ ହେପାଜତକୁ ନେଇଥିବା ବେଳେ ଶବକୁ ଜବତ କରି ବ୍ୟବଚ୍ଛେଦ ପଠାଇବା ସହ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ସୂଚନା ପ୍ରକାରେ ଭଣଜାର ମୃତ୍ୟୁ ପରେ ଶନିବାର ଅଲେଖ ଯୁଗାପଦର ସ୍ଥିତ ଭଣଜା ଘରକୁ ଯାଇଥିଲା । ବିଳମ୍ବିତ ରାତିରେ ଅଲେଖ ପରିସ୍ରା କରିବାପାଇଁ ବାହାରକୁ ଯାଇଥିବା ବେଳେ ନିଶାସକ୍ତ ଅବସ୍ଥାରେ ମିଥୁନ ଅଲେଖଙ୍କୁ କାଠ ଫାଳିଆରେ ପିଟି ପିଟି ହତ୍ୟା କରିଥିବା ବିଷୟ ଅଲେଖଙ୍କ ସମ୍ପର୍କୀୟ ପ୍ରକାଶ କରିଛନ୍ତି ।

ତିନି ଲକ୍ଷରୁ ଉର୍ଦ୍ଧ୍ୱ ଶାଳ କାଠ ବୋଝେଇ ଗାଡ଼ି ଜବତ, କାଠ ମାଫିଆ, ଗାଡି ଡ୍ରାଇଭର ଫେରାର

ତୁମୁଡିବନ୍ଧ, ୨୩।୧୧ (ଆ.ପ୍ର) : କନ୍ଧମାଳ ଜିଲା ତୁମୁଡିବନ୍ଧ ବନାଂଚଳର କୁର୍ତ୍ତମ ଗଡ଼ ସେକ୍ସନର କଟକୁଡ଼ା ପଂଚାୟତର କକିଙ୍ଗିଆ ଜଙ୍ଗଲରେ ଶାଳକାଠ ବୋଝେଇ ଏକ ୪୦୭ ଗାଡ଼ିକୁ ଜବତ କରିବାରେ ତୁମୁଡିବନ୍ଧ ବନ ବିଭାଗ ସଫଳ ହୋଇଛି । ସୂଚନା ଅନୁସାରେ ଶୁକ୍ରବାର ରାତିରେ ଗାଡ଼ି ନଂ ଓଆର ୦୨ବିହେ ୬୮୦୭ ଏକ ୪୦୭ଡାଲା ଗାଡିରେ ୭୫ଖଣ୍ଡ଼ ଶାଳ କାଠ କୁର୍ତ୍ତମ ଗଡ଼ କକିଙ୍ଗିଆ ଜଙ୍ଗଲରୁ ଚୋରା ଚାଲାଣ ହେଉଥିବାବେଳେ କୌଣସି ପ୍ରକାରେ ତୁମୁଡିବନ୍ଧ ବନାଂଚଳ ଅଧିକାରୀ କାଳୀନ୍ଦୀ ଚରଣ ବେହେରା ଖବର ପାଇଥିଲେ । ପରେ ସେ ନିଜ କର୍ମଚାରିଙ୍କୁ ଧରି ବାଟରେ ଜଗି ରହିଥିଲେ । ଘଟଣା ସ୍ଥଳରେ ଗାଡ଼ି ଡ୍ରାଇଭର ଓ କାଠ ମାଫିଆ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ ସୂଚନା ମିଳିଛି । ବନ ବିଭାଗର ଅଧିକାରୀମାନେ ଗାଡ଼ିରେ ଶାଳ କାଠ ଥିବା ଦେଖିବାକୁ ପାଇଥିଲେ । ଏହାକୁ ଏକାଧିକ ଧାନ କୁଣ୍ଡା ବସ୍ତା ବିଛାଇ ଚୋରା ଚାଲାଣ କରାଯାଉଥିବା ଦେଖିବାକୁ ମିଳିଥିଲା । ତେବେ ଉକ୍ତ ୪୦୭ ଗାଡିଟିକୁ ଜବତ କରି ତୁମୁଡିବନ୍ଧ ବନାଂଚଳ କାର୍ଯ୍ୟାଳୟକୁ ଅଣାଯାଇଛଥିଲା । ଜବତ ହୋଇଥିବା ଶାଳ କାଠ ମୂଲ୍ୟ ଆନୁମାନିକ ୩ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି । ପୂର୍ବରୁ ସୂଚନା ପାଇଁ ଏହି ଗାଡିକୁ ଜବତ କରିବାପାଇଁ ସ୍ୱତନ୍ତ୍ର ଏକ ଦଳ ଗଠନ କରି ଅଭିଯାନ ଆରମ୍ଭ ହୋଇଥିଲା । ଏହି ଦଳରେ କୁର୍ତ୍ତମ ଗଡ଼ ବନପାଳ ଟିଙ୍କୁ ବେହେରା , ବନରକ୍ଷୀ ସୌଦାମିନୀ ସାମଲ, ଶଶାଳ କୁମାର ପ୍ରଧାନ, ରଜନୀକାନ୍ତ ଛୋଟରାୟ ଏବଂ ଫରେଷ୍ଟ ପ୍ରଟେକ୍ସନ ଦଳ ସାମିଥିଲେ । ତେବେ ଗାଡିଟିକୁ ଜବତ କରି ଏକ ମାମଲା ୮/୨୫-୨୬ ରେ ରୁଜୁ କରି ତଦନ୍ତ ଜାରି ରହିଥିବା ତୁମୁଡିବନ୍ଧ ବନାଂଚଳ ଅଧିକାରୀ କାଳୀଚରଣ ବେହେରା ସୂଚନା ଦେଇଛନ୍ତି ।

ଅହିର ଯାଦବ ସମାଜର ସମରସ୍ତା ଶୋଭାଯାତ୍ରା ଅନୁଷ୍ଠିତ

କୋମନା, ୨୩।୧୧ (ଆ.ପ୍ର) : ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ଼ ଧାନମଣ୍ଡି ପ୍ରାଙ୍ଗଣରେ ଶନିବାର ଅହିର ଯାଦବ ସମାଜର ସମ୍ବର୍ଦ୍ଧନା ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛତିଶଗଡ୍, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରୁ ସମରସ୍ତା ଯାତ୍ରାରେ ଆସିଥିବା ଛତିଶଗଡ଼ ମହାସଭା ଯୁବ ସଭାପତି ପ୍ରମାନନ୍ଦ ଯାଦବ, ସମ୍ପାଦକ ନରୋତମ ଯାଦବ ଓ ସଂଯୋଜକ ହରିଶ ଯାଦବ ପ୍ରମୁଖଙ୍କୁ ସୀମାନ୍ତ ଖରିଆର ରୋଡ଼ ଠାରେ ସ୍ୱାଗତ କରାଯାଇ ବାଇକ୍ ଶୋଭାଯାତ୍ରାରେ ତରବୋଡ ପର୍ଯ୍ୟନ୍ତ ଅଣା ଯାଇଥିଲା । ସେଠାରେ ଯାଦବ ସମାଜ ସଭାପତି ଶଙ୍କର ଲାଲ ଅହିରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଛତିଶଗଡ ମହିଳା ସଭା ନେତ୍ରୀ ଲଳିତା ଯାଦବ, ଉତ୍କଳ ଯାଦବ ମହାସଂଘ ସଭାପତି ଲମ୍ବୋଦର ନିଆଲ, ଜିଲ୍ଲା ଯାଦବ ସମାଜ ଜିଲ୍ଲା ସଭାପତି ଭରତଲାଲ ରାଉତ, କୋମନା ବ୍ଲକ ସଭାପତି ତାରାଚନ୍ଦ ଥପା, ସହ ସମ୍ପାଦକ ଯୋଗେନ୍ଦ୍ର ବାଗ, କୁନ୍ଦୁ କରୁଆଁ, ମାଧୋ ପ୍ରସାଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସବୁ ରାଜ୍ୟର ଯାଦବ ଏକତ୍ରିତ ହୋଇର ଅନ୍ଧବିଶ୍ୱାସ, କୁସଂସ୍କାରଠାରୁ ଦୂରେଇ ରହି ନାରୀ ଶିକ୍ଷା, ରାଜନୈତିକ, ଅର୍ଥନୈତିକ ଉପରେ ଗୁରୁତ୍ୱ ଦେଲେ ସମାଜ ଆହୁରି ଆଗକୁ ଗତି କରିବ ବୋଲି ମତ ବ୍ୟକ୍ତ କରିଥିଲେ । ବିଶେଷ କରି ଯାଦବଙ୍କ ଗୋପାଳନ ଉପରେ ପ୍ରାଧାନ୍ୟ ଦେବା ପାଇଁ ଆହ୍ୱାନ କରିଥିଲେ । ସମସ୍ତ ପ୍ରକାର ଯାଦବଙ୍କୁ ଏକତ୍ର କରିବା ଏହି ସମରସ୍ତା ଯାତ୍ରା ପୁରୀ ପର୍ଯ୍ୟନ୍ତ ଯିବ ବୋଲି ଜିଲ୍ଲା ସଭାପତି ସୂଚନା ଦେଇଛନ୍ତି । ଅହିର ଯାଦବ ସମାଜ ସମ୍ପାଦକ ଯମୁନାଲାଲ ଯାଦବ, କୋଷାଧ୍ୟକ୍ଷ ଭୋଜରାମ ଅହିର, ଉଦ୍ୟାନବନ୍ଧ ସଭାପତି ଈଶ୍ୱର ଅହିର, ଖରିଆର ରୋଡ୍ ସଭାପତି ବାଳକୃଷ୍ଣ ଅହିର, ରେଙ୍ଗାବାହାଲ ସଭାନେତ୍ରୀ ସରୋଜ ଅହିର, ଯୁବ ଜିଲ୍ଲା ସଭାପତି ଅମିତ ଅହୀର ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଯାତ୍ରା ଚତୁର୍ଥ ବର୍ଷ ରେ ପହଂଚିଲା ।

ରଥକାଠ ଅନୁକୂଳ ନିମନ୍ତେ ହେଲା ଦିନଧାର୍ଯ୍ୟ

ଦଶପଲ୍ଲା, ୨୩।୧୧ (ଆ.ପ୍ର) : ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାଠ ଅନୁକୂଳ ନିମନ୍ତେ ଦିନ ଧାର୍ଯ୍ୟ ହୋଇଯାଇଛି । ମା' ବଡ଼ରାଉଳଙ୍କ ପୀଠରେ ପ୍ରତ୍ୟେକ ବର୍ଷ ଭଳି ରଥଯାତ୍ରା ପାଇଁ ରଥକାଠ ଅନୁକୂଳ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ରଥକାଠ ଅନୁକୂଳ ନିମନ୍ତେ ଦିନଧାର୍ଯ୍ୟ ପାଇଁ ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଦଶପଲ୍ଲା ବନାଂଚଳ ଅଧିକାରୀ ଶ୍ରୀନିବାସ ଦାସଙ୍କ ନେତୃତ୍ୱରେ ଅବସରପ୍ରାପ୍ତ ବନପାଳ ତଥା ଗଣକ ପ୍ରଫୁଲ୍ଲ କୁମାର ଦାଶ ଗଣିଆ ଠାରେ ପହଂଚିଥିଲେ । ସେଠାରେ ରଥକାଠ ଅନୁକୂଳ ପୁରୋଧା ପ୍ରଶନ୍ନ କୁମାର ଦାଶଙ୍କ ପାଖରେ ପଠାଣି ସାମନ୍ତ ପଞ୍ଜିକା ଅନୁସାରେ ରଥକାଠ ଅନୁକୂଳ ପାଇଁ ଦିନଧାର୍ଯ୍ୟ କରାଯାଇଥିଲା । ପାଞ୍ଜି ଅନୁସାରେ ଆସନ୍ତା ଡିସେମ୍ବର ମାସ ୨୩ ଓ ୩୦ତାରିଖ (ମଙ୍ଗଳବାର) ୨ଦିନ ଧାର୍ଯ୍ୟ କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନଙ୍କ ନିଷ୍ପତି ଅନୁସାରେ ଉକ୍ତ ଦୁଇଦିନ ମଧ୍ୟରୁ ଗୋଟିଏ ଦିନକୁ ଧାର୍ଯ୍ୟ କରାଯାଇ ରଥକାଠ ଅନୁକୂଳ କରାଯିବ ପାଇଁ ସ୍ଥିର କରାଯିବ ବୋଲି ବନାଂଚଳ ଅଧିକାରୀ ଶ୍ରୀନିବାସ ଦାଶ ସୂଚନା ପ୍ରଦାନ କରିଛନ୍ତି ।

ସେଇଥୁ ଆରମ୍ଭ
SEITHO ARAMBHA
ସୋମବାର, ୨୪ ନଭେମ୍ବର, ୨୦୨୫ : ବାଲେଶ୍ୱର : ପୃଷ୍ଠା -୮

ଦିନିକିଆ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା, କେଏଲ ରାହୁଲ ଅଧିନାୟକ

ନୂଆଦିଲ୍ଲୀ, ୨୩।୧୧(ନ୍ୟୁ.ଏ): ଭାରତୀୟ କ୍ରିକେଟ୍ ଦଳ ବର୍ତ୍ତମାନ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ଟେଷ୍ଟ ସିରିଜ୍ ଖେଳୁଛି । ଏହା ପରେ ଦୁଇ ଦଳ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ । ଏହି ସିରିଜ୍ ପାଇଁ ଭାରତୀୟ ଦଳ ଏବେ ଘୋଷଣା କରାଯାଇଛି । କେଏଲ ରାହୁଲଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇଛି । ଦଳରେ ଯୁବ ଏବଂ ଅଭିଜ୍ଞ ଖେଳାଳିଙ୍କ ମିଶ୍ରଣ ରହିଛି । ଦୀର୍ଘ ଦିନ ପରେ ଷ୍ଟାର ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ଦଳକୁ ଫେରିଛନ୍ତି । ଭାରତର ନିୟମିତ ଦିନିକିଆ ଅଧିନାୟକ ଶୁଭମନ ଗିଲ ଆଘାତ ଯୋଗୁଁ ଏହି ସିରିଜରେ ଖେଳୁନାହାଁନ୍ତି । ଦକ୍ଷିଣ ଆଫ୍ରିକା ବିପକ୍ଷରେ ତାଙ୍କର ବେକରେ ଆଘାତ ଲାଗିଥିଲା । ପରେ ସେ ରିଟାୟାର୍ଡ ହର୍ଟ ହୋଇ ପାଭିଲିୟନ ଫେରିଯାଇଥିଲେ । ପରେ ସମାନ କାରଣରୁ ସେ ଦ୍ୱିତୀୟ ଟେଷ୍ଟରୁ ବଂଚିତ ହୋଇଥିଲେ । ତାଙ୍କ ସ୍ଥାନରେ କେଏଲ ରାହୁଲ ଏବେ ଅଧିନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି । ରାହୁଲ ପୂର୍ବରୁ ଦିନିକିଆରେ ଦଳ ପାଇଁ ଏହି ଭୂମିକାରେ କାର୍ଯ୍ୟ କରିଛନ୍ତି । ସେ ୧୨ଟି ଦିନିକିଆରେ ଦଳର ଅଧିନାୟକତ୍ୱ କରିଛନ୍ତି, ୮ଟିରେ ବିଜୟୀ ହୋଇଥିବା ବେଳେ ୪ଟିରେ ପରାସ୍ତ ହୋଇଛନ୍ତି । ଶ୍ରେୟସ ଆୟରଙ୍କୁ ମଧ୍ୟ ଭାରତୀୟ ଦଳରେ ସାମିଲ କରାଯାଇ ନାହିଁ । ସେ ବର୍ତ୍ତମାନ ଆଘାତରୁ ସୁସ୍ଥ ହେଉଛନ୍ତି । ତାଙ୍କ ସ୍ଥାନରେ ତିଳକ ବର୍ମାଙ୍କୁ ପ୍ଲେଇଂ ଇଲେଭେନରେ ସାମିଲ କରାଯାଇପାରେ । ଷ୍ଟାର ଫାଷ୍ଟ ବୋଲର ଜସପ୍ରିତ ବୁମରାହଙ୍କୁ ଦିନିକିଆରୁ ବିଶ୍ରାମ ଦିଆଯାଇଛି । ଆସନ୍ତା ବର୍ଷ ହେବାକୁ ଥିବା ଟି-୨୦ ବିଶ୍ୱକପକୁ ଆଖି ଆଗରେ ରଖି ବୁମରାହ ବର୍ତ୍ତମାନ ଟି-୨୦ କ୍ରିକେଟ ଉପରେ ଧ୍ୟାନ ଦେଉଛନ୍ତି । ଏହି ସମୟରେ ଭାରତ ଏହି ଦଳ ପାଇଁ ଭଲ ଫର୍ମରେ ଥିବା ଋତୁରାଜ ଗାୟକୱାଡଙ୍କୁ ଦଳରେ ସାମିଲ କରିଛି । ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଦିନିକିଆ ଡିସେମ୍ବର ୩୦ ରେ ରାଂଚିରେ ଖେଳାଯିବ । ଦ୍ୱିତୀୟ ଦିନିକିଆ ଡିସେମ୍ବର ୩ ରେ ରାୟପୁରରେ ଖେଳାଯିବ । ସିରିଜର ଅନ୍ତିମ ଏବଂ ତୃତୀୟ ଦିନିକିଆ ଡିସେମ୍ବର ୬ ରେ ବିଶାଖାପାଟଣାରେ ଖେଳାଯିବ । ରୋହିତ ଶର୍ମା, ଯଶସ୍ୱୀ ଜୈସୱାଲ, ବିରାଟ କୋହଲି, ତିଳକ ବର୍ମା, କେ.ଏଲ୍ ରାହୁଲ (ଅଧିନାୟକ) (ୱିକେଟ୍ ରକ୍ଷକ), ଋଷଭ ପନ୍ତ (ୱିକେଟ୍ କିପର), ୱାଶିଂଟନ୍ ସୁନ୍ଦର, ରବିନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ନୀତୀଶ କୁମାର ରେଡ୍ଡୀ, ହର୍ଷିତ ରାଣା, ଋତୁରାଜ ଗାଏକୱାଡ, ଅର୍ଶଦୀପ ସିଂହ, ଧ୍ରୁବ୍ ଜୁରେଲ

ସେନୁରାନଙ୍କ ଶତକ, ବଡ଼ ସ୍କୋର କଲା ଦକ୍ଷିଣ ଆଫ୍ରିକା

ନୂଆଦିଲ୍ଲୀ, ୨୩।୧୧(ନ୍ୟୁ.ଏ): ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ୬ ୱିକେଟ୍ ହରାଇ ୨୪୭ ରନ୍ କରିଥିବା ଦକ୍ଷିଣ ଆଫ୍ରିକା ଆଜି ଦ୍ୱିତୀୟ ଦିନରେ ଆଉ ୨୪୨ ରନ୍ ଯୋଡ଼ି ଅଲ୍ ଆଉଟ୍ ହୋଇଛି । ସେନୁରାନ ମୁଥୁସାମୀ ୧୦୯ ଓ ମାର୍କୋ ଜେନସେନଙ୍କ ୯୩ ରନ୍ ବଳରେ ଦଳ ଦ୍ୱିତୀୟ ଦିନରେ ୨୪୨ ରନ୍ କରିବା ସହିତ ପ୍ରଥମ ଇନିଂସରେ ୪୮୯ ରନ୍ କରିଛି । ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଯଥାକ୍ରମେ ୨୫ ଓ ୧ ରନ୍ କରି ଅପରାଜିତ ଥିବା ସେନୁରାନ ମୁଥୁସାମୀ ଓ କାୟଲେ ଭେରେୟନ୍ନେ ଆଜି ଦଳର ପ୍ରଥମ ଇନିଂସକୁ ଭଲ ଢଙ୍ଗରେ ଆଗେଇ ନେଇଥିଲେ । କାୟଲେ ୪୫ ରନ୍ କରି ଆଉଟ୍ ହୋଇଯାଇଥିଲେ ହେଁ ସେନୁରାନ ମୁଥୁସାମୀଙ୍କୁ ବିଦା କରିବାକୁ ଭାରତୀୟ ବୋଲରଙ୍କୁ ବହୁ ସମୟ ଲାଗିଥିଲା । ଆଉ ସେତେବେଳକୁ ସେ ୨୦୬ ବଲ୍‌ରୁ ୧୦୯ ରନ୍ (୧୦ ଚୌକା, ୨ ଛକା) କରିସାରିଥିଲେ । ୩୧ ବର୍ଷୀୟ ଅଲରାଉଣ୍ଡର ସେନୁରାନଙ୍କ ଟେଷ୍ଟ କ୍ୟାରିୟରର ଏହା ହେଉଛି ପ୍ରଥମ ଶତକ । ୧୦୯ ରନ୍ କରିଥିବା ବେଳେ ମହମ୍ମଦ ସିରାଜଙ୍କ ବଲ୍‌ରେ ଯଶସ୍ୱୀ ଜୈସୱାଲଙ୍କ ହାତରେ ସେ କ୍ୟାଚ୍ ଆଉଟ୍ ହୋଇଥିଲେ । କାୟଲେ ଭେରେୟନ୍ନେ ଆଉଟ୍ ହୋଇଯିବା ପରେ କ୍ରିଜ୍‌କୁ ଆସିଥିବା ମାର୍କୋ ଜେନସେନ ଦମ୍‌ଦାର ଇନିଂସ ଖେଳିଥିଲେ । ସେ ୯୧ଟି ବଲ୍‌ରୁ ୬ଟି ଚୌକା ଓ ୭ଟି ଛକା ସହାୟତାରେ ୯୩ ରନ୍ କରିଥିବା ବେଳେ କୁଲଦୀପ ଯାଦବଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ । ମାର୍କୋଙ୍କ କ୍ୟାରିୟରରେ ଏହା ହେଉଛି ସବୁଠୁ ବଡ଼ ସ୍କୋର । ସମୋନ ହାରମର ୫ ରନ୍ କରିଥିବା ବେଳେ କେଶବ ମହାରାଜ ୧୨ ରନ୍ କରି ଅପରାଜିତ ରହିଥିଲେ । ଭାରତ ପକ୍ଷରୁ କୁଲଦୀପ ଯାଦବ ୪ଟି ୱିକେଟ୍ ନେଇଥିବା ବେଳେ ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ୱିକେଟ୍ ନେଇଛନ୍ତି । ଦକ୍ଷିଣ ଆଫ୍ରିକା ଅଲ୍‌ଆଉଟ୍ ହେବା ପରେ ଭାରତ ତା'ର ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରିଛି । ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳ କୌଣସି ୱିକେଟ ନହରାଇ ୯ ରନ୍ ସଂଗ୍ରହ କରିଛି । ଓପନର ଯଶସ୍ୱୀ ଜୈସୱାଲ ୭ ଓ କେଏଲ ରାହୁଲ ୨ ରନ୍ କରି ଅପରାଜିତ ରହିଛନ୍ତି ।

ଲକ୍ଷ ସେନ୍ ଜିତିଲେ ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡମିଂଟନ ଟାଇଟଲ୍

ନୂଆଦିଲ୍ଲୀ, ୨୩।୧୧(ନ୍ୟୁ.ଏ): ଷ୍ଟାର ଭାରତୀୟ ସଟଲର୍ ଲକ୍ଷ ସେନ୍ ଇତିହାସ ରଚିଛନ୍ତି । ବର୍ଷେ ପରେ ଫାଇନାଲ୍ ଜିତି ଟାଇଟେଲ ମରୁଡି ଶେଷ କରିଛନ୍ତି । ଅଷ୍ଟ୍ରେଲିଆ ଓପନ୍ ବ୍ୟାଡମିଂଟନ ଟାଇଟଲ ଜିତିଛନ୍ତି ଲକ୍ଷ୍ୟ ସେନ୍ । ଅଷ୍ଟ୍ରେଲିଆ ସିଡନୀରେ ଟାଇଟଲ ଲଢେଇରେ ମୁହାଁମୁହିଁ ହୋଇଥିଲେ ଲକ୍ଷ ଏବଂ ୟୁଶି । ଜାପାନର ୟୁଶି ଟାନାକାଙ୍କୁ ୨୧-୧୫, ୨୧-୧୧ ସେଟ୍‌ରେ ହରାଇ ଅଷ୍ଟ୍ରେଲିଆ ଓପନ୍ ଟାଇଟଲ ଜିତିଛନ୍ତି ଲକ୍ଷ । ୩୮ ମିନିଟ ସମୟ ନେଇ ବାଜି ମାରିନେଲେ ଲକ୍ଷ ସେନ୍ ଏହି ସଫଳତା ହାସଲ କରିବାରେ ସେ ଦ୍ୱିତୀୟ ଭାରତୀୟ ବ୍ୟାଡମିଂଟନ ପ୍ଲେୟାର ହୋଇଛନ୍ତି । ଭାରତର ଲକ୍ଷ ସେନ୍ ଅଷ୍ଟ୍ରେଲିଆ ଓପନ୍ ସୁପର ୫୦୦ ବ୍ୟାଡମିଂଟନ ଟୁର୍ଣ୍ଣାମେଂଟ ପୁରୁଷ ଏକକ ଫାଇନାଲରେ ଜାପାନର ୟୁଶୀଙ୍କୁ ହରାଇଛନ୍ତି । ବର୍ଷର ପ୍ରଥମ ଟାଇଟଲ ଜିତି ଟ୍ରଫି ମରୁଡ଼ିର ଶେଷ କରିଛନ୍ତି । ଟାଇଟେଲ ସହ ଲକ୍ଷ୍ୟଙ୍କୁ ୪୭୫,୦୦୦ ଡଲାର ପୁରସ୍କାର ରାଶି ମିଳିଛି । ଯାହା ପ୍ରାୟ ୪.୨୫ କୋଟି ଟଙ୍କା ହେବ । ପ୍ୟାରିସ୍ ଅଲମ୍ପିକରେ ଚତୁର୍ଥ ସ୍ଥାନରେ ରହିବା ପରେ ଖରାପ ସ୍ଥିତିରେ ଥିଲେ ୨୪ ବର୍ଷୀୟ ଲକ୍ଷ ସେନ୍ । ଅଷ୍ଟ୍ରେଲିଆ ଓପନ୍‌ରେ ଦମଦାର ପ୍ରଦର୍ଶନ କରି ୨୬ ବର୍ଷୀୟ ୟୁଶି ଟାନାକାଙ୍କୁ ୩୮ ମିନିଟ୍‌ରେ ପରାସ୍ତ କରିଛନ୍ତି । ବିଶ୍ୱ ଚାମ୍ପିଅନସିପର ୨୦୨୧ରେ କାଂସ୍ୟ ପଦକ ବିଜେତା ଲକ୍ଷ୍ୟ ଏହା ପୂର୍ବରୁ ୨୦୨୪ରେ ଲକ୍ଷ୍ନୌରେ ସଏଦ ମୋଦି ଇଂଟରନ୍ୟାସନାଲରେ ସୁପର ୩୦୦ ଟ୍ରଫି ଜିତିଥିଲେ । ସେହିବର୍ଷ ଡିସେମ୍ବରରେ ହଙ୍ଗକଙ୍ଗରେ ସୁପର ୫୦୦ରେ ଉପବିଜେତା ହୋଇଥିଲେ । ଚଳିତବର୍ଷ ଅର୍ଲିଅନ୍ସ ମାଷ୍ଟର୍ସ ସୁପର ୩୦୦ ଟାଇଟେଲ ଜିତିଥିବା ବିଶ୍ୱର ୨୬ ନମ୍ବର ଖେଳାଳି ଟାନାକାଙ୍କ ସାମ୍ନା କରି ଲକ୍ଷ ଗେମ୍ ୨ରେ ଦମଦାର ପ୍ରଦର୍ଶନ କରି ଗୋଟିଏ ବି ଗେମ୍ ନ ହାରି ବିଜୟୀ ହୋଇଛନ୍ତି । ଏହି ବିଜୟ ସହ ରାଜ୍ୟଗୋଷ୍ଠୀ କ୍ରୀଡା ଚାମ୍ପିଅନ ଲକ୍ଷ୍ ୟୁଏସ ଓପନ୍ ସୁପର ୩୦୦ ଟୁର୍ଣ୍ଣାମେଂଟ ଜିତିଥିବା ଆୟୁଷ ଶେଟ୍ଟୀଙ୍କ ପରେ ବିଡବ୍ଲୁଏଫ ୱାର୍ଲ୍ଡ ଟୁର୍ ଟାଇଟଲ ଜିତିବାରେ ଦ୍ୱିତୀୟ ଭାରତୀୟ ହୋଇଛନ୍ତି ।

ପୁଣି ଭାରତୀୟ ମହିଳା ବିଶ୍ୱ ଚାମ୍ପିଅନ୍

ନୂଆଦିଲ୍ଲୀ, ୨୩।୧୧(ନ୍ୟୁ.ଏ): ପୁଣି ଇତିହାସ ରଚିଲେ ଭାରତୀୟ ମହିଳା । ଦୃଷ୍ଟିବାଧିତ ମହିଳା କ୍ରିକେଟ ଟିମ୍ ଟି-୨୦ ବିଶ୍ୱକପରେ ଭାରତ ଚାମ୍ପିଅନ୍ । କଲୋମ୍ବୋରେ ଖେଳା ଯାଇଥିବା ଫାଇନାଲ୍ ମୁକାବିଲାରେ ନେପାଳକୁ ୭ ୱିକେଟରେ ହରାଇ ଚାମ୍ପିଅନ୍ ହୋଇଛି ଟିମ୍ ଇଣ୍ଡିଆ । ଭାରତ ପ୍ରଥମ ଥର ପାଇଁ ଦୃଷ୍ଟିବାଧିତ ମହିଳା ଟି-୨୦ ବିଶ୍ୱକପ୍ ଜିତି ଇତିହାସ ରଚିଛନ୍ତି । ଟସ୍ ଜିତି ଭାରତ ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ନେପାଳ ନିର୍ଦ୍ଧାରିତ ୨୦ ଓଭରରେ ପାଂଚ ୱିକେଟ ହରାଇ ୧୧୪ ରନରେ ସୀମିତ ରହିଥିଲା । ଜବାବରେ ଦମଦାର ବ୍ୟାଟିଂ ବଳରେ ଭାରତ ୧୩ ଓଭରରେ ମ୍ୟାଚ୍ ଜିତି ଟାଇଟେଲ୍ ନିଜ ନାଁରେ କରିଛନ୍ତି । ଫାଇନାଲ୍ ମ୍ୟାଚରେ ଚମକିଛନ୍ତି ଓଡ଼ିଆ ଝିଅ ଫୁଲ ସୋରେନ । ଫୁଲ ସୋରେନଙ୍କ ଦମଦାର ବ୍ୟାଟିଂ ଭାରତର ବିଜୟକୁ ସହଜ କରି ଦେଇଥିଲା । ଫୁଲଙ୍କ ଅଲ୍‌ରାଉଣ୍ଡର୍ ପ୍ରଦର୍ଶନ ପାଇଁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି । ଭାରତୀୟ ଦଳରେ ଓଡ଼ିଶାର ୪ ଜଣ ଖେଳାଳି ସ୍ଥାନ ପାଇଥିଲେ ।

ଅଲ୍ ଫଲାହ ୟୁନିଭର୍ସିଟିର ସଂଖ୍ୟାଲଘୁ ମାନ୍ୟତା ଉପରେ ବିପଦ

ନୂଆଦିଲ୍ଲୀ, ୨୩।୧୧(ନ୍ୟୁ.ଏ): ଦିଲ୍ଲୀ ବିସ୍ଫୋରଣ ପରେ ହୋଇଥିବା ତଦନ୍ତରେ ଅଲ୍ ଫଲାହ ୟୁନିଭର୍ସିଟିର ସଂଖ୍ୟାଲଘୁ ମାନ୍ୟତା ବିପଦ । ଜାତୀୟ ସଂଖ୍ୟାଲଘୁ ଶିକ୍ଷା ପ୍ରତିଷ୍ଠାନ ଆୟୋଗ (ଏନସିଏମ୍‌ଇଆଇ) ଅଲ୍-ଫଲାହ ମେଡିକାଲ କଲେଜର 'ସଂଖ୍ୟାଲଘୁ ମାନ୍ୟତା'କୁ ନେଇ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ଏହା ପୂର୍ବରୁ ୧୨ ନଭେମ୍ବରରେ ଜାତୀୟ ମୂଲ୍ୟାଙ୍କନ ଏବଂ ମାନ୍ୟତା ପରିଷଦ (ଏନ୍ଏଏସି) ମଧ୍ୟ ମାଇନରିଟି ଷ୍ଟାଟସ୍ ବା ସଂଖ୍ୟାଲଘୁ ମାନ୍ୟତା ଦାବିକୁ ନେଇ କଲେଜକୁ ନୋଟିସ ଜାରି କରିଥିଲେ । ନୋଟିସ୍ କାରଣ ଏନସିଏମ୍‌ଇଆଇ ୟୁନିଭର୍ସିଟିକୁ ପଚରା ଯାଇଥିଲା ଯେ, ତାଙ୍କର ସଂଖ୍ୟାଲଘୁ ମାନ୍ୟତା କାହିଁକି ରଦ୍ଦ କରାନଯିବ ? ଏହି ପଦକ୍ଷେପ ସେତେବେଳେ ଉଠାଯାଇଥିଲା ଯେତେବେଳେ ଆବେଦନକାରୀ ୧୦ ନଭେମ୍ବରରେ ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣରେ ସାମିଲ ଦୁଇ ବ୍ୟକ୍ତିଙ୍କ ସମ୍ପର୍କ ଏହି ସଂସ୍ଥା ସହ ପାଇଥିଲେ । କମିଶନ୍ ୟୁନିଭର୍ସିଟିର ରେଜିଷ୍ଟ୍ରାର ଓ ହରିୟାଣା ଶିକ୍ଷା ବିଭାଗର ପ୍ରଧାନ ସଚିବଙ୍କୁ ଡିସେମ୍ବରରେ ହେବାକୁ ଥିବା ଶୁଣାଣି ପାଇଁ ଡକାଉଛନ୍ତି । ନୋଟିସ୍‌ରେ ଅଲ୍-ଫଲାହରୁ ତାଙ୍କ ମ୍ୟାନେଜିଂ ବଡି, ଟ୍ରଷ୍ଟର ଢାଂଚା, ଫଣ୍ଡିଂର ସ୍ରୋତ, ନିଯୁକ୍ତି ପ୍ରକ୍ରିୟା ଓ ଜାତୀୟ ସଂଖ୍ୟାଲଘୁ ଶିକ୍ଷା ପ୍ରତିଷ୍ଠାନ ଆୟୋଗ ଅଧିନିୟମ, ୨୦୦୪ର ନିୟମ ପାଳନ ସମ୍ପର୍କିତ ଦସ୍ତାବିଜ ମଗାଯାଇଛି । କମିଶନ୍ ଟ୍ରଷ୍ଟ ଡିଡ୍, ମ୍ୟାନେଜମେଂଟ ସଂରଚନା, ଆଡମିସନର ସଂଖ୍ୟା, ଶିକ୍ଷକଙ୍କ ନିଯୁକ୍ତି, ଗଭର୍ନିଂ ବଡିର ବୈଠକର ବିବରଣୀ ଓ ଗତ ତିନି ବର୍ଷର ଆର୍ଥିକ ବିବରଣୀର ମୂଳ ରେକର୍ଡ ମଧ୍ୟ ମାଗିଛନ୍ତି । ଏହା ମଧ୍ୟରେ ହରିୟାଣା ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ସେ ଏକ ଭେରିଫିକେସନ୍ ରିପୋର୍ଟ ଦାଖଲ କରନ୍ତୁ । ଏହି ରିପୋର୍ଟରେ ୟୁନିଭର୍ସିଟିର ସଂଖ୍ୟାଲଘୁ ପ୍ରତିଷ୍ଠାନର ମାନ୍ୟତା ମିଳିବା ପରେ କରାଯାଇଥିବା ନୀରିକ୍ଷଣ, ତଦାରଖ କାର୍ଯ୍ୟ ଓ ବିଭାଗ ଏବଂ ୟୁନିଭର୍ସିଟି ଭିତରେ ହୋଇଥିବା ଆଲୋଚନାର ପୁରା ବିବରଣୀ ହେବା ଦରକାର । ମାମଲା ସମ୍ପର୍କି ସୂଚନା ରଖିଥିବା ଅଧିକାରୀଙ୍କ ଅନୁସାରେ, NCMEI ଏବେ ନିମ୍ନ ଲିଖିତ କଥାର ଯାଂଚ କରିବ । କ'ଣ ୟୁନିଭର୍ସିଟିର ସଂଚାଳନ ଏବେ ବି ସେହି ସଂଖ୍ୟାଲଘୁ ସମୁଦାୟ ଦ୍ୱାରା କରାଯାଉଛି, ଯାହାର ଟ୍ରଷ୍ଟରେ ପ୍ରତିନିଧିତ୍ୱ ରହିଛି ? କ'ଣ ୟୁନିଭର୍ସିଟିର ମାଲିକାନା କିମ୍ବା ନିୟନ୍ତ୍ରଣରେ କୌଣସି ପରିବର୍ତ୍ତନ ହୋଇଛି କି ? କ'ଣ ସଂଖ୍ୟାଲଘୁ ମାନ୍ୟତା ପାଇଁ ଜରୁରୀ ସର୍ତ୍ତ ଏବେ ବି ବଜାୟ ରହିଛି ? ୧୦ ନଭେମ୍ବରରେ ହୋଇଥିବା ବିସ୍ଫୋରଣ ପରେ ଏହି ସଂସ୍ଥା ଉପରେ ତଦନ୍ତ ଆହୁରି କଡାକଡି କରି ଦିଆଯାଉଛି । ବିସ୍ଫୋରଣରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିଲା ।

ଭାରତ ତିଆରି କଲା ୧ ହଜାର କିଲୋ ଓଜନର ବୋମା

ନୂଆଦିଲ୍ଲୀ, ୨୩।୧୧(ନ୍ୟୁ.ଏ): ଭାରତ ନିରନ୍ତର ଭାବରେ ଏହାର ସାମରିକ ପ୍ରଯୁକ୍ତିବିଦ୍ୟାକୁ ଆଧୁନିକୀକରଣ ଏବଂ ଆତ୍ମନିର୍ଭରଶୀଳ କରିବା ଦିଗରେ ଆଗକୁ ବଢୁଛି । ଏବେ DRDO ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରିଛି । ଭାରତୀୟ ବାୟୁସେନାର Su-30MKI ଲଢୁଆ ବିମାନରୁ ଦୂରଗାମୀ ଗ୍ଲାଇଡ୍ ବମ୍ ସଫଳତାର ସହ ପରୀକ୍ଷଣ କରାଯାଇଛି । 'ଗୌରବ' ନାମକ ଏହି ସ୍ୱଦେଶୀ ଅସ୍ତ୍ର ଦୂରରୁ ସଠିକତାର ସହିତ ଲକ୍ଷ୍ୟକୁ ଧ୍ୱଂସ କରିବାକୁ ସକ୍ଷମ । 'ଗୌରବ' ଏକ ଅସ୍ତ୍ର ଯାହା ବହୁତ ଦୂରତାରୁ ଗ୍ଲାଇଡ୍ ହୁଏ ଏବଂ ଲକ୍ଷ୍ୟକୁ ସଠିକ୍ ଭାବରେ ଆକ୍ରମଣ କରେ । ଏହାର ଦୀର୍ଘ ଦୂରତା ଏହାକୁ ଶତ୍ରୁ ବାୟୁ ପ୍ରତିରକ୍ଷା ପ୍ରଣାଳୀ ପାଇଁ ଚ୍ୟାଲେଞ୍ଜ କରିଥାଏ । ଏହାର ପରାକ୍ରମ ଏହାକୁ ବଙ୍କର ବିରୁଦ୍ଧରେ ଅତ୍ୟନ୍ତ ପ୍ରଭାବଶାଳୀ କରିଥାଏ । DRDO ଏହି ଅସ୍ତ୍ରକୁ ଦୁଇଟି ପ୍ରକାରରେ ବିକଶିତ କରିଛି । ପ୍ରଥମ ଭର୍ସନ ଗୌରବ-PCB, ବଙ୍କର ଭେଦ କରିବା ପାଇଁ ଡିଜାଇନ୍ କରାଯାଇଛି । ଦ୍ୱିତୀୟ ପ୍ରକାର, ଗୌରବ-ପିଏଫ୍, ରଣନୈତିକ ଲକ୍ଷ୍ୟସ୍ଥଳରେ ବହୁ କ୍ଷତି ପହଂଚାଇବା ପାଇଁ ବ୍ୟବହାର କରାଯିବ । ଏହାର ଓଜନ ୧ ହଜାର କିଲୋଗ୍ରାମ ରହିଛି । ଭାରତୀୟ ବାୟୁସେନାର Su-30MKI ପୂର୍ବରୁ ଅନେକ ଉନ୍ନତ ଅସ୍ତ୍ରଶସ୍ତ୍ର ସହିତ ସଜ୍ଜିତ । ଏହା ପୂର୍ବରୁ ବ୍ରହ୍ମ କ୍ଷେପଣାସ୍ତ୍ର, ଉଉଇଡ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ଏବଂ ବ୍ରହ୍ମୋସ-ଇ ସହିତ ସଜ୍ଜିତ, ଏବଂ ବର୍ତ୍ତମାନ 'ଗୌରବ'କୁ ଯୋଡିବା ଦ୍ୱାରା ବାୟୁସେନାକୁ ଏକ ବଡ ଶକ୍ତି ମିଳିବ । ବାସ୍ତବରେ ଲଢୁଆ ଜେଟ୍ ଇଞ୍ଜିନ ପାଇଁ ବିଦେଶୀ କମ୍ପାନୀ ଉପରେ ନିର୍ଭରଶୀଳତା ଦୀର୍ଘ ଦିନ ଧରି ଭାରତ ପାଇଁ ଏକ ପ୍ରମୁଖ ଚ୍ୟାଲେଞ୍ଜ ହୋଇଛି । ଏହି କାରଣରୁ ତେଜସ୍ ଗକ୨ ଏବଂ ଇଗଟଇ ଭଳି ସ୍ୱଦେଶୀ ଲଢୁଆ ବିମାନ ପାଇଁ ପ୍ରକଳ୍ପ ବିଳମ୍ବିତ ହୋଇଥିଲା । ବର୍ତ୍ତମାନ, ସରକାର ଏବଂ DRDO ଉଭୟ ମିଳିତ ଭାବରେ ସ୍ୱଦେଶୀ ଭାବରେ ଇଞ୍ଜିନ ଏବଂ ଅସ୍ତ୍ରଶସ୍ତ୍ର ପ୍ରଣାଳୀର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି । ବୋମା, କ୍ଷେପଣାସ୍ତ୍ର, ରାଡାର, ବାୟୁ ପ୍ରତିରକ୍ଷା ପ୍ରଣାଳୀ, ଇଲେକ୍ଟ୍ରୋନିକ୍ ଯୁଦ୍ଧ ପ୍ରଯୁକ୍ତିବିଦ୍ୟା - ଏହି ସମସ୍ତ କ୍ଷେତ୍ର ଦ୍ରୁତ ପ୍ରଗତି କରୁଛି ଯାହା ଦ୍ୱାରା ଆଗାମୀ ବର୍ଷଗୁଡ଼ିକରେ ଭାରତ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହୋଇପାରିବ ।

ବହୁ ପୂର୍ବରୁ ହୋଇଥିଲା ଲାଲକିଲ୍ଲା ବିସ୍ଫୋରଣ ପ୍ଲାନ୍ : ସତ ଓଗାଳିଲା ଡାକ୍ତର ମୁଜମ୍ମିଲ୍

ନୂଆଦିଲ୍ଲୀ, ୨୩।୧୧ (ଆ.ପ୍ର) : ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ ପୂର୍ବରୁ ଗିରଫ ହୋଇଥିବା ଅଲଫଲହା ୟୁନିଭର୍ସିଟିର ଡାକ୍ତର ମୁଜମ୍ମିଲ୍ ଶକିଲର ଜେରା ରିପୋର୍ଟ ସାମ୍ନାକୁ ଆସିଲା । ବିସ୍ଫୋରଣକୁ ନେଇ ଗୋଟି ଗୋଟି ସତ କହିଛି ଅଭିଯୁକ୍ତ । ସେ କାଶ୍ମୀରର ପୁଲଓ୍ୱାମା ଅଂଚଳର ବାସିନ୍ଦା । ଗିରଫ ପରେ ନଭେମ୍ବର ୧୦ ତାରିଖରେ ଶ୍ରୀନଗରର ପନ୍ଥଚୌକ ଥାନାରେ ପଚରାଉଚରା କରାଯାଇଥିଲା । ଜେରା ବେଳେ ଭାରତ ବିରୋଧୀ ବିଷ ଓଗାଳିଥିଲା ଡାକ୍ତର ମୁଜମ୍ମିଲ୍ ଶକିଲ୍ । ଫରିଦାବାଦର ଅଲଫଲାହ ହସ୍ପିଟାଲ୍‌ରେ ସେ ଚିଫ୍ ମେଡିକାଲ୍ ଅଫିସର୍ ଭାବେ କାମ କରୁଥିଲେ । ବାର୍ଷିକ ୯ ଲକ୍ଷରୁ ଅଧିକ ଟଙ୍କା ଉପାର୍ଜନ କରୁଥିଲେ । ୨୦୨୧ରେ ତାଙ୍କ ବନ୍ଧୁ ମୁଫତି ଇରଫାନ୍ ୱାଗେ ତାଙ୍କୁ ଆତଙ୍କୀ ଗତିବିଧି ଦିଗରେ ଉସୁକାଇଥିଲା । ଅନ୍ୟ ଜଣେ ମିତ୍ର ମୁଜାମିଲ୍ ତନ୍ତ୍ରେ ମଧ୍ୟ ଆତଙ୍କୀ କାର୍ଯ୍ୟକଳାପରେ ସାମିଲ୍ ହେବାକୁ କହିଥିଲା । ବିସ୍ଫୋରଣ ପାଇଁ ୨୦୨୩-୨୪ ମଧ୍ୟରେ ଓଜନ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ବ୍ୟବସ୍ଥା କରୁଥିଲା ଅଭିଯୁକ୍ତ ଫେରାର ଡାକ୍ତର ଉମର ନବୀ । ଏଥିପାଇଁ ଟଙ୍କା ଯୋଗାଡ଼ରେ ଅନେକ ଲୋକ ଲାଗିଥିଲେ । ଯାଂ ଏଜେନ୍ସିର ତଦନ୍ତ ରିପୋର୍ଟରୁ ପ୍ରକାଶ ପାଇଛି ଯେ ଆତଙ୍କୀ କାର୍ଯ୍ୟ ପାଇଁ ୨୬ ଲକ୍ଷ ଟଙ୍କା ଆଦାୟ ହୋଇଥିଲା । ଅଭିଯୁକ୍ତ ଡାକ୍ତର ଶକିଲ ୫ଲକ୍ଷ ଟଙ୍କା ଚାନ୍ଦା ବାବଦକୁ ଦେଇଥିଲା । ସେହିପରି ଡାକ୍ତର ଉମର ୨ ଲକ୍ଷ ଟଙ୍କା, ଡାକ୍ତର ମୁଜଫର୍ ରଦର ୬ ଲକ୍ଷ ଟଙ୍କା, ଡାକ୍ତର ଶାହିନ୍ ଶାହିଦ ୫ ଲକ୍ଷ ଟଙ୍କା ଦାନ କରିଡିଲେ । ଆତଙ୍କୀ କାର୍ଯ୍ୟପାଇଁ ମୋଟ୍ ୨୬ ଲକ୍ଷ ଟଙ୍କା ଆଦାୟ ହୋଇଥିଲା । ମୁଜମ୍ମିଲ୍ ସ୍ୱୀକାର କରିଛି ଯେ ସେ ଗୁରୁଗାଁଓ ଓ ନୁହଁରୁ ୨୬ କ୍ୱିଂଟାଲ୍ ଆମୋନିୟମ୍ ନାଇଟ୍ରେଡ୍ ସାର କିଣିଥିଲେ । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ । ଏହି ସବୁ IED ତିଆରି ପାଇଁ ରଖାଯାଇଥିଲା ।

ବିବାଦ ଭିତରେ ଶେଷ ହେଲା ଜି-୨୦ ସମ୍ମିଳନୀ

ନୂଆଦିଲ୍ଲୀ, ୨୩।୧୧(ନ୍ୟୁ.ଏ): ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀ ଏକ କୂଟନୈତିକ ବିବାଦ ସହିତ ଶେଷ ହୋଇଛି । ତାହା ହେଲା ଆମେରିକା ଏହି ସମ୍ମିଳନୀକୁ ବହିଷ୍କାର କରିଥିଲା ଏବଂ ଏହାର ଦୂତାବାସରୁ କେବଳ ଜଣେ କୂଟନୀତିଜ୍ଞଙ୍କୁ ପଠାଇଥିଲା । ଦକ୍ଷିଣ ଆଫ୍ରିକା ଆମେରିକାର ପ୍ରତିନିଧିଙ୍କୁ ଜୁନିଅର ବୋଲି କହି ଜି-୨୦ ଅଧ୍ୟକ୍ଷତା ପଦ ହସ୍ତାନ୍ତର କରିବାକୁ ମନା କରିଥିଲା । ପ୍ରତ୍ୟେକ ଶିଖର ସମ୍ମିଳନୀ ଶେଷରେ ପରବର୍ତ୍ତୀ ଦେଶକୁ ଅଧ୍ୟକ୍ଷତା ଦାୟିତ୍ୱ ହସ୍ତାନ୍ତର କରାଯାଏ । ୨୦୨୬ ରେ ଆମେରିକା ଜି-୨୦ ଅଧ୍ୟକ୍ଷ ହେବାର କାର୍ଯ୍ୟକ୍ରମ ରହିଛି । ଦକ୍ଷିଣ ଆଫ୍ରିକାର କହିବା ଅନୁସାରେ, ଆମେରିକା ପକ୍ଷରୁ କେବଳ ଦୂତାବାସର ଜଣେ ସାଧାରଣ ରାଷ୍ଟ୍ରଦୂତ ପଠାଇଛି । ଏହା ରାଷ୍ଟ୍ରପତି ସିରିଲ୍ ରାମାଫୋସାଙ୍କ ଅପମାନ । ଉଲ୍ଲେଖନୀୟ ଯେ, ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ସମ୍ମିଳନୀକୁ ବହିଷ୍କାର କରିଥିଲେ । ସେ ଅଭିଯୋଗ କରିଥିଲେ, ଦକ୍ଷିଣ ଆଫ୍ରିକାରେ ରଙ୍ଗଭେଦ ଓ ଆଂଟି-ହ୍ୱାଇଟ୍ ନୀତି ଚାଲିଛି । ସେଠିକାର ଆଫ୍ରିକୀୟ ଶ୍ୱେତ ସଂଖ୍ୟାଲଘୁଙ୍କୁ ନିର୍ଯାତନା ଦେଉଛନ୍ତି । ଦକ୍ଷିଣ ଆଫ୍ରିକାର ବୈଦେଶିକ ମନ୍ତ୍ରୀ ରୋନାଲଡ୍ ଲାମୋଲା କହିଛନ୍ତି, ଆମେରିକା ଜି-୨୦ର ସଦସ୍ୟ ରହିଛି । ଯଦି ସେ ପ୍ରତିନିଧିତ୍ୱ କରିବାକୁ ଚାହେଁ, ତେବେ ଠିକ୍ ସ୍ତରର ଅଧିକାରୀଙ୍କୁ ପଠାଇବା ଦରକାର । ସମ୍ମିଳନୀ ନେତାଙ୍କୁ ନେଇ ହୁଏ । ତେଣୁ ପ୍ରତିନିଧି କିମ୍ବା ଦେଶର ରାଷ୍ଟ୍ରପତି ହେବା ଦରକାର କିମ୍ବା ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ଦୂତ । ଅତି କମ୍ ୨ରେ ମନ୍ତ୍ରୀ ସ୍ତରର ବ୍ୟକ୍ତି ଆସିବା ଦରକାର । ଦକ୍ଷିଣ ଆଫ୍ରିକାର ବୈଦେଶିକ ମନ୍ତ୍ରୀ ରୋନାଲଡ୍ ଲାମୋଲା କହିଛନ୍ତି, ଆମେରିକା ଜି-୨୦ ର ସଦସ୍ୟ । ଯଦି ସେ ପ୍ରତିନିଧିତ୍ୱ କରିବାକୁ ଚାହିଁବ, ତେବେ ଉପଯୁକ୍ତ ସ୍ତରର ଅଧିକାରୀ ପଠାଇବା ଦରକାର । ସମ୍ମିଳନୀ ନେତାଙ୍କର ହୋଇଥାଏ । ଏଥିପାଇଁ ପ୍ରତିନିଧି, ଦେଶର ରାଷ୍ଟ୍ରପତି କିମ୍ବା ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ରାଷ୍ଟ୍ରଦୂତ ଆସିବା ଦରକାର । ଅତି କମ୍‌ରେ ମନ୍ତ୍ରୀ ସ୍ତରର ବ୍ୟକ୍ତି ରହିବା ଦରକାର । ଦକ୍ଷିଣ ଆଫ୍ରିକା ବୈଦେଶିକ ମନ୍ତ୍ରୀ କହିଛନ୍ତି, ଆମେରିକାର ଅଧ୍ୟକ୍ଷତାର ଔପଚାରିକ ହସ୍ତାନ୍ତରଣ ପରେ କରାଯିବ । ଏହା ସମ୍ଭବତ ଦକ୍ଷିଣ ଆଫ୍ରିକାର ବୈଦେଶିକ ମନ୍ତ୍ରଣାଳୟ ଭବନରେ ହେବ । ଏହା ଭିତରେ ଆମେରିକା ଓ ଦକ୍ଷିଣ ଆଫ୍ରିକା ଭିତରେ ବିବାଦ ବଢି ଯାଇଛି । ରାମାଫୋସା କହିଛନ୍ତି, ଆମେରିକା ନିଜର ନିଷ୍ପତି ବଦଳାଇ ଅନ୍ତିମ ସମୟରେ ସମ୍ମିଳନୀରେ ସାମିଲ ହେବାର ଇଚ୍ଛା ପ୍ରକାଶ କରିଛି । କିନ୍ତୁ ହ୍ୱାଇଟ ହାଉସ ଏହାକୁ ଖଣ୍ଡନ କରିଦେଇଛି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das